ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 44 ◆ISSUE-08 ◆THURSDAY ◆02 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୦୮ ◆ଗୁରୁବାର ◆୦୨ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ

▶ପୃଷ୍ଠା ୧୨ ଦେଖନ୍ତୁ...

# ଲାଗୁହେଲା 'ଜି-ରାମ-ଜି'

## ସର୍ବନିମ୍ନ ମଜୁରି ୩୦୦ ଟଙ୍କା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଜି-ରାମ-ଜି) ଆଜି ଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି କେନ୍ଦ୍ର ସରକାର। ସଂଶୋଧିତ ମଜୁରୀ ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରୀ ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରୀ ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରୀରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରୀ ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରୀ ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରୀ ହାର ୩୬୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା



### 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଉପରେ ମୋହର

### ୫ ବର୍ଷରେ ଖର୍ଚ୍ଚ ହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରି

■ ଭୁବନେଶ୍ୱର, ୧।୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧିନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥ୍‌ରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର (ଇଡି) ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ବୁଧବାର ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବାବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ▶ପୃଷ୍ଠା-୧୦

> ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ
>
> ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା

**କଟା ଘା'ରେ ଚୂନ**

### ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକୁ ଘୋଡ଼ାଇବା ସହ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## ଅକ୍ଟୋବର ଶେଷ ସୁଦ୍ଧା ପୁଲିସ୍ ଏସ୍ଆଇ ପରୀକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ସରିବ ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା। ଏନେଇ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍ଏସ୍ଏସ୍ସି) ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ। ପରୀକ୍ଷା ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ଆବେଦନ କରିଥିବା ସମସ୍ତ ପିଲା ପରୀକ୍ଷା ଦେଇପାରିବେ। ଆବେଦନକାରୀଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହେବନାହିଁ। ସେହିପରି ସିଲାବସ୍ ଓ ପରୀକ୍ଷା ଢାଞ୍ଚା ମଧ୍ୟ ଅପରିବର୍ତ୍ତିତ ରହିବ। ଓପିଆର୍‌ବି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦିଆଯାଇଥିବା ସିଲାବସ୍ ଅନୁଯାୟୀ ପରୀକ୍ଷା ହେବ। ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇସାରିଛି। ସମସ୍ତ କାର୍ଯ୍ୟ ସଠିକ୍ ଦିଗରେ ମଧ୍ୟ ଆଗେଇ ଚାଲିଛି। ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ତାଙ୍କର ପ୍ରାଥମିକତା ହେବ ବୋଲି କହିବା ସହ ଆଶାୟୀମାନଙ୍କୁ ପାଠପଢ଼ା ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ଅଧ୍ୟକ୍ଷଙ୍କ ସ୍ପଷ୍ଟୀକରଣ ପରେ ଧାରଣାରେ ବସିଥିବା ଆଶାୟୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୫ ଜାନୁଆରୀରେ ପ୍ରାୟ ୯୩୩ ପଦରେ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନି। ଚାକିରି ବିକ୍ରି ମସୁଧା କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଧରା ପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଅନେକ ବ୍ୟକ୍ତି ଗିରଫ ହୋଇଛନ୍ତି।

## ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



### ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ

■ ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ 'ଟିଭିକେ' (ତାମିଲିଗା ଭେଟ୍ରି କାଜାଗାମ) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦






# ଅକ୍ଟୋବରରେ ଶିମିଳିପାଳକୁ ଆସିବେ ମହାବଳ

## ଆଉ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଆଣିବା ନେଇ ଯୋଜନା

■ ବାରିପଦା, ୧।୭ (ସମିସ): ମହାରାଷ୍ଟ୍ରର ବାଘୁଣୀ "ଜୀନତ୍ ମା' ହେବା ପରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବଂଶ ବୃଦ୍ଧି ପାଇଛି। ପ୍ରତି ମାସରେ ବାଘୁଣୀ ସହ ଶାବକଙ୍କ ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ମହାବଳ ବାଘ ସ୍ଥାନାନ୍ତର ଦିଗରେ ବନ ବିଭାଗ ଅଣ୍ଟା ଭିଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ବାଘୁଣୀ ଓ ଗୋଟିଏ ମହାବଳ ଅଣାଯାଇ ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ତେବେ ସେମାନଙ୍କୁ କେଉଁ ଅଞ୍ଚଳରେ ଛଡ଼ାଯିବ ସେନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।



ବର୍ତ୍ତମାନ ସମୟରେ ମୌସୁମୀ ବାୟୁ ସାରା ଦେଶରେ ଅଗ୍ରସର ହେବା ସହ ବର୍ଷା ଲାଗିରହିଥିବାରୁ ଜଙ୍ଗଲରେ ମହାବଳ ଚିହ୍ନଟ ଓ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହେବ ନାହିଁ। ତେଣୁ ବର୍ଷା ଛାଡ଼ିବା ପରେ ହିଁ ଏହି ପ୍ରକ୍ରିୟା ଆଗେଇବ। ମହାରାଷ୍ଟ୍ରର ଯେଉଁ ଜଙ୍ଗଲରୁ ମହାବଳ ଆସିବ ସେନେଇ ସେଠାକାର ରାଜ୍ୟ ସରକାରଙ୍କ ସହ ଆଲୋଚନା ଶେଷ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦ୍ୱିତୀୟ ପର୍ଯ୍ୟାୟ ବାଘ ସ୍ଥାନାନ୍ତର ପୂର୍ବରୁ ଅନେକ ଔପଚାରିକ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ଯେଉଁଭଳି ପରିସ୍ଥିତି ଉପୁଜିଥିଲା ତାହାକୁ ଏଡ଼ାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ହେଉଛି। ଶିମିଳିପାଳ ଅଭୟାରଣ୍ୟକୁ ମହାବଳ ଆଣିବାକୁ ରାଜ୍ୟ ସରକାର ବହୁତ ସକାରାତ୍ମକ ରହିଛନ୍ତି। ତେବେ ବାସସ୍ଥାନ ଓ ବାଘ ଚୟନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। "ଜୀନତ୍' କ୍ଷେତ୍ରରେ ବାସସ୍ଥାନ ଖାପଖୁଆଇବା ନେଇ ଯେଉଁଭଳି ସମସ୍ୟା ହୋଇଥିଲା ତ'ର ▶ପୃଷ୍ଠା-୧୦



# ଦେଶ ବିଦେଶ



## ମହୁଆ ମୈତ୍ରଙ୍କ ସଭାରେ ଅଣ୍ଡା ମାଡ଼

ନଦିଆ, ୧।୭ (ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର କାଲିଗଞ୍ଜଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ରଙ୍କ ଏକ ଦଳୀୟ ବୈଠକ ଚାଲିଥିବା ସମୟରେ ତାଙ୍କୁ ଲକ୍ଷ୍ୟ କରି ଅଣ୍ଡା ମାଡ଼ ହୋଇଥିବା ଅଭିଯୋଗ ହୋଇଛି।



ବିରୋଧୀ ବିଜେପି ସମର୍ଥକମାନେ ବୈଠକ ସ୍ଥଳକୁ ଚାରିପଟୁ ଘେରିଯିବା ସହ ସେମାନଙ୍କୁ ସେଠାରୁ ବାହାରକୁ ଯିବାକୁ ଦେଇନଥିଲେ ବୋଲି ସାଂସଦ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ କିଛି ଭିଡିଓ ସେୟାର କରି ମହୁଆ ମୈତ୍ର ଦାବି କରିଛନ୍ତି ଯେ, କଳା ପତାକା ଧରିଥିବା ବିଜେପି କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଝରକା ବାଟେ ଭିତରକୁ ଅଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଫିଙ୍ଗିଥିଲେ, ଯାହା ମଧ୍ୟରୁ ଗୋଟିଏ ଅଣ୍ଡା ତାଙ୍କ ଦେହରେ ବାଜିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କୌଣସି ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଟିଏମସି ଏହାକୁ ଏକ ସୁଚିନ୍ତିତ ରାଜନୈତିକ ଆକ୍ରୋଶ ବୋଲି ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି।

## ଖାମନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାକୁ ଜୈନ ମୁନିଙ୍କୁ ନିମନ୍ତ୍ରଣ

ତେହେରାନ, ୧।୭ (ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ଧାର୍ମିକ ନେତା ଆୟାତୋଲ୍ଲା ସେୟଦ ଅଲୀ ଖାମେନେଇଙ୍କ ଆଗାମୀ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଭାରତର ଜୈନ ମୁନି ଆଚାର୍ଯ୍ୟ ଲୋକେଶଙ୍କୁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଛି। ବିଶ୍ୱ ଶାନ୍ତି କେନ୍ଦ୍ରର ପ୍ରତିଷ୍ଠାତା ତଥା ସର୍ବଧର୍ମ ସମନ୍ୱୟର ପ୍ରବକ୍ତା ଆଚାର୍ଯ୍ୟ ଲୋକେଶଙ୍କୁ ମିଳିଥିବା ଏହି ନିମନ୍ତ୍ରଣ ଏବେ ଅନ୍ତର୍ଜାତୀୟ କୂଟନୀତି କ୍ଷେତ୍ରରେ ଏକ ବିରଳ ମୁହୂର୍ତ୍ତ ସୃଷ୍ଟି କରିଛି। ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ପବିତ୍ର ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଚାର୍ଯ୍ୟ ଲୋକେଶ ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଜାତିସଂଘ ଏବଂ ବିଶ୍ୱର ବିଭିନ୍ନ ପ୍ରମୁଖ ମଞ୍ଚରେ ଜୈନ ଦର୍ଶନ, ଅହିଂସା ଓ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଚାର କରିଆସୁଛନ୍ତି। ରାଜନୈତିକ ଏବଂ ଆଦର୍ଶଗତ ମତଭେଦକୁ ଦୂର କରି ଧାର୍ମିକ ସଦ୍ଭାବନା ରକ୍ଷା କରିବାରେ ତାଙ୍କର ପ୍ରଚେଷ୍ଟା ପାଇଁ ଇରାନ ସରକାର ତାଙ୍କୁ ଏହି ସମ୍ମାନଜନକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଛନ୍ତି। ଏହି ନିମନ୍ତ୍ରଣ ଭାରତ ଓ ଇରାନ ମଧ୍ୟରେ ଥିବା ସାଂସ୍କୃତିକ ତଥା ପାରମ୍ପରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରୁଛି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପକ୍ଷରୁ ସରକାରୀ ପ୍ରତିନିଧି ଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ ବିହାରର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ସେୟଦ ଅତା ହସନେନ ଯୋଗଦେବେ। ସରକାରୀ କୂଟନୀତି ସହିତ ଆଚାର୍ଯ୍ୟ ଲୋକେଶଙ୍କ ଭଳି ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ଉପସ୍ଥିତି ବିଶ୍ୱ ଦରବାରରେ ଭାରତର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ପ୍ରତିପାଦିତ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ବଠିଣ୍ଡାରେ ସଡ଼କ ଦୁର୍ଘଟଣାରେ ୪ ଅମରନାଥ ଯାତ୍ରୀ ମୃତ

ବଠିଣ୍ଡା, ୧।୭ (ଏଜେନ୍ସି): ପଞ୍ଜାବର ବଠିଣ୍ଡା-ବିକାନେର ଜାତୀୟ ରାଜପଥରେ ବୁଧବାର ସକାଳ ପ୍ରାୟ ୫ଟା ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଅମରନାଥ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟେମ୍ପୋ ଟ୍ରାଭେଲର ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରେଲର୍ (ଟ୍ରକ୍) ପଛରେ ପିଟି ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକମାନେ ରାଜସ୍ଥାନର ବାଡ଼ମେର (ବାଲୋତ୍ରା) ଅଞ୍ଚଳର ଏବଂ ସେମାନେ ଅମରନାଥ ଯାତ୍ରା ପୂର୍ବରୁ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ଟେମ୍ପୋ ଟ୍ରାଭେଲର ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଛି। ସ୍ଥାନୀୟ 'ସହାରା ଜନସେବା ସଂସ୍ଥା'ର କର୍ମୀ ଏବଂ ସୁରକ୍ଷାବଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ବଠିଣ୍ଡାର ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏଆଇଆଇଏମ୍ଏସ୍)ରେ ଭର୍ତ୍ତି କରାଯାଇଛି। ସେହିପରି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସରକାରୀ ମାଲଖାନାରେ ରଖାଯାଇଛି। ଡ୍ରାଇଭର ଜଣକ ଗାଡ଼ି ଚଳାଇବା ସମୟରେ ଶୋଇପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

## ଆମେରିକା ବନ୍ୟାରେ ଭାରତୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ

ୱାସିଂଟନ୍, ୧।୭ (ଏଜେନ୍ସି): ଆମେରିକାର କାନସାସ୍‌ରେ ଆକସ୍ମିକ ବନ୍ୟା ଯୋଗୁଁ ଜଣେ ୩୩ ବର୍ଷୀୟ ଭାରତୀୟ ଆଇଟି ପେସାଦାର ତଥା ଛାତ୍ରଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଆନ୍ଧ୍ରପ୍ରଦେଶର ଭେଙ୍କଟେଶ ଦୋପାଲାପୁଡି। ସେ ଆମେରିକାର ଓମାହା ସହରରେ ରହୁଥିଲେ ଏବଂ ତାଙ୍କ



ପାଖରେ ଏଚ୍-ୱାନବି ଭିସା ମଧ୍ୟ ଥିଲା। ଶନିବାର ଅପରାହ୍ଣରେ ଭେଙ୍କଟେଶ କାର୍ ଚଲାଇ ହ୍ୟୁଷ୍ଟନ ଯାଉଥିବା ସମୟରେ ପ୍ରବଳ ଝଡ଼ବର୍ଷା ଯୋଗୁଁ କାନସାସ୍‌ର ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଏକ ବ୍ରିଜ୍ ନିକଟରେ ତାଙ୍କ ଗାଡ଼ିଟି ବନ୍ୟା ଜଳର ପ୍ରଖର ସ୍ରୋତରେ ଭାସି ଯାଇଥିଲା। ପାଣିର ସ୍ରୋତ ଏତେ ପ୍ରବଳ ଥିଲା ଯେ ଉଦ୍ଧାରକାରୀ ଦଳ ତୁରନ୍ତ ତାଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇନଥିଲା। ପରଦିନ ପୁଲିସ ଡ୍ରୋନ୍ ଏବଂ ହେଲିକପ୍ଟର ସାହାଯ୍ୟରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଦୁଃଖଦ ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂତାବାସ ଗଭୀର ଶୋକ ପ୍ରକାଶ କରିବା ସହ ଭେଙ୍କଟେଶଙ୍କ ପରିବାର ସହ ଯୋଗାଯୋଗ କରିଛି। ମୃତଦେହକୁ ଭାରତ ଫେରାଇ ଆଣିବା ପାଇଁ ସ୍ଥାନୀୟ ପ୍ରଶାସନ ସହ ମିଳିତ ଭାବେ ଆଇନଗତ ପ୍ରକ୍ରିୟା ଜାରି ରହିଛି। ଶେଷକୃତ୍ୟ ଏବଂ ସାହାଯ୍ୟ ପାଇଁ ସୋସିଆଲ ମିଡିଆରେ ଅର୍ଥ ସଂଗ୍ରହ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି।

## ଡାକ୍ତରଖାନାରେ ଅମାନୁଷିକତା



ରାୟବରେଲି, ୧।୭ (ଏଜେନ୍ସି): ଉତ୍ତର ପ୍ରଦେଶର ରାୟବରେଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅତି ନିନ୍ଦନୀୟ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନାର ଜଣେ ମହିଳା ସଫେଇ କର୍ମଚାରୀ ଜଣେ ଅସହାୟ ରୋଗୀଙ୍କୁ ଅତି ଅମାନୁଷିକ ଭାବେ ମାତ୍ର ୩୫ ସେକେଣ୍ଡ ଭିତରେ ୧୦ ରୁ ଅଧିକ ଥର ଗୋଇଠା ମାରିବା ସହ ଗାଳିଗୁଲଜ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଛି।

**ରୋଗୀଙ୍କୁ ୩୫ ସେକେଣ୍ଡରେ ୧୦ରୁ ଅଧିକ ଗୋଇଠା**

ଏହି ଘଟଣାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶ କ୍ରମେ, ଚିକିତ୍ସାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଛନ୍ତି। ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ନିଲମ୍ବିତ କର୍ମଚାରୀଙ୍କ ନାମ ପିଙ୍କି ଏବଂ ସେ ସେଠାରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସରକାରୀ କର୍ମଚାରୀ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଘଟଣାର ସଠିକ୍ ଅନୁସନ୍ଧାନ ପାଇଁ ତିନି ଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି, ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ରୋଗୀଙ୍କ ସହ କୌଣସି ପ୍ରକାରର ଦୁର୍ବ୍ୟବହାର କିମ୍ବା ଅମାନୁଷିକ ଆଚରଣକୁ ଆଦୌ ବରଦାସ୍ତ କରାଯିବ ନାହିଁ।



## ମୃତଦେହରୁ ଗାଏବ ମସ୍ତିଷ୍କ, ହୃତ୍‌ପିଣ୍ଡ ଓ ଫୁସଫୁସ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଭେନେଜୁଏଲାରେ ରହସ୍ୟଜନକ ଭାବେ ପ୍ରାଣ ହରାଇଥିବା ଜଣେ ଭାରତୀୟ ନାବିକଙ୍କ ମୃତଦେହ ସ୍ୱଦେଶ ଫେରିବା ପରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ବାସିନ୍ଦା ୩୩ ବର୍ଷୀୟ ରାକେଶ ଚୌହାନଙ୍କ ମୃତଦେହରୁ ମସ୍ତିଷ୍କ, ହୃତପିଣ୍ଡ, ଫୁସଫୁସ, ଯକୃତ ଓ କିଡନୀ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଗାଏବ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ଭାରତୀୟ ନାବିକ ସଂଘ (ଏଫଏସୟୁଆଇ) ଏବଂ ମୃତକଙ୍କ ପରିବାର ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାକେଶ ଗତ ୨୦୨୫ ନଭେମ୍ବରରେ ଏକ ବାଣିଜ୍ୟିକ ଜାହାଜରେ କାର୍ଯ୍ୟ କରିବାକୁ ଭେନେଜୁଏଲା ଯାଇଥିଲେ। ଚଳିତ ବର୍ଷ ମେ ମାସରେ ଜାହାଜରେ ପଡ଼ିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସମ୍ପୃକ୍ତ କମ୍ପାନୀ ପରିବାର ଲୋକଙ୍କୁ ଜଣାଇଥିଲା। ଗତ ଜୁନ୍ ୪ ତାରିଖରେ ମୃତଦେହ ଗାଁରେ ପହଞ୍ଚିବା ପରେ, ସନ୍ଦେହ ହେବାରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ଭାରତରେ ଦ୍ୱିତୀୟ ଥର ପାଇଁ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଡାକ୍ତରୀ ଦଳଙ୍କ ରିପୋର୍ଟ ଅନୁଯାୟୀ, ମୃତଦେହରେ ଗୋଟିଏ ହେଲେ ବି ଅଙ୍ଗ ନଥିଲା ଏବଂ ଶରୀରରେ ବ୍ୟାପକ ସିଲେଇ ଚିହ୍ନ ରହିଥିଲା। ଶରୀରରେ କୌଣସି ଅଙ୍ଗ ନଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଭେନେଜୁଏଲା ପ୍ରଶାସନ କିମ୍ବା ସମ୍ପୃକ୍ତ କମ୍ପାନୀ ପକ୍ଷରୁ କୌଣସି ଶବ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ସ୍ପଷ୍ଟୀକରଣ ଦିଆଯାଇ ନଥିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛନ୍ତି। ସାଧାରଣତଃ ଅନୁସନ୍ଧାନ ପାଇଁ ପ୍ରଥମ ଶବ ବ୍ୟବଚ୍ଛେଦ ସମୟରେ କିଛି ଅଙ୍ଗ ବାହାର କରାଯାଉଥିଲେ ବି, ଏଭଳି ସମସ୍ତ ଅଙ୍ଗ ଗାଏବ ହେବା ଅଙ୍ଗ ଚୋରା ଚାଲାଣର ସନ୍ଦେହ ବଢ଼ାଉଛି। ଏହି ମାମଲାରେ ଭାରତୀୟ ଦୂତାବାସ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ପାଣି ପାଇଁ ଆଣ୍ଠେଇଲାଣି ପାକିସ୍ତାନ

ଇସଲାମାବାଦ, ୧।୭ (ଏଜେନ୍ସି): ଭୀଷଣ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନ ଏବେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ ହୁଏ, ତେବେ କାଗଜପତ୍ରରେ ଥିବା ସମଗ୍ର ବିଶ୍ୱ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି। ୨୦୨୫ ମସିହା ଅପ୍ରେଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇବା ପରେ ଭାରତ ଏହି ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଏହା ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ତୀବ୍ର ହୋଇଛି। ଏହି ସଙ୍କଟକୁ ନେଇ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ, ଭାରତ ପକ୍ଷରୁ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଜଳକୁ କେବେ ବି ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଏହା ସହ ସେ ଧମକପୂର୍ଣ୍ଣ ସ୍ୱରରେ କହିଛନ୍ତି ଯେ, ପାକିସ୍ତାନର ଜଳରାଶିକୁ ରୋକିବା କିମ୍ବା ବଦଳାଇବା ଚେଷ୍ଟାକୁ ଏକ 'ଯୁଦ୍ଧର ଆହ୍ୱାନ' ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ମୁଖ୍ୟ ବିଲାୱାଲ ଭୁଟ୍ଟୋ ଜରଦାରୀ କହିଛନ୍ତି ଯେ ସିନ୍ଧୁ ନଦୀ ପାକିସ୍ତାନର ଜୀବନରେଖା ଏବଂ ଏହାକୁ ନେଇ କୌଣସି ବୁଝାମଣା କରାଯିବ ନାହିଁ। ପାକିସ୍ତାନର ଅନ୍ୟ ଜଣେ ମନ୍ତ୍ରୀ ମୁସାଦିକ୍ ମଲିକ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ

**■ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲକୁ ନେଇ ଚିନ୍ତା**
**■ ଚୁକ୍ତି ଭାଙ୍ଗିଲେ 'ଭୁଶୁଡ଼ି ପଡ଼ିବ ବିଶ୍ୱ ବ୍ୟବସ୍ଥା'**

ଗଠିତ ହୋଇଥିବା କୌଣସି ବିଶ୍ୱ ନିୟମ ସୁରକ୍ଷିତ ରହିବ ନାହିଁ ଯଦି ଏହି ଚୁକ୍ତି ଭାଙ୍ଗିଯାଏ। ଏହି ସମ୍ପର୍କରେ ନୂଆଦିଲ୍ଲୀ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ମିଳିତ ଜାତିସଂଘର ଏକ କାର୍ଯ୍ୟକ୍ରମରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ ସ୍ପଷ୍ଟ କରିଛନ୍ତି ଯେ, ବାରମ୍ବାର ଉତ୍ତେଜନାମୂଳକ କାର୍ଯ୍ୟ ଏବଂ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଭାରତ ଏହି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ଦୃଢ଼ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେପର୍ଯ୍ୟନ୍ତ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରହିବ। ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ନିୟମ ଅନୁଯାୟୀ, ପୂର୍ବ ନଦୀଗୁଡ଼ିକ (ରାବି, ସୁତଲେଜ ଓ ବ୍ୟାସ)ର ଜଳ ଭାରତ



ନିୟନ୍ତ୍ରଣ କରୁଥିବାବେଳେ ପଶ୍ଚିମ ନଦୀଗୁଡ଼ିକ (ସିନ୍ଧୁ, ଝେଲମ ଓ ଚେନାବ) ର ଜଳ ପାକିସ୍ତାନକୁ ମିଳିଥାଏ। ୧୯୬୫, ୧୯୭୧ ଏବଂ କାର୍ଗିଲ ଯୁଦ୍ଧ ସମୟରେ ମଧ୍ୟ ଏହି ଚୁକ୍ତି ବଳବତ୍ତର ରହିଥିଲା, ମାତ୍ର ୨୦୨୫ ମସିହାର ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଇ ଆସୁଥିବା ପାକିସ୍ତାନ ଏବେ ନିଜର ଦୁର୍ଦ୍ଦଶା ପାଇଁ ବିଶ୍ୱ ସମୁଦାୟ ଆଗରେ ଗୁହାରି କରୁଛି। ମାତ୍ର ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି ଯେ, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ।

## ଅଶାନ୍ତ ହେଉଛି ପିଓକେ

ଇସଲାମାବାଦ, ୧।୭ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ରାୱାଲାକୋଟ୍‌ଠାରେ ପାକିସ୍ତାନ ସରକାର ବିରୋଧରେ ଗଣ-ବିଦ୍ରୋହ ତୀବ୍ର ରୂପ ଧାରଣ କରିଛି। 'ଜାମ୍ମୁ ଆଣ୍ଡ କାଶ୍ମୀର ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ଏକାଠି ହୋଇ 'ଆମେ ପାକିସ୍ତାନର ଅଂଶ ନୋହୁଁ' ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ସରକାର ବିରୋଧୀ ଆନ୍ଦୋଳନକୁ ଦବାଇବା ପାଇଁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାୟ ୬୦୦ରୁ ଅଧିକ ସଂଗଠନକାରୀଙ୍କୁ ଗିରଫ କରାଯାଇଛି। ଏପରିକି ସରକାରଙ୍କ ଦ୍ୱାରା ୧ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ମୁଖ୍ୟ ନେତା ଶୌକତ ନୱାଜ ମୀରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୂର୍ବରୁ କେବଳ ମହଙ୍ଗା ମାଡ଼, ଖାଦ୍ୟ ସଙ୍କଟ ଓ ପ୍ରଶାସନିକ ଅବହେଳାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ଏକ ବଡ଼ ରାଜନୈତିକ ବିଦ୍ରୋହର ରୂପ ନେଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ସୁରକ୍ଷାବଳ ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛି। ଆସନ୍ତା ଜୁଲାଇ ୨୭ ତାରିଖରେ ଏହି ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଭଳି ହିଂସାତ୍ମକ ପରିସ୍ଥିତି ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି।

## ହତ୍ୟା ପରେ କେତନଙ୍କ ଫୋନ୍ ନେଇଯାଇଥିଲେ ସିୟା

ପୁଣେ, ୧।୭ (ଏଜେନ୍ସି): ପୁଣେର ଜଣାଶୁଣା ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ରହସ୍ୟଜନକ ହତ୍ୟା ମାମଲାରେ ପୋଲିସ ଏକ ନୂଆ ତଥ୍ୟ ସାମ୍ନାକୁ ଆଣିଛି। ପୋଲିସର ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ତାଙ୍କ ଭାବି ପତ୍ନୀ ସିୟା ଗୋୟଲଙ୍କ ପାଖରେ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ କେତନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସେହି ସମୟ ମଧ୍ୟରେ ସିୟା ଫୋନ୍‌ରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ କିମ୍ବା ବାର୍ତ୍ତା କାଟି ଦେଇଛନ୍ତି କିମ୍ବା ବଦଳାଇ ଦେଇଛନ୍ତି କି ନାହିଁ, ସେ ନେଇ ପୋଲିସ ବର୍ତ୍ତମାନ ଯାଞ୍ଚ କରୁଛି। ଗତ ଜୁନ୍ ୧୮ ତାରିଖରେ ପୁଣେ ଜିଲ୍ଲାର ଐତିହାସିକ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ଦେଇ କେତନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ୨୦ ବର୍ଷୀୟା ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଆସନ୍ତା ନଭେମ୍ବର ମାସରେ କେତନ ଏବଂ ସିୟାଙ୍କର ବିବାହ ହେବାର ଥିଲା। ବୁଧବାର ଦିନ ପୁଣେ ଗ୍ରାମୀଣ ପୋଲିସ ଅଭିଯୁକ୍ତ ଚେତନଙ୍କୁ ଘଟଣାସ୍ଥଳକୁ ନେଇ

**ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ**



ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ପୁନଃ ପ୍ରଦର୍ଶନ ବା ରୂପାୟନ କରିଛି। ଏହାପୂର୍ବରୁ ରବିବାର ଦିନ ସିୟାଙ୍କ ଉପସ୍ଥିତିରେ ଏକ ପୁତଳାକୁ ପାହାଡ଼ରୁ ତଳକୁ ଫିଙ୍ଗି ପୋଲିସ ଘଟଣାର ଯାଞ୍ଚ କରିଥିଲା। କେତନଙ୍କ ପିତା ବିଶାଳ ଅଗ୍ରୱାଲ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, କେତନ ପ୍ରାୟତଃ ସିୟା ଏବଂ ଚେତନଙ୍କ ଅତି ନିବିଡ଼ ସମ୍ପର୍କକୁ ନେଇ ଚିନ୍ତିତ ରହୁଥିଲେ।

## ଭାରତ-ପାକ୍ ସମ୍ପର୍କ ସୁଧାରିବା ପାଇଁ ମୋଦୀ ଓ ସରିଫଙ୍କୁ ୧୧୭ ବିଶିଷ୍ଟ ନାଗରିକଙ୍କ ଚିଠି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଦୂର କରି ଶାନ୍ତି ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ଆଲୋଚନା ପୁନର୍ବାର ଆରମ୍ଭ କରିବା ପାଇଁ ଦୁଇ ଦେଶର ୧୧୭ ଜଣ ବିଶିଷ୍ଟ ବ୍ୟକ୍ତି ମିଳିତ ଭାବେ ଅପିଲ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଏକ ସ୍ପଷ୍ଟ ପତ୍ର ଲେଖିଛନ୍ତି। ଏହି ପତ୍ରରେ ଭାରତର ୬୧ ଜଣ ଏବଂ ପାକିସ୍ତାନର ୫୬ ଜଣ ପ୍ରମୁଖ ରାଜନେତା, ପୂର୍ବତନ କୂଟନୀତିଜ୍ଞ ଏବଂ ବୁଦ୍ଧିଜୀବୀ ସ୍ୱାକ୍ଷର କରିଛନ୍ତି। ଏହି ନାଗରିକମାନେ ଦୁଇ ଦେଶର ସରକାରଙ୍କୁ ଦୀର୍ଘଦିନର ଶତ୍ରୁତା ଶେଷ କରି ପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଉଭୟ ଦେଶରେ ଉଚ୍ଚାୟୁକ୍ତ ନିଯୁକ୍ତି, ସାଧାରଣ ଭିସା ସେବା ପୁନଃ ପ୍ରଚଳନ, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଆକାଶମାର୍ଗ ଖୋଲିବା ଏବଂ ଅଟ୍ଟାରୀ-ୱାଘା ସୀମା ଦେଇ ବାଣିଜ୍ୟ କାରବାର ଆରମ୍ଭ କରିବାକୁ ଚିଠିରେ ପ୍ରସ୍ତାବ ଦିଆଯାଇଛି। ଏହା ସହ ଶ୍ରୀନଗର-ମୁଜାଫରାବାଦ ବସ୍ ସେବା ଏବଂ କାର୍ତ୍ତାରପୁର କରିଡର ଭଳି ସାଂସ୍କୃତିକ ତଥା ଧାର୍ମିକ ସ୍ଥଳଗୁଡ଼ିକୁ ଯାତାୟାତ ସହଜ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତ ଏବଂ ପାକିସ୍ତାନ ମିଶି ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ। ଏହି ଦୁଇ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ, ପ୍ରଗତି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ହିଁ ଏକମାତ୍ର ମାଧ୍ୟମ।

# ଆସାମରେ ବନ୍ୟା ପରିସ୍ଥିତି ସଂଗିନ

ଗୌହାଟୀ, ୧।୭ (ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଲଗାତାର ବର୍ଷା ଯୋଗୁଁ ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ପ୍ରମୁଖ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬, ୦୦୦ରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଚଳିତ ବନ୍ୟା ଋତୁରେ ଧେମାଜୀ ଜିଲ୍ଲାରେ ଜଣେ ମହିଳାଙ୍କର ପ୍ରାଣହାନି ଘଟିଛି, ଯାହା ଚଳିତ ବର୍ଷର ପ୍ରଥମ

**■ ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର**
**■ ୬ଟି ଜିଲ୍ଲାର ୪୬ ହଜାର ପ୍ରଭାବିତ**

ବନ୍ୟାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆସାମ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ରାଜ୍ୟର ଧେମାଜୀ, ନଳବାଡ଼ି, ଡିବ୍ରୁଗଡ଼, ଚିରାଙ୍ଗ, ଲଖିମପୁର ଏବଂ ବିଶ୍ୱନାଥ ଜିଲ୍ଲାର ପ୍ରାୟ ୨୨୧ଟି ଗ୍ରାମ ବନ୍ୟା ଜଳରେ ବୁଡ଼ି ରହିଛି। ଏହା ମଧ୍ୟରୁ ଧେମାଜୀ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ପ୍ରାୟ ୪୫, ୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁଁ ୩, ୮୦୯ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିବା ସହ ବହୁଳ ପରିମାଣରେ ଫସଲ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ବାସହୀନ ହୋଇପଡ଼ିଥିବା ଲୋକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀ ଏବଂ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲାଯାଇଛି। ମଣିଷଙ୍କ ସହ



ପ୍ରାୟ ୮୮, ୦୦୦ରୁ ଅଧିକ ଗୃହପାଳିତ ପଶୁ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଭଙ୍ଗାହେଲା ସରକାରୀ ଅଧିକାରୀଙ୍କ ବିଳାସପୂର୍ଣ୍ଣ ବଙ୍ଗଳା

ନର୍ମଦା, ୧।୭ (ଏଜେନ୍ସି): ଗୁଜରାଟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟସ୍ଥ ଗରୁଡ଼େଶ୍ୱର ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ଅତି ବିଳାସପୂର୍ଣ୍ଣ ବଙ୍ଗଳା ଏବଂ ପ୍ରାସାଦ ଉପରେ ପ୍ରଶାସନର ବୁଲଡୋଜର ଚାଲିଛି। ଗତ ୪-୫ ଦିନ ହେବ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ଏହି ମେଗା ଉଚ୍ଛେଦ ଅଭିଯାନ ଜାରି ରହିଛି। ବିଶେଷ କଥା ହେଉଛି, ଏହି ସବୁ ବେଆଇନ ବଙ୍ଗଳା ଗୁଜରାଟ ସରକାରଙ୍କ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ (ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅଫିସର)ଙ୍କର ଅଟେ। ୨୦୧୯ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଆରଏସ ନିନାମାଙ୍କ ସମୟରେ ୧୩ ଜଣ ବରିଷ୍ଠ ଅଧିକାରୀଙ୍କୁ ଅତି ଶସ୍ତା ଦରରେ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ଏହି ଆବଣ୍ଟନରେ ଅନିୟମିତତା ଜଣାପଡ଼ିବା ପରେ ସରକାର ସେହି ବର୍ଷ ହିଁ ୬ଟି ପ୍ଲଟ୍ ଫେରାଇ ନେଇଥିଲେ। ବାକି ୭ଟି ପ୍ଲଟ୍ ମଧ୍ୟରୁ ୫ଟିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ବିରାଟ ବଙ୍ଗଳାକୁ ଏବେ ଭଙ୍ଗାଯାଉଛି। ଅନ୍ୟ ୨ ଜଣ ଅଧିକାରୀ କୋର୍ଟରୁ ସ୍ଥଗିତାଦେଶ ଆଣିବାରେ ସଫଳ ହୋଇଛନ୍ତି। ନିୟମ ଅନୁଯାୟୀ, ଏହି ଅଫିସରମାନଙ୍କୁ କେବଳ ରହିବା ପାଇଁ ଛୋଟ ପାରିବାରିକ ଘର ତିଆରି କରିବାକୁ ଅନୁମତି ମିଳିଥିଲା। ମାତ୍ର ଆରଟିଆଇ ଏବଂ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଅଧିକାରୀମାନେ ନିଜ ପଦବୀର ଅପବ୍ୟବହାର କରି ପର୍ଯ୍ୟଟନ ଜୋନ୍‌ର ଫାଇଦା ଉଠାଇବା ପାଇଁ ୧୫ରୁ ଅଧିକ ରୁମ୍ ବିଶିଷ୍ଟ ବଡ଼ ବଡ଼ କମର୍ସିଆଲ୍ ହୋମଷ୍ଟେ ଓ ବିଳାସପୂର୍ଣ୍ଣ ରିସର୍ଟ ନିର୍ମାଣ କରିଦେଇଥିଲେ।

## କେବଳ ପ୍ରମାଣପତ୍ର ଥିଲେ ହିନ୍ଦୁ ବିବାହ ବୈଧ ନୁହେଁ

### ପରମ୍ପରା ଓ ରୀତିନୀତି ମଧ୍ୟ ଜରୁରୀ: ଗୁଜରାଟ ହାଇକୋର୍ଟ

ଅହମଦାବାଦ, ୧।୭ (ଏଜେନ୍ସି): କେବଳ ମ୍ୟାରେଜ୍ ସାର୍ଟିଫିକେଟ୍ (ବିବାହ ପ୍ରମାଣପତ୍ର) କିମ୍ବା ପଞ୍ଜୀକରଣ (ରେଜିଷ୍ଟ୍ରେସନ) ଆଧାରରେ ଏକ ହିନ୍ଦୁ ବିବାହକୁ ଆଇନଗତ ଭାବେ ବୈଧ କୁହାଯାଇପାରିବ ନାହିଁ ବୋଲି ଗୁଜରାଟ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ହିନ୍ଦୁ ମ୍ୟାରେଜ ଆକ୍ଟ) ଅନୁଯାୟୀ ନିର୍ଦ୍ଧାରିତ ସମସ୍ତ ରୀତିନୀତି ଏବଂ ପରମ୍ପରା ପାଳନ କରାଯାଇଥିଲେ ହିଁ ବିବାହକୁ ସ୍ୱୀକୃତି ମିଳିବ। ଯେଉଁ ସମୁଦାୟରେ ସପ୍ତପଦୀ (ଅଗ୍ନି ଚାରିପଟେ ସାତ ଫେରା)ର ନିୟମ ରହିଛି, ସେଠାରେ ଏହି ରୀତି ସମ୍ପନ୍ନ ନହେବା ପର୍ଯ୍ୟନ୍ତ ବିବାହ ଅସମ୍ପୂର୍ଣ୍ଣ ରହିବ। ଜଷ୍ଟିସ ଇଲେଶ ଜେ. ଭୋରା ଏବଂ ଜଷ୍ଟିସ ଆରଟି ବାଚ୍ଛାନୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ମ୍ୟାରେଜ୍ ସାର୍ଟିଫିକେଟ୍ କେବଳ ପୂର୍ବରୁ ସମ୍ପନ୍ନ ହୋଇଥିବା ଏକ ବିବାହର ଦଲିଲ ପ୍ରମାଣ ମାତ୍ର। ଏହା ନିଜେ କୌଣସି ବିବାହ ସୃଷ୍ଟି କରେନାହିଁ। ବିବାହ କେବଳ 'ଗୀତ-ନାଚ' କିମ୍ବା 'ଖିଆପିଆ'ର ଉତ୍ସବ ନୁହେଁ, ଏହା ଏକ ପବିତ୍ର ସଂସ୍କାର। ବ୍ରିଟେନରେ ରହୁଥିବା ଜଣେ ପ୍ରବାସୀ ଭାରତୀୟ ଯୁବକ ଅଭିଯୋଗ କରିଥିଲେ ଯେ, ଚାକିରି କରାଇଦେବା ବାହାନାରେ ଅହମଦାବାଦର ଜଣେ ଯୁବତୀ କାଗଜପତ୍ରରେ ତାଙ୍କ ସ୍ୱାକ୍ଷର ନେଇ ଜାଲ୍ ମ୍ୟାରେଜ୍ ସାର୍ଟିଫିକେଟ୍ ପ୍ରସ୍ତୁତ



କରିଛନ୍ତି। ସେମାନଙ୍କ ମଧ୍ୟରେ କୌଣସି ବିବାହ ରୀତିନୀତି ହୋଇନଥିଲା। ପରିବାର ଅଦାଲତ (ଫ୍ୟାମିଲି କୋର୍ଟ) ପୂର୍ବରୁ ଯୁବକଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ମାତ୍ର ହାଇକୋର୍ଟରେ ଶୁଣାଣି ବେଳେ ଯୁବତୀ ଜଣକ ନିଜେ ସ୍ୱୀକାର କରିଥିଲେ ଯେ କୌଣସି ବୈଦିକ ରୀତିନୀତି ହୋଇନାହିଁ କି ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହିନାହାନ୍ତି। ଏହି ଆଧାରରେ ଗୁଜରାଟ ହାଇକୋର୍ଟ ପରିବାର ଅଦାଲତଙ୍କ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଉକ୍ତ ବିବାହକୁ ଅବୈଧ ଘୋଷଣା କରିଛନ୍ତି।

ସଚିବସ୍ତରୀୟ ବୈଠକ

## ପ୍ରମାଣଭିତ୍ତିକ ନୀତି ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧।୭(ସମିସ): ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ନାଗରିକକେନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତ୍ତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଆଦି ବିଷୟରେ ବୁଝିଛନ୍ତି। ବୈଠକରେ ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତ୍ତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି,

### ଝାରସୁଗୁଡ଼ା ସହର ହେବ ସମନ୍ୱିତ ବିକାଶ ମଡେଲ

ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓଡ଼ିଆ



ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା।

ଝାରସୁଗୁଡ଼ାକୁ ଏକ ସମନ୍ୱିତ ବିକାଶ ମଡେଲ୍ ଭାବେ ଗଢ଼ି ତୋଳିବା ପାଇଁ ୨୫ଟି ରଣନୀତିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ଗମନାଗମନ, ବିମାନବନ୍ଦର ସମ୍ପ୍ରସାରଣ, ଡିଜିଟାଲ୍ ସେବା ଓ ସବୁଜ ଶକ୍ତି ଭଳି କ୍ଷେତ୍ରରେ ପଦକ୍ଷେପ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ଏବଂ ନୂତନ ରୋଜଗାରର ଦ୍ୱାର ଖୋଲିବ। ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ ଜନକଲ୍ୟାଣ, ନିବେଶ ଆକର୍ଷଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ବିକଶିତ ଝାରସୁଗୁଡା ଗଠନ ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ନେଇ ରୋଡମ୍ୟାପ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

## ଅଭିଯୁକ୍ତ ଯୁବକ ଏଚ୍ଆଇଭି ପଜିଟିଭ୍

ଭୁବନେଶ୍ୱର ୧।୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

### କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢ଼ୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ନିବେଦନ କରିଥିଲ ଅଭିଯୁକ୍ତ। ପରବର୍ତ୍ତୀ ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଇଥିଲେ । ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା ଓ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଥିଲା। ତେବେ ପୋକ୍ସୋ ମାମଲାର ଅଭିଯୁକ୍ତ ହୋଇଥିବାରୁ ଜେଲ୍ ପକ୍ଷରୁ ଅଭିଯୁକ୍ତର ଏଚ୍ଆଇଭି ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରେ ଅଭିଯୁକ୍ତ ଜଣକ ଏଚ୍ଆଇଭି ପଜିଟିଭ୍ ସଂକ୍ରମିତ ବୋଲି ଜଣା ପଡ଼ି ଥିଲା। ଏଚ୍ଆଇଭି ପଜିଟିଭ୍ ଅଭିଯୁକ୍ତ ଜଣଙ୍କ କୋଚିଂ ସେଣ୍ଟରରେ ଚାକିରି କରୁଥିବାରୁ ଅନେକ କଥା ଆଶଙ୍କା କରାଯାଉଛି।

‘ନିଶାମୁକ୍ତ ଓଡ଼ିଶା’ ଅଭିଯାନ

## ଗଠନ ହେବ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ

ଭୁବନେଶ୍ୱର ୧।୭ (ସମିସ): ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ମାଇଲଖୁଣ୍ଟ ସ୍ଥାପନ କରିଛି। ବେଆଇନ ନିଶା କାରବାର, ଗଞ୍ଜେଇ ଚାଷ, ମାଦକଦ୍ରବ୍ୟ ଚୋରାଚାଲାଣ ଓ ଆନ୍ତଃରାଜ୍ୟ ଡ୍ରଗ୍ ନେଟ୍ୱର୍କ ବିରୋଧରେ ‘ଶୂନ୍ୟ ସହନଶୀଳତା’ ନୀତି ଆଧାରରେ ଚାଲିଥିବା ଅଭିଯାନ ରାଜ୍ୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ୍-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨୬ ତାରିଖରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ପ୍ରାକ୍-ପରୀକ୍ଷା ନିଶା ନିବାରଣ ସ୍ୱତନ୍ତ୍ର ଅଭିଯାନ ସାରା ଦେଶରେ କାର୍ଯ୍ୟକାରୀ କରାଯାଉଛି। ‘ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ’ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ।




- ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ
- ୨୧ ମାସରେ ୧୯୧୧ କୋଟିର ଗଞ୍ଜେଇ ଚାଷ ନଷ୍ଟ
- ୨୧୦୬ କୋଟିର ଗଞ୍ଜେଇ ଓ ୨୨୫ କୋଟିର ଗଞ୍ଜେଇ ତେଲ ଜବତ

ଜନସଚେତନତାକୁ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାର ୫୫୦ରୁ ଅଧିକ ଥାନାରେ ନିଶା ବିରୋଧୀ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୨୫ ହଜାରରୁ ଅଧିକ ନାଗରିକ, ୪୮୮୨ ଜଣ ଛାତ୍ରଛାତ୍ରୀ ଓ ୩୩୭ ଜଣ ଶିକ୍ଷକ ସକ୍ରିୟ ଭାବେ ସାମିଲ ହୋଇ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇଛନ୍ତି।

ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ବୋଲି ସେ କହିଥିଲେ। ସେହିପରି ଡିଜିପି କହିଛନ୍ତି ଯେ ଜଣେ ଏଡିଜି ପାହ୍ୟାର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନଟିଏଫ୍) ଗଠନ କରାଯିବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଓ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବା ସେ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ଅର୍ଥାତ୍ ୨୧ ମାସ ମଧ୍ୟରେ ରାଜ୍ୟବ୍ୟାପୀ ଅଭିଯାନରେ ୬୩ ହଜାର ୭୨୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୯୧୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସେହି ସମୟ ମଧ୍ୟରେ ୨୪୪୫ଟି ଏନଡିପିଏସ୍ ମାମଲା ରୁଜୁ କରାଯାଇ ୪୨୧ ଟନ୍ ଗଞ୍ଜେଇ ଜବତ କରାଯାଇ ୩୫୦୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨,୧୦୬ କୋଟି ଟଙ୍କା ହେବ। ରାଜ୍ୟର ଖୋର୍ଦ୍ଧା, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡ଼ ସ୍ଥିତ ୭ଟି ଅନୁମୋଦିତ ଇନ୍ସିନେରେଟର କେନ୍ଦ୍ରରେ ପ୍ରାୟ ୮୦ ଟନ୍ ଗଞ୍ଜେଇ, ୧୧.୪ କିଲୋଗ୍ରାମ ବ୍ରାଉନସୁଗର ଓ ୩୬୩୮ ବୋତଲ କଫ୍ ସିରପ ନଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ଆରମ୍ଭ ହେବା ପରଠାରୁ ୩୬ ଟନ୍ ଗଞ୍ଜେଇ ସଫଳତାର ସହ ନଷ୍ଟ କରାଯାଇଥିବା ବେଳେ ଅବଶିଷ୍ଟ ଜବତ ମାଦକଦ୍ରବ୍ୟକୁ ଆଇନଗତ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ଧ୍ୱଂସ କରାଯିବ। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍ଟିଏଫ୍ ଡିଆଇଜି କନ୍‌ୱର ବିଶାଳ ସିଂଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜେଲ୍ ଗଲେ କୋଟିପତି ଅଫିସ୍ ଅଧୀକ୍ଷକ ଓ ଷ୍ଟିୱାର୍ଡ

ସମ୍ବଲପୁର, ୧।୭ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବୁର୍ଲାସ୍ଥିତ ଭିମ୍ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଏବଂ ଭିମ୍ସାରର ଷ୍ଟିୱାର୍ଡ



ଅଶ୍ୱିନୀ ମେହେରଙ୍କ ୫ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ଶ୍ରୀ ବିଶ୍ୱାଳଙ୍କ ଜ୍ଞାତ ଆୟର ୨୩୪% ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବାବେଳେ ଶ୍ରୀ ମେହେରଙ୍କ ଜ୍ଞାତ ଆୟର ୧୦୪% ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟଙ୍କୁ ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି। ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ମଙ୍ଗଳବାର ଭିମ୍ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବାବେଳେ ଆୟଠାରୁ ୨୩୪% ଅଧିକ ସମ୍ପତ୍ତି ଠାବ କରାଯାଇଛି। ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ କରି ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଘର ତଲାସୀ ସମୟରେ, ଶ୍ରୀ ବିଶ୍ୱାଳ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି



ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ଧନକଉଡ଼ାରେ ଅବସ୍ଥିତ ପ୍ରାୟ ୧୭୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ ମହଲା କୋଠା, ସମ୍ବଲପୁରର ଗୁଡେସିଙ୍ଗାରେ ଅବସ୍ଥିତ ଗୋଟିଏ କୋଠା, ସମ୍ବଲପୁର ସହର ଉପକଣ୍ଠରେ ୩୨ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ନଗଦ ୧୯,୮୦,୨୯୦ ଟଙ୍କା, ସୁନା ଅଳଙ୍କାର ୮୩.୦୫ ଗ୍ରାମ ଏବଂ ଜମା ୪୮,୦୯,୩୯୫ ଟଙ୍କା ମିଳିଛି। ତାହାସହ ୨ଟି ମହିନ୍ଦ୍ରା ହାଇୱା ଟ୍ରକ୍, ୨ଟି ମହିନ୍ଦ୍ରା ଟ୍ରାକ୍ଟର, ଗୋଟିଏ ଟ୍ରଲର, ଗୋଟିଏ ଚାରି ଚକିଆ ଗାଡ଼ି (ରେନଲ୍ଟ କାଇଗର) ଏବଂ ୪ଟି ଦୁଇ ଚକିଆ ଗାଡ଼ି ରହିଛି। ପ୍ରାୟ ୧୩.୨୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଶ୍ରୀ ବିଶ୍ୱାଳଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ଯାହା ତାଙ୍କ ଜ୍ଞାତ ଆୟ ଉତ୍ସଠାରୁ ୨୩୪% ଅଧିକ ରହିଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସେହିପରି ଭିମ୍ସାରର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସମ୍ବଲପୁରର ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ତାଙ୍କୁ ଉପସ୍ଥାପନ କରାଯାଇଥିଲା। ଶ୍ରୀ ମେହେର ତାଙ୍କ ଜ୍ଞାତ ଆୟର ୧୦୪% ପରିମାଣର ଅନୁପାତିକ ସମ୍ପତ୍ତିକୁ ନେଇ କୌଣସି ସନ୍ତୋଷଜନକ ଭାବରେ ହିସାବ ଦେଇପାରିଲେ ନାହିଁ। ଏହି ସମ୍ପର୍କରେ, ସମ୍ବଲପୁର ଭିଜିଲାନ୍ସ କେସ୍ ନଂ. ୮

### ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ

/୨୦୨୬ ରୁଜୁ କରିଛି। ଘର ତଲାସ ସମୟରେ, ଶ୍ରୀ ମେହେର ଏବଂ ତାଙ୍କ ପରିବାରର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତନ୍ମଧ୍ୟରେ, ସମ୍ବଲପୁରର ସୌରଭ ବିହାର, ବୁର୍ଲାରେ ପ୍ରାୟ ୮୧୪୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଚାରିମହଲା କୋଠା (ନିର୍ମାଣାଧୀନ), ବୁର୍ଲା ସହର କେନ୍ଦ୍ରୀୟ ବିଦ୍ୟାଳୟ-୨ ନିକଟରେ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ମୋଟ ୧୦ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହାସହ ସୁନା ଅଳଙ୍କାର ୮୩ ଗ୍ରାମ, ୨ଟି ଦୁଇ ଚକିଆ ଯାନ ମିଳିଛି। ପ୍ରାୟ ୧୬.୫୬ ଲକ୍ଷ ଟଙ୍କା ମୂଲ୍ୟର ସୁନା ଏବଂ ଘରୋଇ ସାମଗ୍ରୀ ରହିଛି। ସମ୍ପୂର୍ଣ୍ଣ ଯାଞ୍ଚ, ଇନଭେଣ୍ଟରୀ ଏବଂ ଅଧିକ ତଦନ୍ତ ପରେ, ଷ୍ଟିୱାର୍ଡ ଶ୍ରୀ ମେହେରଙ୍କ ଆୟ, ବ୍ୟୟ ଏବଂ ସମ୍ପତ୍ତି ଗଣନା କରାଯାଇଥିଲା। ତାଙ୍କ ପାଖରେ ଜ୍ଞାତ ଆୟ ଉତ୍ସଠାରୁ ୧୦୪% ଅଧିକ ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

## ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ




ଭୁବନେଶ୍ୱର,୧।୭(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଆଜି ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର)ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଛି। କୌଣସି ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଚିଠା ଭୋଟର ତାଲିକା ପ୍ରକାଶ ପାଇଲା ପରେ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ, ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ୫ ଜୁଲାଇ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ାଯାଇପାରିବ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରାଯାଇପାରିବ। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡଃ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂଙ୍କ ସମେତ ରାଜନୈତିକ ଦଳ ବିଜୁ ଜନତା ଦଳ ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ, ବହୁଜନ ସମାଜ ପାର୍ଟି ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି ପକ୍ଷରୁ ସନ୍ଦିପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଲେଇପାଟ ଲୁହାପଥର ଖଣି ଲିଜ୍ ଅବଧି ବୃଦ୍ଧି ଆବେଦନ ଖାରଜ

ବାରିପଦା,୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ତହସିଲ୍ ଅନ୍ତର୍ଗତ ସୁଲେଇପାଟ୍ ଲୁହାପଥର ଖଣିର ଲିଜ୍ ଅବଧି ବୃଦ୍ଧି ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଣି ପଟ୍ଟାଧାରୀ ବିରାଟ ଚନ୍ଦ୍ର ଡଗରାଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ପିଟିସନର ଚୂଡ଼ାନ୍ତ ଶୁଣାଣି କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏହି ଖଣି ଲିଜ୍ ୧୯୭୫ ଅକ୍ଟୋବର ୨୫ରୁ ୩୦ ବର୍ଷ ପାଇଁ ବଜରଙ୍ଗଲାଲ ପାଡ଼ିଆଙ୍କ ନାମରେ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୮୪ ଅକ୍ଟୋବର ୧୦ ତାରିଖରେ ବିରାଟ ଚନ୍ଦ୍ର ଡଗରାଙ୍କ ନାମକୁ ହସ୍ତାନ୍ତର କରାଯାଇଥିଲା। ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ପରେ ସମସ୍ତ ପୁରୁଣା ଲିଜ୍ ଅବଧିକୁ ୫୦ ବର୍ଷକୁ ବୃଦ୍ଧି କରାଯାଇଥିଲା। ଯଦ୍ୱାରା ରାଜ୍ୟ ସରକାର ଏକ ପରିପୂରକ ଚୁକ୍ତିନାମା ବା ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ ଜରିଆରେ ଏହି ଅବଧିକୁ ୨୦୨୫ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଖଣି ଲିଜ୍ ଚୁକ୍ତିନାମାର ପଞ୍ଜୀକରଣ ୧୯୭୬ ମେ’ ୨୪ରେ ହୋଇଥିବାରୁ, ୫୦ ବର୍ଷର ଅବଧିକୁ ୨୦୨୬ ମେ’ ୨୩ ପର୍ଯ୍ୟନ୍ତ ଗଣନା କରାଯାଉ। ସରକାରୀ ବିଭାଗର ଅପାରଗତା ଓ ବିଭିନ୍ନ ବିବାଦ କାରଣରୁ ସେ ଦୀର୍ଘ ଦିନ ଧରି ଖଣି କାର୍ଯ୍ୟ କରିପାରି ନ ଥିଲେ। ତେଣୁ ସେହି ନଷ୍ଟ ହୋଇଥିବା ସମୟ ବାବଦକୁ ଆଉ ଅତିରିକ୍ତ ୨୦ ମାସର ସମୟ ଅର୍ଥାତ୍ ୨୦୨୭ ଜୁନ୍ ୨୪ ପର୍ଯ୍ୟନ୍ତ ତାଙ୍କୁ ଅନୁମତି ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ଦାବିକୁ ଦୃଢ଼ ବିରୋଧ କରିଥିଲେ। ସେ ଦର୍ଶାଇଥିଲେ ଯେ ଆବେଦନକାରୀ ନିଜେ ୨୦୧୯ ମସିହାରେ ସମ୍ପୂର୍ଣ୍ଣ ସଜାଗ ରହି “ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍‘ ସ୍ୱାକ୍ଷର କରିଥିଲେ। ଯେଉଁଥିରେ ଲିଜ୍ ଅବଧିର ଶେଷ ତାରିଖ ୨୦୨୫ ଅକ୍ଟୋବର ୨୪ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି ଏବଂ ସେ ଏହାକୁ ଗ୍ରହଣ କରିସାରିଛନ୍ତି। ସପ୍ଲିମେଣ୍ଟାରୀ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ତାରିଖକୁ ବଦଳାଯାଇ ପାରିବନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଶାଶ୍ୱତ ଦାସ ଓ ଦେବାଶିଷ ତ୍ରିପାଠୀ ଏବଂ ଏଏସ୍‌ସି ଐଶ୍ୱର୍ଯ୍ୟା ଦାଶ ମାମଲା ପରିଚାଳନା କରୁଥିଲେ।


ଏକ୍ସପ୍ରେସ ଟ୍ରେନ୍ ରହଣି ଦାବିରେ ନର୍ଲା ରୋଡ୍‌ରେ ଆନ୍ଦୋଳନ

## ୨ ଘଣ୍ଟା ଅଟକି ରହିଲା ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍

ଭବାନୀପାଟଣା,୧।୭(ସମିସ): ନର୍ଲାରୋଡ୍ ରେଳ ଷ୍ଟେସନରେ ସ୍ୱାଭିମାନ ମଞ୍ଚ ନର୍ଲା ନେତୃତ୍ୱରେ ବୁଧବାର ରେଲରୋକ ଆନ୍ଦୋଳନ ହୋଇଥିଲା। ଏହାର ବରିଷ୍ଠ କର୍ମକର୍ତ୍ତା ଦୁର୍ଯ୍ୟୋଧନ କୁମାର, ପ୍ରଦୀପ ନାଏକ, ଦୀପୁ ପାତ୍ର, ଚୁଲମଣି ଗୌଡ଼ିଆ, କୁମୁଦ ନାଏକ, ହେମେସ୍ ଜୈନ, ନିକୁଞ୍ଜ ଦତ୍ତା, ନନ୍ଦକିଶୋର ଜେନା, ମୀନ କେତନ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ

### ଡିସିଏମ୍‌ଙ୍କ ପ୍ରତିଶ୍ରୁତି ପରେ ଓହରିଲେ ଆନ୍ଦୋଳନକାରୀ

ଆନ୍ଦୋଳନକାରୀ ରେଳ ଧାରଣାରେ ବସି ସମ୍ବଲପୁର-ରାୟଗଡା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ୨ ଘଣ୍ଟା ଧରି ଅଟକ ରଖଥିôଲେ। ନର୍ଲା ସରପଞ୍ଚ ସଂଘ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଶହଶହ ଯୁବକ ଏବଂ ସେବାକାରୀ କିନ୍ନର ସଂଘ ସାମିଲ ହୋଇଥିଲେ। ସକାଳ ୮.୩୦ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ପ୍ରଥମେ ଆର୍‌ପିଏଫ୍ ଓ ସ୍ଥାନୀୟ ପୁଲିସ ରେଳଷ୍ଟେସନର ମୁଖ୍ୟ ଦ୍ୱାରରେ ଆନ୍ଦୋଳନକାରୀଙ୍କୁ ଅଟକାଇ ଥିଲେ। ତେବେ ଅନେକ ଯୁବ ନେତା ଓ ମହିଳା ସଦସ୍ୟା



ବାଡ଼ଡେଇଁ ଧସେଇ ପଶି ରେଳ ଧାରଣା ଉପରକୁ ଚାଲି ଆସିଥିଲେ। ଏହାପରେ ଶତାଧିକ ସଂଖ୍ୟାରେ ଲୋକେ ଆସି ଧାରଣା ଉପରେ ବସି ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌କୁ ଅଟକ ରଖିବାରେ ସଫଳ ହୋଇଥିଲେ। ଆନ୍ଦୋଳନ ଚାଲିଥିବା ଜାଣି ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ କାଣ୍ଟେଲରୋଡ ଷ୍ଟେସନରେ ରହିଯାଇଥିଲା। ଏଠାରେ ଆର୍‌ପିଏଫ୍, ସ୍ଥାନୀୟ ପୁଲିସ ଶୃଙ୍ଖଳା ବ୍ୟବସ୍ଥା ବୁଝୁଥିବାବେଳେ ରେଳ ବିଭାଗ ଚିଫ୍ କମର୍ସିଆଲ ଅଫିସର ଶୁଭ୍ରାଂଶୁ ପରିଡ଼ା, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଆରପିଏଫ ଏଏସସିଏଏମ୍ କିସ୍‌କୁ, ନର୍ଲା ଆଇଆଇସି, ମ.ରାମପୁର ଆଇଆଇସି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକର ରହଣୀ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଆନ୍ଦୋଳକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ସମ୍ବଲପୁର ଡିଭିଜନର ଡିସିଏମ୍ ଅଙ୍କିତ ମିଶ୍ର ଆସି ଦାବି କରାଯାଇଥିବା ଟ୍ରେନ୍ ଗୁଡ଼ିକ ରହଣୀକୁ ନିଶ୍ଚିତ ଘୋଷଣା କରିବାରୁ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କୋଭିଡ୍ ପୂର୍ବରୁ ଏହି ଷ୍ଟେସନରେ ରହୁଥିବା ସମସ୍ତ ଟ୍ରେନର ରହଣିକୁ ପୁନଃ କାର୍ଯ୍ୟକାରୀ କରାଯାଉ, ରହଣୀ ପାଇଁ ଦାବି ରହିଥିବା ଟ୍ରେନ ଗୁଡ଼ିକ ୧୨୮୦୭/୧୨୮୦୮ ସମତା ଏକ୍ସପ୍ରେସ, ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ, ୧୭୪୮୧/୧୭୪୮୨ ବିଲାସପୁର-ତିରୁପତି ଏକ୍ସପ୍ରେସ, ୧୮୧୮୯/୧୮୧୯୦ ଟାଟାନଗର-ଏର୍ଣ୍ଣାକୁଲମ ଏକ୍ସପ୍ରେସ, ୧୮୪୦୭/୧୮୪୦୮ ପୁରୀ-କୋରାପୁଟ ଏକ୍ସପ୍ରେସ, ଟାଟା-ଯଶବନ୍ତପୁର ଏକ୍ସପ୍ରେସ, ୨୦୮୦୯/୨୦୮୧୦ ନାଗାବଳୀ ଏକ୍ସପ୍ରେସ, ଏହାସହ ଲୋକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବା ଜାତୀୟ ରାଜପଥ-୨୬ ନର୍ଲାର ରେଳଫାଟକ ନିକଟରେ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଉ, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟ ସ୍ଥାପନ। ଯାତ୍ରୀ ସୁବିଧାର ଉନ୍ନତି ଏବଂ ସମସ୍ତ ଅନୁମୋଦିତ କାର୍ଯ୍ୟ ପାଇଁ ଲିଖିତ ସମୟସୀମା ଘୋଷଣା କରାଯାଉ ବୋଲି ଏକ ଦାବିପତ୍ର ସ୍ୱାଭିମାନ ମଞ୍ଚ ଡିସିଏମ୍‌ଙ୍କୁ ପ୍ରଦାନ କରିଥିଲା ।

## ହାଇୱାରେ ପିଟି ହୋଇ ଯୁବକ ମୃତ

**ଦାନଗଡି,୧।୭(ସମିସ):** କଳିଙ୍ଗନଗର ଥାନା ଅଞ୍ଚଳ ଟାଟା ନୀଳାଚଳ କାରଖାନା ଫାଟକ ନିକଟରେ ମଙ୍ଗଳବାର ରାତିରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ହାଇବା ଗାଡ଼ି ପଛପଟୁ ଅନ୍ୟ ଏକ ବାଇକ ଧକ୍କା ଦେବାଫଳରେ ବାଇକ ଚଳକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଟମକା ଥାନା ଅଞ୍ଚଳ ଚିତ୍ରୀ ନୂଆସାହିର ରାଜେନ୍ଦ୍ର ବେହେରାଙ୍କ ପୁଅ ଦିବ୍ୟନାରାୟଣ ବେହେରା (୨୨)। ଦିବ୍ୟନାରାୟଣ ମଙ୍ଗଳବାର ରାତିରେ ନିଜ ବାଇକ ରେ ଯାଜପୁର ରୋଡ ଅଭିମୁଖେ ଆସୁଥିବାବେଳ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଦାନଗଡି ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ କଟକ ପଠାଯାଇଥିଲା। କଟକରେତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ କରୁଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଧର୍ମଶାଳା,୧।୭(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତ ଦେଉଳୀ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ନିଜ ଘର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଦେଲି ଗ୍ରାମର ପୁରୁଷୋତ୍ତମ ବେହେରାଙ୍କ ପୁଅ ସୁନିଲ କୁମାର ବେହେରା (୩୮) ବୋଲି ଜଣାପଡିଛି। ତାଙ୍କ ପତ୍ନୀ ବାପଘରକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ପରିବାର ମଧ୍ୟରେ କଳହ ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନିଲ ଆଜି ଅପରାହ୍ନରେ ନିଜ ଘରେ ବେକରେ ଲୁଗାବାନ୍ଧି ଫ୍ୟାନରେ ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ ଜଣାଇବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

**ଯାଜପୁର,୧।୭(ସମିସ):** ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶିକା ଅନୁଯାୟୀ ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ କପାସି ଠାରେ ଥିବା ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୫ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ଉତ୍ସବରେ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱ କରିଥିଲେ। ଉକ୍ତ ସଭାର ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହିତ ଅଧ୍ୟାପକ ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ତଥା ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ବରାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଂଯୋଜକ ବିଭୂତି ନାରାୟଣ କର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରାଧାନ ପଣ୍ଡିତ ତଥା ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍‌ରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରୀ କାଦମ୍ବିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଜାତା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଦୁର୍ଘଟଣା ମାମଲାରେ ଚାଳକ ଅଦାଲତ ଚାଲାଣ

**ପାଣିକୋଇଲି,୧।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ବ୍ରିଜ ନିକଟରେ ହାଇୱା ଧକ୍କାରେ ସ୍କୁଟି ଆରୋହୀର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ହାଇୱା ଚାଳକଙ୍କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ପଞ୍ଚାୟତ ଗୋଡିପାଟଣା ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ଜୟନ୍ତ (୪୦) ଏକ ସ୍କୁଟି ଯୋଗେ ଘରକୁ ଫେରିବା ସମୟରେ ଜାତୀୟ ରାଜପଥରେ କଟକ ପଟୁ ଏକ ଚିପ୍ସ ବୋଝେଇ ହାଇୱା (ଓଡି ୦୪ପି ୫୬୮୯) ଦ୍ରୁତଗତିରେ ବେପରୁଆ ଭାବେ ଆସି ଟିକର ପୋଲ ନିକଟରେ ସ୍କୁଟିକୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ାଇ ଦେଇଥିଲା। ଫଳରେ ଘଟଣାସ୍ଥଳେ ଜୟନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଏକ ମାମଲା ୨୫୬/୨୬ ରୁଜୁ କରାଯାଇ ସବଇନ୍ସପେକ୍ଟର ସୁମିତ କୁଜୁର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ଆଜି ଅଟକଥିବା ହାଇୱା ଚାଳକ ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦୁଆପଦା ଗ୍ରାମର ରବିନ୍ଦ୍ର ଖୁଣ୍ଟିଆ (୫୨)କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବ୍ରହ୍ମବରଦା,୧।୭(ସମିସ):** ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ପାଢ଼ୀ ଏବଂ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସେକ ଫସିଉଲ ହକଙ୍କ ଅବସର ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୀତିକବି ପ୍ରତାପ ରୁଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରସୁଲପୁର ମଣ୍ଡଳ ସହ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଧିଷ୍ଠିର ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଝରଣା ପାତ୍ର, ଆଲ୍ଲାଉଦ୍ଦିନ ଖାନ, ସେକ ଅବଦୁଲ ହାକିମ, କୋରେଇ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଶତପଥୀ, ରସୁଲପୁର ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ, ପୂର୍ବତନ ବିଆର୍‌ସିସି ପ୍ରଦୀପ କୁମାର ସାମଲ, ରବୀନ୍ଦ୍ର କୁମାର ମିଶ୍ର, ବିଶ୍ୱନାଥ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା, ରାଜ୍ୟ ଶିକ୍ଷକ ସଂଘର ଉପଦେଷ୍ଟା ବିକ୍ରମ କୁମାର ଦାସ, ପରିଚାଳନା କମିଟି ସଭାପତି କନକଲତା ଦାସ, ଜଗବନ୍ଧୁ ଶତପଥୀ, ବିଜୟ କୁମାର ଭଦ୍ର, ହିମାଂଶୁ ଭୂଷଣ ପାଳ, ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ ଓ ରଞ୍ଜନ କୁମାର ବାରିକ, ଅବିନାଶ ଆଇଚ ପ୍ରମୁଖ ଉପସ୍ଥିତଥିଲେ।

## ସାମ୍ବାଦିକ ସଂଘ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳପୁର,୧।୭(ସମିସ):** ଆଜି ଡାକ୍ତର ଦିବସ ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଅହିୟାସ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ରାଜେନ୍ଦ୍ର କୁମାର ପୃଷ୍ଟି ଓ କମାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଅଧିକାରୀ ଡ. ଶେଷଦେବ ପୃଷ୍ଟିଙ୍କୁ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଆନ୍ଦୋଳନ ଚାଲୁ ଥିବାରୁ ଉଭୟ ଡାକ୍ତରଙ୍କୁ ତାଙ୍କ ବାସଭବନରେ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସଭାପତି ଜୟପ୍ରକାଶ ନାୟକ, ସହ ସମ୍ପାଦକ ସୀତାଂଶୁ ଶେଖର ଯେନା, କୋଷାଧ୍ୟକ୍ଷ ରାକେଶ କୁମାର ସାହୁ, ବରିଷ୍ଠ ସଭ୍ୟ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ରହି ଡା. ରାଜେନ୍ଦ୍ର ପୃଷ୍ଟି ଓ ଡା. ଶେଷଦେବ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ

**ପାଣିକୋଇଲି,୧।୭(ସମିସ):**




ସାରା ରାଜ୍ୟରେ ପ୍ରତ୍ୟେକ ଥାନାରେ ଆଜି ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ପାଣିକୋଇଲି ଥାନାରେ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ନେତୃତ୍ୱରେ ସହକର୍ମୀ ଓ ଉପସ୍ଥିତ ସ୍ଥାନୀୟ ବ୍ୟକ୍ତି ମାନେ ଓଡିଶାକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରିଥିଲେ। ଏଥିରେ ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ, ବିଶ୍ୱରଞ୍ଜନ ଦାସ, ସୁମିତ କୁଜୁର, ମିନତୀ ବେହେରାଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଲାଇ, ଅଦୈତ୍ୟ ଚରଣ ଦାଶ, ଚନ୍ଦ୍ରମଣି ସ୍ୱାଇଁ, ପ୍ରଶାନ୍ତ ରାୟ, ସମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ତୁଷାର ବେହୁରା, ପ୍ରଦୀପ ମାଝୀ, ହରେକୃଷ୍ଣ ପଣ୍ଡାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ।

**ବରୁଆଁ:** ଯାଜପୁର ସଦର ଥାନା ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରିଣୀ ଚିନ୍ମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ସଦର ଥାନା ଅନ୍ତର୍ଗତ ୧୮ ଗୋଟି ପଞ୍ଚାୟତରୁ ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ଭାଗ ନେଇଥିଲେ। ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୟାଁଗୋଳା:** ମଙ୍ଗଳପୁର ଥାନା ପରିସରରେ ଆଜି ନିଶା ମୁକ୍ତ ଅଭିଯାନକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବରିଷ୍ଠ ନାଗରିକ, ବୃଦ୍ଧିଜୀବୀ, ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। ଦେଇଥିଲେ। ଉପସ୍ଥିତ ସମସ୍ତେ ନିଜ ଗାଁକୁ ନିଶା ମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ଥାନା ଏସ୍‌ଆଇ ଅନିତା ପ୍ରଧାନ, ଏଏସଆଇ ଜଟାଧାରୀ ଦାସ ଉପସ୍ଥିତ ଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ଥାନା ପରିସରରେ "ନିଶା ମୁକ୍ତ ଓଡିଶା' ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଥାନା ଅଧିକାରୀ ପାର୍ବତୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ଶାଦ, ସମାଜସେବୀ ରବୀନ୍ଦ୍ର ପରିଡ଼ା, କୈଳାଶ ସେଠୀ, ବିଜେପି ସଂଯୋଜକ ନିରଞ୍ଜନ ବେହୁରିଆ, ବିଞ୍ଝାରପୁର ସରପଞ୍ଚ ପ୍ରତିନିଧି ଅଶୋକ ସାହୁ, ଅରେଇ ସମବାୟ ସମିତି ସଭାପତି ହେମେନ୍ଦ୍ର ସାମଲ, କଏଣା ରଘୁନାଥପୁର ସରପଞ୍ଚ ପ୍ରତିନିଧି ନାରାୟଣ ଜେନା, ବିଜେଡି ସଂଖ୍ୟାଲଘୁ ସଭାପତି ମୋଜାହିଦ ଖାଁ, କଂଗ୍ରେସ ବ୍ଲକ ସଭାପତି ପ୍ରତାପ ଦାସ, ସମାଜସେବୀ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶପଥ ପାଠ କରାଯାଇଥିଲା।

**ଦାନଗଦି/ଟମକା:** ଟମକା ପୁଲିସ୍ ଆନୁକୂଲ୍ୟରେ ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିନତୀ ଦାସଙ୍କ ତତ୍ତ୍ୱାବଧାନରେ ଟମକା ଥାନା ଅଞ୍ଚଳର ଜନ ପ୍ରତିନିଧି, ଯୁବବର୍ଗ, ବୁଦ୍ଧିଜୀବୀ ନିଶାମୁକ୍ତ ଓଡିଶା ଗଠନ ପାଇଁ ମିଳିତ ଶପଥ ପାଠ କରାଇଥିଲେ। ପୁଲିସ୍ ତରଫରୁ ଅତିରିକ୍ତ ସହକାରୀ ଅମିତ ପଣ୍ଡା, ଦୀପ୍ତି ଶେଖର ଦାସ, ହାବିଲଦାର ଶରତ ଜେନା, କନଷ୍ଟେବଳ ମଳୟ ପ୍ରଧାନ, ରାଜେଶ ବଳ, କାର୍ତ୍ତିକ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏୟାରଟେଲ୍ ସେବା ବ୍ୟାହତ

**ସୁକିନ୍ଦା,୧।୭(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଏୟାରଟେଲ୍ ସେବା ବାଧାପ୍ରାପ୍ତ ହୋଇଥିବା ଦେଖାଦେଇଛି। ମୋବାଇଲ୍ ଟାୱାରରେ ଗଛଲତା ମାଡ଼ିଯିବାରୁ କିଛି ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ନେଟୱାର୍କ ବ୍ୟାହତ ହେବା ଫଳରେ ଫୋନ୍ କଲ୍, ଇଣ୍ଟରନେଟ୍ ସେବା ଓ ଅନଲାଇନ୍ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବି ହେଉଛି।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା

**କୁଆଖିଆ,୧।୭(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଛାତ୍ରୀଙ୍କ ରିଆଡ୍‌ମିଶନ ପାଇଁ ଆର୍ôଥକ ସାହାଯ୍ୟ ଦିଆଯାଇଛି। ରସୁଲପୁର ବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ କୁଜିବର ଗ୍ରାମର ବିଜୟ କୁମାର ମଲ୍ଲିକଙ୍କ କନ୍ୟା ମଧୁପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରଥମ ବର୍ଷର ଛାତ୍ରୀଙ୍କ ରିଆଡ୍‌ମିଶନ ପାଇଁ ଅର୍ଥ ବାଧକ ସାଜିବାରୁ ପାଠପଢା ବନ୍ଦ କରିବାକୁ ତାଙ୍କ ମାଆ ମଣିମାଳା ମଲ୍ଲିକ ନିଷ୍ପତି ନେଇଥିଲେ। ମଣିମାଳା କିଛି ବର୍ଷ ହେବ ନିଜର ସ୍ୱାମୀ ଓ ପୁଅକୁ ହରାଇ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଖବର ପାଇ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷା ମିନତୀ ସାହୁ, ଉପାଧ୍ୟକ୍ଷ ଜନ୍ମେଜୟ ସାହୁ, ସଭାପତି ନିମାଇଁ ପଣ୍ଡା, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ସଙ୍ଗୀତା ଆଚାର୍ଯ୍ୟ, ଯତୀଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ, ଉପଦେଷ୍ଟା ଅରବିନ୍ଦ ଦାଶ, ବିଷ୍ଣୁଚରଣ ସାମଲ, ବୃନ୍ଦାବନ ପାଢ଼ୀ, ସନ୍ତୋଷ ଦାସ, ଶୁଭାଶିଷ ନାୟକ, ପ୍ରଭାସିନୀ ମଲ୍ଲ, ଅଶୋକ କୁମାର ସାହୁ, ମନସ୍ୱିନୀ ସାହୁ, ଶିବାନନ୍ଦ ପଣ୍ଡା, ଶିବରାମ ନନ୍ଦ, କୁଳମଣୀ ନାୟକ, ସନ୍ତୋଷ କୁମାର ନାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ରିଆଡ୍‌ମିଶନ ଫି' ସହିତ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ପାଠପଢାର ସମସ୍ତ ଖର୍ଚ୍ଚ ବହନ କରିବାକୁ ସମ୍ପାଦକ ଗୋପାଳ ପାତ୍ର ସୂଚନା ଦେଇଛନ୍ତି।

## କଲେଜ ସମ୍ମୁଖରେ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ

**ବଡ଼ଚଣା,୧।୭(ସମିସ):** ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଦମାଂସ ଆସର ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ବିଜେଡି ପକ୍ଷରୁ ଚାଲୁଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଯାଇଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ, ବଡଚଣା ତରଫରୁ କଲେଜ ଅଧ୍ୟକ୍ଷ ଓ ଏଡିଏମଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଗତ ଜୁନ ୨୯ ତାରିଖରେ ଉଭୟ ପକ୍ଷଙ୍କୁ ଅଭିଯୋଗକାରୀ ଓ କର୍ମଚାରୀ କଲେଜ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏଡିଏମ୍ ଅଫିସରେ ତଦନ୍ତ କରାଯାଇଥିଲା। ପ୍ରଶାସନ ତରଫରୁ କୌଣସି କାଯ୍ୟାନୁଷ୍ଠାନ ନ ହେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ ଆଗରେ ବଡଚଣା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଗଣଧାରଣା ଦିଆଯାଇଥିଲା। ଆଜି କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଧାରଣାସ୍ଥଳକୁ ଆସି ଉପସ୍ଥିତ ଥିବା ଯୁବଛାତ୍ରଙ୍କ ସହିତ ଆଲୋଚନା କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ୧୫ ଦିନ ଭିତରେ ଏଡିଏମ୍ ଅଫିସ ଆଗରେ ଧାରଣାରେ ବସିବାକୁ ଚେତାବନୀ ଦିଆଯାଇଛି।



## ପବ୍ଲିକ ସ୍କୁଲ ପକ୍ଷରୁ ଡାକ୍ତର ଦିବସ

**ଧର୍ମଶାଳା,୧।୭(ସମିସ):** ଧର୍ମଶାଳା ବ୍ଲକ ନେଉଳପୁର ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ଚେୟାରମ୍ୟାନ୍ ଦୁଷ୍ମନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀ ଡାକ୍ତର ଦିବସ ପାଳନ କରିଛନ୍ତି। ସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ସହ ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଚନ୍ଦ୍ରକାନ୍ତ ପଣ୍ଡା ଓ ଶିକ୍ଷକ ନିହାର ରଞ୍ଜନ ଷଡ଼ଙ୍ଗୀ, ମନୋରଞ୍ଜନ ସିନ୍ହା, ରାକେଶ ଦାସ, ମାନସ ରଞ୍ଜନ ସାମଲ, ଏମ୍‌ଡି ଏହେତେସାମ୍, ଶିକ୍ଷୟିତ୍ରୀ ସାଇନାଜ୍ ପରବୀନ, ଅନିତା ମହାରଣା, ମନୀଷା କୁମାରୀ ମଧୁସ୍ମିତା ନାୟକ, ପ୍ରମୋଦିନୀ ସାହାଣୀ, ପୂର୍ଣ୍ଣିମା ବେହେରା, ସୁପ୍ରିୟା ପରିଡା, କାମିନୀ ଦାସ, ଦେବଶ୍ରୀ ଓଝା, ଜୟନ୍ତୀ ସାହୁ, ରାକିଆ ଫିର୍ଦୋଷ, ସମର୍ପିତା ବ୍ରହ୍ମ, ସଙ୍ଗୀତା ରାଉତ, ପ୍ରଜ୍ଞା ବାରିକ, କବିତା ସାହୁ ସମେତ ଚଣ୍ଡିଖୋଲ ଅଞ୍ଚଳର ବିଶିଷ୍ଟ ଡାକ୍ତର ପ୍ରାକ୍ତନ ସିଡିଏମଓ ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡାକ୍ତର ସନ୍ତୋଷ କୁମାର ବେହେରା, ଡାକ୍ତର ହରିହର ପଣ୍ଡା ଓ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ନିଶାନ୍ତ କୁମାର ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରଧାନ ଶିକ୍ଷକ ଦମ୍ପତିଙ୍କୁ ସମ୍ବର୍ଦ୍ଧନା



**ପାଣିକୋଇଲି,୧।୭(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଦାନନ୍ଦ ପଣ୍ଡା ଓ କରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେହ୍ନଲତା ଷଡ଼ଙ୍ଗୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ମାଝୀ, ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଗଣେଶ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଚିନ୍ତାମଣି ବେହେରା, ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଗଣେଶ୍ୱର ପୁହାଣ, ସରକାରୀ ଉପ୍ରା ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ପଦ୍ମନାଭ ମିଶ୍ର, ପରିଚାଳନା କମିଟି ସଭାପତି ସାବିତ୍ରୀ ରଣା, ଶିକ୍ଷାବିତ୍ ଗୋବିନ୍ଦ ସାହୁ, ରଘୁନାଥ ମୁଦୁଲି, ପୁରାତନ ଛାତ୍ର ଭାସ୍କର ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସେକ ମହମ୍ମଦ ଜିଲାନୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଉଭୟ ଦମ୍ପତିଙ୍କୁ ସଂଯୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବକାରୀ ପ୍ରଶିକ୍ଷାର୍ଥୀ ପ୍ରଥମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ



**ଯାଜପୁର,୧।୭(ସମିସ):** ସୋଲର (ବୈରୀ) ସ୍ଥିତ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ୨୨ ଜଣ ପ୍ରଥମ ବ୍ୟାଚ୍ ଅବକାରୀ ଡେପୁଟି ଏସ୍‌ଇ ଏବଂ ୧୦୦ ଜଣ ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ପ୍ରଶିକ୍ଷାର୍ଥୀମାନଙ୍କର ଏକ ଭବ୍ୟ "ଦୀକ୍ଷାନ୍ତ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଅଧିକାରୀମାନଙ୍କ ପ୍ୟାରେଡ୍ ପରିଦର୍ଶନ କରିବା ସହ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ। ସମାଜ ଗଠନରେ ଅବକାରୀ ବିଭାଗର ନୂତନ ସଙ୍କଳ୍ପ ତଥା "ସ୍ୱଚ୍ଛତା, ଦୃଢ଼ ଶୃଙ୍ଖଳା ଏବଂ ନିଶାମୁକ୍ତ ଓଡ଼ିଶା' ଗଠନର ମୁଖ୍ୟ ଆଭିମୁଖ୍ୟକୁ ନେଇ ନୂତନ ଅଧିକାରୀମାନଙ୍କୁ ଉଦ୍‌ବୋଧନ କରିଥିଲେ। ମୁଖ୍ୟଅତିଥିଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଶପଥ ଗ୍ରହଣ ଏବଂ ପ୍ୟାରେଡ୍ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହାପରେ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ଦେହୁରୀ ଅଧିକାରୀମାନଙ୍କର ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ଅବଧି ମଧ୍ୟରେ ବିଭିନ୍ନ ବିଭାଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରଶିକ୍ଷାର୍ଥୀଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହାପରେ ଅବକାରୀ ବିଭାଗର କମିଶନର ପି ଅନ୍ୱେଷା ରେଡ୍ଡୀ ନିକଟ ଭବିଷ୍ୟତରେ ଲାଗୁହେବାକୁ ଯାଉଥିବା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି ସମାରୋହରେ ବଡ଼ଚଣାର ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଓଳିଆରେ ସ୍ୱାସ୍ଥ୍ୟ ଶିବିର

**ସୁକିନ୍ଦା,୧।୭(ସମିସ):** ଆଜି ଡାକ୍ତର ଦିବସ ଅବସରରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଳିଆ ପଞ୍ଚାୟତରେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍, ଯାଜପୁର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ବିଶିଷ୍ଟ ଡାକ୍ତରମାନେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ଯାଜପୁରର ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପିକେ ସାହୁ ମଧ୍ୟ ଯୋଗଦେଇ ରୋଗୀ ସେବା ପ୍ରଦାନ କରିଥିଲେ।

## ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

**ଧର୍ମଶାଳା,୧।୭(ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ହିମାଂଶୁ ଶେଖର ସାହୁ ନିଜ ନିର୍ବାଚନ ମଣ୍ଡଳୀ ଅଧିବାସୀଙ୍କ ଆପତି ଅଭିଯୋଗ ଶୁଣି ସମସ୍ୟା ଗୁଡିକର ସମାଧନ କରିଛନ୍ତି। ବିଧାୟକଙ୍କ ଜନଶୁଣାଣିରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଲୋକମାନେ ପହଞ୍ଚି ବିଶେଷ କରି ଅବାସ ଗୃହ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହୟତା, ରାସନ କାର୍ଡ, ଭତା, ଜମିପଟା ଏବଂ ରୋଗରେ ପଡ଼ିଥିବା ଲୋକମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣ ଲୋକେ ବିଧାୟକଙ୍କୁ ଭେଟି ନିଜର ଅଭିଯୋଗମାନ କରିଥିଲେ। ବିଧାୟକ ଶ୍ରୀ ସାହୁ ଅନେକ ସମସ୍ୟା ସମାଧନ କରିବା ସହ ସମୟ ସାପେକ୍ଷ କେତେକ ସମସ୍ୟାକୁ ସମାଧାନ କରିବା ଲାଗି ଦାୟିତ୍ୱରେ ଥିବା ନିଜର କର୍ମକର୍ତାମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଦାବି

**ବିଞ୍ଝାରପୁର,୧।୭(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଅଧିକ ବନାନଗତ, ବ୍ୟାକରଣଗତ ଓ ତଥ୍ୟଗତ ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ତୁରନ୍ତ ପିଲାମାନଙ୍କୁ ନୂତନ ତ୍ରୁଟିମୁକ୍ତ ବହି ଯୋଗାଇ ଦେବାକୁ ଦାବି ହୋଇଛି। ବିଞ୍ଝାରପୁରରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଦିବସ ଅବସରରେ ଆଜି କ୍ଷୀରୋଦ କର, ଅଚ୍ୟୁତ ପ୍ରଧାନ, ତରଙ୍ଗିଣୀ ଦାସ, ରାଧାବଲ୍ଲଭ ମଲ୍ଲିକ, ସଂଯୁକ୍ତା ନାୟକ, ବ୍ରହ୍ମାନନ୍ଦ ମଲ୍ଲିକ, ଗୋବିନ୍ଦ ସାହୁ, ମାଧବୀ ମଲ୍ଲିକ, ଧନେଶ୍ୱର ଦାସ, କାମଦେବ ମଲ୍ଲିକ, କୃଷ୍ଣ ମଲିକ, ମାନସ ଯେନା, କ୍ଷୀରୋଦ ଯେନା ଆଦିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ କହିଛନ୍ତି।

# ଡାକ୍ତରଙ୍କ ଧାରଣା; ରୋଗୀ ସେବା ବାଧାପ୍ରାପ୍ତ

**ଯାଜପୁର/ଧର୍ମଶାଳା,୧।୭(ସମିସ):**

ବିଭିନ୍ନ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସ (ଓମସା) ପକ୍ଷରୁ ଯାଜପୁର ଜିଲ୍ଲା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଡାକ୍ତର ମାନଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ବିଭିନ୍ନ ମେଡିକାଲର ଡାକ୍ତର କାମ ବନ୍ଦ କରି ନିଜ ହକ ପାଇଁ ଆନ୍ଦୋଳନ ଜାରିରଖିଛନ୍ତି। ଫଳରେ ବିଭିନ୍ନ ଡାକ୍ତରଖାନାରେ ରୋଗୀ ସେବା ବ୍ୟାହତ ହୋଇଛି। କିଛି ଦିନ ହେଲା ଡାକ୍ତରଖାନା ଗୁଡିକରେ ମେଡିକାଲ କର୍ମଚାରୀମାନେ ଦିନକୁ ୨ ଘଣ୍ଟା ଲେଖାଏଁ ଆନ୍ଦୋଳନ ଚଳାଇଥିବା ବେଳେ ଆଜି ଡାକ୍ତରମାନେ ପଦୋନ୍ନତି ସମସ୍ୟା, ବଦଳି ପଲିସି, ସୁରକ୍ଷାବ୍ୟବସ୍ଥା



ସହିତ ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଆଦି ନିଜର ଦାବି ଜଣାଇବା ଲାଗି ସିଡିଏମଓଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଫଳରେ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ସଂପର୍କରେ ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ସେଠାରେ ପହଞ୍ଚି ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ବିଧାୟକ ସହାନୁଭୂତି ପ୍ରକାଶ କରିଥିଲେ। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଅଲୋଚନା କରି ସମସ୍ୟାର ସମାଧାନ କରିବାକୁ ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରମାନଙ୍କ ଦାବି ଖୁବଶିଘ୍ର ପୂରଣ ହେବା ସହିତ ସେମାନେ ପୂର୍ବଭଳି ରୋଗୀସେବା ଯୋଗାଇଦେବେ ବୋଲି ବିଧୟକ ଶ୍ରୀ ସାହୁ ଆଶାବ୍ୟକ୍ତ କରିଛନ୍ତି। ତେବେ ଲିଖିତ ପ୍ରତିଶ୍ରୁତି ନମିବା ଯାଏଁ ଧର୍ମଘଟ ଜାରି ରହିବ ବୋଲି ଡକ୍ତର ସଂଘ ପକ୍ଷରୁ କୁହାଯାଇଛି।

## ବ୍ରାଉନସୁଗର ଜବତ୍ ଘଟଣା: ମହିଳା ଅଭିଯୁକ୍ତ ଖଲାସ୍

ହାଟଡ଼ିହି, ୧୭ (ସମିସ): ବ୍ରାଉନସୁଗର ଜବତ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଜେଲ୍ ହାଜତ୍ ଯାଇଛନ୍ତି; କିନ୍ତୁ ମହିଳା ଅଭିଯୁକ୍ତ ଜଣଙ୍କ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିଛନ୍ତି। କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ତାହା ଏଯାଏଁ ସ୍ପଷ୍ଟ ହୋଇପାରିନି। ଅପରପକ୍ଷେ, ରାତିରେ ମହିଳାଙ୍କୁ ଅଟକ ରଖାଯାଇ ପାରିବନି ବୋଲି ନିୟମ ଆଧାରରେ ମହିଳା ଜଣଙ୍କୁ ଛାଡ଼ି ଦିଆଯାଇଥିବା କୁହାଯାଉଛି। ନନ୍ଦିପଦା ଥାନାଞ୍ଚଳରୁ ପୁଲିସ୍ ଗତ ଶନିବାର ୧୧.୪୪ ଗ୍ରାମ ବ୍ରାଉନସୁଗର ଜବତ କରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା। ସେହି ଅଭିଯୁକ୍ତମାନଙ୍କୁ କେନ୍ଦୁଝର ଏଡ଼ିଜେ କୋର୍ଟକୁ ଚାଲାଣ କରାଯାଇଥିଲା। ଗିରଫ ମଧ୍ୟରେ ଜଣେ ମହିଳା ଥିଲେ। ଗିରଫ ବ୍ୟକ୍ତିମାନେ ନନ୍ଦିପଦା ଥାନା ହାଟଡିହି ଗ୍ରାମର ଭାଗିରଥୀ ପଣ୍ଡା(୩୦), ଜଳକଙ୍କଣ ଗ୍ରାମର ଜଗନ୍ନାଥ ମଲ୍ଲିକ(୨୫), ଆନନ୍ଦପୁର ଥାନା ଫକୀରପୁର ଗ୍ରାମର ଦୀପ୍ତିରଞ୍ଜନ ଜେନା(୨୭) ଏବଂ ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀ ଗ୍ରାମର ନିମିତା ମୁଖୀ(୬୭) ଅଟନ୍ତି। ଆନନ୍ଦପୁର ଉପଖଣ୍ଡରେ ଧଳାଜହର କାୟାବିସ୍ତାର କରୁଥିବା ବେଳେ ମହିଳା ଜଣକ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିବା ଘଟଣା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଜିଛି।

## ଉନ୍ନତ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ କର୍ମଶାଳା

ଆନନ୍ଦପୁର, ୧୭ (ସମିସ): ଆନନ୍ଦପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ମତ୍ସ୍ୟ ବିଭାଗ ପକ୍ଷରୁ ଉନ୍ନତ ମତ୍ସ୍ୟଚାଷ ପ୍ରଣାଳୀ ସମ୍ବନ୍ଧୀୟ ଏକଦିବସୀୟ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସହକାରୀ ମତ୍ସ୍ୟ ଅଧିକାରୀ ଦେବପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ସରପଞ୍ଚ, ଶାଳବଣି ସୁଭାଷିନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ, ହାଟଡିହି ବ୍ଲକ ଶୁଭମ୍ କୁମାର ପ୍ରଧାନ, ଘଷିପୁରା ବ୍ଲକ ଅଧିକାରୀ ପାବନୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂତନ ପୋଖରୀ ଖନନ, ପୁରୁଣା ପୋଖରୀର ପୁନରୁଦ୍ଧାର ଓ ମାଛଚାଷ ପାଇଁ ସହାୟତା, ଯାଆଁଳ ଚାଷ ପାଇଁ ଆର୍ଥିକ ସହାୟତା, ଜୈବପୁଞ୍ଜି ପଦ୍ଧତିରେ ମାଛଚାଷ, ଶ୍ୱେତ ପୋଖରୀ ପାଇଁ ଇନପୁଟ ସହାୟତା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ପ୍ରୋତ୍ସାହନ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏହାସହ ପୋଖରୀର ବୈଜ୍ଞାନିକ ପ୍ରସ୍ତୁତି, ଉନ୍ନତମାନର ପୋନା ଚୟନ, ସନ୍ତୁଳିତ ମାଛ ଖାଦ୍ୟ ବ୍ୟବସ୍ଥାପନା, ଜଳର ଗୁଣବତ୍ତା ସଂରକ୍ଷଣ, ମାଛର ରୋଗ ଚିହ୍ନଟ ଓ ପ୍ରତିକାର, ଏବଂ ଆଧୁନିକ ମତ୍ସ୍ୟଚାଷ ପରିଚାଳନା ସମ୍ପର୍କରେ ବିଶେଷଜ୍ଞମାନେ ବିସ୍ତୃତ ଆଲୋଚନା କରିଥିଲେ।

## ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ କର୍ମଶାଳା

କେନ୍ଦୁଝର, ୧୭ (ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର୍ ହଲ୍‌ଠାରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଡି ସିଏଚବି) ପ୍ରସ୍ତୁତି ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲର ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନେ ଅଂଶଗ୍ରହଣ କରିଥିଲେ। ଏହି ହ୍ୟାଣ୍ଡବୁକ୍ ହେଉଛି ଜିଲ୍ଲାର ଏକ ପ୍ରାମାଣିକ ସୂଚନା ଭଣ୍ଡାର। ଏହି ପୁସ୍ତିକାରେ ଗୋଟିଏ ଜିଲ୍ଲାର ପ୍ରତି ଗ୍ରାମ ଓ ସହରାଞ୍ଚଳର ଜନସଂଖ୍ୟା, ସାକ୍ଷରତା ହାର, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇଥାଏ, ଯାହା ସରକାରୀ ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଏହା ଜିଲ୍ଲାସ୍ତରୀୟ ଯୋଜନା ପ୍ରଣୟନ, ପ୍ରଶାସନିକ କାର୍ଯ୍ୟକଳାପ ଏବଂ ବିଭିନ୍ନ ବିକାଶମୂଳକ ପଦକ୍ଷେପ ପାଇଁ ଏକ ମୁଖ୍ୟ ସନ୍ଦର୍ଭ ପୁସ୍ତିକା ଭାବେ କାର୍ଯ୍ୟ କରେ। ଏହାର ସଠିକ ପ୍ରସ୍ତୁତି ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଂଖ୍ୟିକ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ତଥ୍ୟ ସୁସ୍ପଷ୍ଟ ଭାବେ ଉପଲବ୍ଧ ହୋଇପାରିବ, ଯାହା ଭବିଷ୍ୟତର ବିକାଶ କାର୍ଯ୍ୟରେ ସହାୟକ ହେବ। କାର୍ଯ୍ୟକ୍ରମରେ ତଥ୍ୟ ସଂଗ୍ରହ, ସଠିକତା ଯାଞ୍ଚ ଏବଂ ରିପୋର୍ଟ ପ୍ରସ୍ତୁତିର ସୂକ୍ଷ୍ମ କୌଶଳ ସମ୍ପର୍କରେ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

## ଡାକ୍ତର ଦିବସରେ ଠପ୍ ଓପିଡି ସେବା

# ୧୦ ଦଫା ଦାବିରେ ଜିଲ୍ଲା ବ୍ୟାପୀ ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ







କେନ୍ଦୁଝର/ଚମ୍ପୁଆ/ଆନନ୍ଦପୁର, ୧୭ (ସମିସ)

ଗୋଟିଏ ପଟେ ଡାକ୍ତରମାନେ ଆନ୍ଦୋଳନରେ ବସିଥିବା ବେଳେ, ଅନ୍ୟପଟରେ ରୋଗୀସେବା ବ୍ୟାହତ ହୋଇଛି। ୧୦ ଦଫା ଦାବି ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଜିଲ୍ଲାର ସମସ୍ତ ସ୍ଥାୟୀ ଡାକ୍ତର। ଆଜିଠାରୁ ରାଜ୍ୟର ସମସ୍ତ ସ୍ଥାୟୀ ଡାକ୍ତର ଧାରଣାରେ ବସିଥିବା ବେଳେ କେନ୍ଦୁଝର ଜିଲ୍ଲାର ୨୦ଟି ସ୍ୱାସ୍ଥ୍ୟ ସେବାକେନ୍ଦ୍ର ପକ୍ଷରୁ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର ସୁରୁଖୁରରେ ଚାଲିଥିବା ବେଳେ ୧୬ଟି କେନ୍ଦ୍ରରେ ଧାରଣାରେ ବସିଛନ୍ତି ସମସ୍ତ ସ୍ଥାୟୀ ଡାକ୍ତର। ଏହାକୁ ନେଇ ବିଭିନ୍ନ ସ୍ଥାନରେ ରୋଗୀସେବା ବ୍ୟାହତ ହୋଇଛି। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ଏଠାକୁ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଚିକିତ୍ସା ପାଇଁ ଡାକ୍ତର ନଥିବା ତାଙ୍କ ରୋଗକୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଖାପାଖି ୫୦ ଜଣ ଡାକ୍ତର ଦୈନିକ ଚିକିତ୍ସା କରୁଥିବା ବେଳେ, ଏବେ ମାତ୍ର ୮ ଜଣ ଡିଏମଏଫ ଏବଂ ଅସ୍ଥାୟୀ ଡାକ୍ତର କାର୍ଯ୍ୟ କରୁଛନ୍ତି। ଏଥିମଧ୍ୟରୁ ଅର୍ଥୋପେଡିକ୍, ମେଡିସିନ୍ ଓ ଆଖି ବିଭାଗରେ ଜଣେ ବି ଡାକ୍ତର ନଥିବାରୁ ରୋଗୀମାନଙ୍କୁ ଫେରାଇ ଦିଆଯାଉଛି।

### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ରୋଗୀଙ୍କ ଲମ୍ବା ଅପେକ୍ଷା

ଡାକ୍ତର ଦିବସରେ ହିଁ ଆଜି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଓଡ଼ିଶା ଡାକ୍ତର ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବି ପୂରଣ ଦାବିରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଯୋଗୁଁ ଉପଖଣ୍ଡ ଚିକିତ୍ସାଳୟର ବହିର୍ବିଭାଗ (ଓପିଡି) ସେବା ପ୍ରାୟ ଠପ୍ ହୋଇଯାଇଥିଲା। ଏହାର ପ୍ରଭାବରେ ସକାଳୁ ହିଁ ହସ୍ପିଟାଲ ପରିସରରେ ରୋଗୀଙ୍କ ଭିଡ଼ ଜମିଥିଲା। ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଧରି ଲାଇନରେ ଅପେକ୍ଷା କରିବା ସହ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ୍ଣ ସ୍ୱାଭାବିକ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଜଣ ଆୟୁଷ ଡାକ୍ତରଙ୍କୁ ଡେପୁଟେସନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବ୍ୟବସ୍ଥା ପର୍ଯ୍ୟାପ୍ତ ହୋଇପାରି ନଥିଲା। ଫଳରେ ଅନେକ ରୋଗୀ ଚିକିତ୍ସା ନପାଇ ନିରାଶ ହୋଇ ଫେରିଥିବା ବେଳେ କିଛି ରୋଗୀ ବେସରକାରୀ ଚିକିତ୍ସାଳୟ ମୁହାଁ ହୋଇଥିଲେ। ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଦାବିଗୁଡ଼ିକ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାରୁ ଏହି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା ସଂଘ କହିଛି। ଚମ୍ପୁଆ ଡାକ୍ତର ସଂଘର ସଦସ୍ୟ ଡଃ ଧର୍ମପଦ ଦାସ ମହାପାତ୍ର କହିଛନ୍ତି, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସରକାର ଯଦି ଶୀଘ୍ର ଆଲୋଚନା କରି ସମାଧାନର ପଦକ୍ଷେପ ନନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଡଃ ଯୋଗେନ୍ଦ୍ରନାଥ ଆଦ୍ୟା, ଡଃ ସୁଜିତ କୁମାର ଲେଙ୍କା, ଡଃ ଧର୍ମପଦ ଦାସ ମହାପାତ୍ର, ସୁକରାମ ମୁର୍ମୁ, ଡଃ ଜ୍ୟୋତିରଞ୍ଜନ ମଲ୍ଲିକ, ଡଃ ଚିରଞ୍ଜୀବୀ ଚୌଧୁରୀ, ଡଃ ସିରକା ଓ ଡଃ ଜେନା ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଓମସା ଆନନ୍ଦପୁର ଶାଖା ପକ୍ଷରୁ ସମସ୍ତ ଡାକ୍ତର ଧାରଣାରେ ବସିଥିଲେ। ସରକାରଙ୍କ ଖାମଖିଆଲି ନୀତିର ପ୍ରତିବାଦ କରି ଦାବିପୂରଣ ନେଇ ଜିଦରେ ଅଟଳ ବୋଲି ପ୍ରକାଶ କରିଛନ୍ତି। ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ସମସ୍ତ ଡାକ୍ତର ନିଜର ସ୍ୱରକୁ ଶାଣିତ କରିଥିଲେ। ରାଜ୍ୟ ସରକାର ଯଥାଶୀଘ୍ର ଡାକ୍ତରଙ୍କ ୧୦ ଦଫା ଦାବି ଉପରେ ବିଚାର ବିମର୍ଶ କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ଦିଗରେ ଉଚିତ ପଦକ୍ଷେପ ନନେଲେ ରୋଗୀଙ୍କ ଜୀବନ ହାନି ଆଶଙ୍କାକୁ ଏଡ଼ାଯାଇ ନପାରେ।

## ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଅଭିନବ ପ୍ରତିବାଦ

ତୁରୁମୁଙ୍ଗା, ୧୭ (ସମିସ): କେନ୍ଦୁଝର ଜିଲ୍ଲାରେ ସରକାରୀ ମଦ ଦୋକାନକୁ ନେଇ ଦେଖିବାକୁ ମିଳିଛି ଏକ ଅଭିନବ ପ୍ରତିବାଦ। ମଦ ଦୋକାନ ସ୍ଥାନାନ୍ତର ଦାବିରେ ଶତାଧିକ ମହିଳା ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟରରେ ହଳ କରି ଧାନ ବୁଣି ପ୍ରତିବାଦ ଜଣାଇଛନ୍ତି। ପାଟଣା ବ୍ଲକର ଗୋଡିପୋଖରୀ ମୌଜାର ରେଙ୍ଗାଳବେଡା ସରକାରୀ ମଦ ଦୋକାନ ସମ୍ମୁଖରେ ବୁଧବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଡିପୋଖରୀ ମୌଜାର ବାଉଁଶୁଳି ନିକଟରେ ଥିବା ରେଙ୍ଗାଳବେଡା ସରକାରୀ ମଦ ଦୋକାନର ଲାଇସେନ୍ସ ଅବଧି ଶେଷ ହେବା ପରେ ପୁନର୍ବାର ସେହି ସ୍ଥାନରେ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଗୋଡିପୋଖରୀ, ଯମୁନାପଶି, ବାଉଁଶୁଳି ସମେତ ଆଖପାଖ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ମହିଳାମାନେ ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟରରେ ହଳ କରି ଜମିରେ ଧାନ ବୁଣିଥିଲେ। ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରି ଅଭିନବ ପ୍ରତିବାଦ କରିବା ସହ ଗାଁରେ ମଦ ଦୋକାନ ନୁହଁ ଚାଷ କରିବୁ ବୋଲି କହିଛନ୍ତି।



## ବିଜେପି ଗୋଷ୍ଠୀ ବିବାଦ: ଉନ୍ନୟନ କାର୍ଯ୍ୟରେ ବାଧା ନେଇ ପ୍ରତିବାଦ



ଆନନ୍ଦପୁର, ୧୭ (ସମିସ): ବିଜେପିର ଦୁଇ ଗୋଷ୍ଠୀ ଆନନ୍ଦପୁର ବ୍ଲକ ପ୍ରଶାସନକୁ କରାୟତ୍ତ କରିବା ପାଇଁ କସରତ କରିବା ଘଟଣା ଧୀରେ ଧୀରେ ଉଗ୍ର ହେଉଥିବା ପରିଲକ୍ଷିତ ହୋଇଛି। କେନ୍ଦୁଝର ସାଂସଦ ପ୍ରତିନିଧି ଟୁକୁନା ମହାନ୍ତଙ୍କୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରି ଆସୁଛନ୍ତି। ଆଜି ବିଜେପିର ବିଭିନ୍ନ ମଣ୍ଡଳ ଓ ପଞ୍ଚାୟତ ସଂଗଠନ ଦାୟିତ୍ୱରେ ଥିବା କେତେକ କାର୍ଯ୍ୟକର୍ତ୍ତା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ପ୍ରଶାସନ ଓ ବିଡ଼ିଓଙ୍କୁ ଅଯଥା ବିବାଦକୁ ଟଣାଯିବା ଘଟଣାର ପ୍ରତିବାଦ କରିଛନ୍ତି। ବ୍ଲକ ପ୍ରଶାସନକୁ ଏହି ବିବାଦ ଭିତରକୁ ଅଯଥା ଟାଣିବା ଯୋଗୁଁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବିଡିଓଙ୍କ ଉପରେ ଉଠୁଥିବା ଅଭିଯୋଗକୁ ସାଂସଦ ପ୍ରତିନିଧି ଶ୍ରୀ ମହାନ୍ତ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଏହା ଦୁଇ ଗୋଷ୍ଠୀ ମଧ୍ୟରେ ବ୍ୟକ୍ତିଗତ ବିବାଦ ଏବଂ ଏହି ଘଟଣା ସହ ବିଡିଓଙ୍କ କୌଣସି ସମ୍ପୃକ୍ତି ନାହିଁ। ତଥ୍ୟ ନଜାଣି କେତେକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ବିଡିଓଙ୍କୁ ବିବାଦରେ ଟାଣୁଛନ୍ତି, ଯାହା ଅତ୍ୟନ୍ତ ଦୁଃଖଦ। ବିଡିଓ ସର୍ବଦା ନିରପେକ୍ଷ ଭାବେ ସରକାରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତାର ସହ କାମ କରୁଛନ୍ତି।

## ଚମ୍ପୁଆ ଶିଶୁ ମନ୍ଦିର ଆଚାର୍ଯ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚମ୍ପୁଆ, ୧୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସଂସ୍କୃତ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଶିଶୁ ମନ୍ଦିରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଓ ଅଭୁଲା ଅନୁଭୂତି ବିଷୟରେ ବର୍ଣ୍ଣନା କରି ତାଙ୍କର ଅବସର ପରବର୍ତ୍ତୀ ସୁଖ ଓ ନିରାମୟ ଜୀବନ କାମନା କରିଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିବା ସହ ଗୁରୁଜୀଙ୍କ ସୁଖୀ ଓ ନିରାମୟ ଜୀବନ କାମନା କରିଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର କର୍ମକର୍ତ୍ତା, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାମାନଙ୍କ ଦ୍ୱାରା ଉପଢ୍ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓରିଆ ଗ୍ରାମରେ ନୂତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ




ତେଲକୋଇ, ୧୭ (ସମିସ): ତେଲକୋଇ ବ୍ଲକ ଓରିଆ ଗ୍ରାମରେ ଆଜି ଆର୍‌ବିଏନ୍ ନାମକ ଏକ ନୂତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ବିଏନ ମଧ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦେବାନନ୍ଦ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମହାନ୍ତ, ଉପାଧ୍ୟକ୍ଷ ଦୀପ୍ତିମୟୀ ସାହୁ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟରେ ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବା ବ୍ୟବସ୍ଥା ରହିଛି।

## ପାଞ୍ଚ ବେଆଇନ୍ ବାଲି ବୋଝେଇ ହାଇୱା ଜବତ

ହାଟଡ଼ିହି, ୧୭ (ସମିସ): ଅପରେସନ୍ ବୈତରଣୀର କିଛିଦିନ ଅନ୍ତରରେ ପ୍ରତିଦିନ କିଛି କିଛି ବାଲି ବୋଝେଇ ହାଇୱା ବାଲି ପରିବହନ କରୁଥିଲା ବେଳେ ଆଜି ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ବଡ଼ଧରଣର ଚଢ଼ଉ ହୋଇଥିଲା। ବାଲି ପରିବହନ ବେଆଇନ୍ ବୋଲି ଜଣାପଡ଼ିବାରୁ ସୋସୋ ଥାନାଞ୍ଚଳରୁ ୨ଟି ଏବଂ ନନ୍ଦିପଦା ଥାନାଞ୍ଚଳରୁ ୩ଟି ହାଇୱା ଜବତ କରି ପୃଥକ ଭାବେ ମାମଲା ରୁଜୁ ହୋଇଛି। ଜବତ ହାଇୱା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡ଼ିପିଓ ଶ୍ରୀ ପଣ୍ଡା କହିଛନ୍ତି। ତେବେ, ପୁଲିସ୍ ପକ୍ଷରୁ ରୀତିମତ ବେଆଇନ୍ ବାଲି ପରିବହନ ଗାଡ଼ି ଜବତ ହେଉଥିଲା ବେଳେ ମାଇନିଂ ଅଧିକାରୀମାନେ ପଦକ୍ଷେପ ନେବାରେ କାହିଁକି କୁଣ୍ଠାବୋଧ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ଆନନ୍ଦପୁରରେ ନୂତନ ଅଧୀକ୍ଷଣ ଯନ୍ତ୍ରୀ

ଆନନ୍ଦପୁର, ୧୭ (ସମିସ): ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଜନରେ ହିମାଂଶୁ ଭୂଷଣ ସେଠୀ ନୂତନ ଅଦୀକ୍ଷଣ ଯନ୍ତ୍ରୀ ଭାବେ ଯୋଗଦେଇଥିବା ଜଣାଯାଇଛି। ଶ୍ରୀ ସେଠୀ କେନ୍ଦୁଝର ଜିଲ୍ଲା ବାଂଶପାଳ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଥାଇ ଆନନ୍ଦପୁର ବିଭାଜନର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ଅଧିକାରୀ ଓ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଆନନ୍ଦପୁର ଠିକାଦାର ସଂଘ ପକ୍ଷରୁ ଗଦାଧର ନାୟକ ଗଗନ ଭୂୟାଁ ବାବୁଲି ପଟନାୟକ ପ୍ରତାପ ରାମ ସହଦେବ ସାହୁ ପପୁ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।



## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୧୭ (ସମିସ): କେନ୍ଦୁଝର ମାଇନିଂରୋଡ଼ସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁରମା ସାହୁଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳନୀ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ କକ୍ଟର ଅନିଲ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିରେ ସଭାପତି ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ସଦର ବ୍ଲକ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜସେବୀ ଭରତଚନ୍ଦ୍ର ପାତ୍ର, ସଦର ବ୍ଲକର ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ପଦ୍ମିନୀ ସୁର, ଶିରଷପାଳ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ପଣ୍ଡା ପ୍ରମୁଖ ଅତିଥି ବିଦାୟୀ ଶିକ୍ଷୟିତ୍ରୀ ସୁରମା ସାହୁଙ୍କ ସମ୍ପର୍କରେ ମତ ପୋଷଣ କରି ତାଙ୍କର ନିରାମୟ ଓ ଦୀର୍ଘାୟୁ କାମନା କରିଥିଲେ। ପ୍ରଧାନ ଶିକ୍ଷକ ତପନ ପଣ୍ଡା ସଭା ପରିଚାଳନା କରିଥିଲେ। ପୁରାତନ ଛାତ୍ରଛାତ୍ରୀ ସାମ୍ବାଦିକ ପବିତ୍ର ବେହେରା, ତାରାରାମ ଓ ସୁଚରିତା ରାଉତଙ୍କ ସମେତ ବିଦ୍ୟାଳୟର ଶିକ୍ଷୟତ୍ରୀ ସଂଯୁକ୍ତା ନାଥ, ଗୋପବନ୍ଧୁ ପାତ୍ର, କର୍ମଚାରୀ ନବକିଶୋର ଗିରି, ରଘୁନାଥ ମହାକୁଡ଼, ଚୈତନ୍ୟ ଆରୁକ, କହ୍ନେଇ ଚରଣ ମହାନ୍ତ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନାନୀ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

## ମୃତକଙ୍କ ପରିଚୟ ମିଳିଲା

ତେଲକୋଇ, ୧୭ (ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ବଡ଼ଖମଣ ଛକ ନିକଟସ୍ଥ ସାତହଳିଆ ଜଙ୍ଗଲରୁ ଗତ ମଙ୍ଗଳବାର ଉଦ୍ଧାର ହୋଇଥିବା ଗଳିତ ମୃତଦେହର ପରିଚୟ ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି। ମୃତକ ହେଲେ ତେଲକୋଇ ଥାନା ସାଙ୍କେଇ ଗ୍ରାମର ସ୍ୱର୍ଗତ ରଥିଆ ଜୁଆଙ୍ଗଙ୍କ ପୁଅ ଲିପୁନ (୧୭)। ତେବେ ଲିପୁନ ତାମିଲନାଡୁକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ କହି ଆଜକୁ ୫ ଦିନ ପୂର୍ବରୁ ଘରୁ ଆସିଥିବା ବେଳେ ସ୍ଥାନୀୟ ଜଣେ ସମ୍ପର୍କୀୟଙ୍କ ସହିତ ଯିବା ପାଇଁ ତାଳପଦା ପୋଙ୍ଗା ଅଞ୍ଚଳକୁ ଆସିଥିଲେ। ଉକ୍ତ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ହାତୀ ଆକ୍ରମଣରେ ଶିକାର ହୋଇଥିବା କୁହାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ପୁଲିସର ଥାନାୱାରୀ ନିଶାମୁକ୍ତି ଅଭିଯାନ

ଆନନ୍ଦପୁର, ୧୭ (ସମିସ)



ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ସଚେତନତା ଅଭିଯାନ ଆଜି ଆନନ୍ଦପୁର ଉପଖଣ୍ଡର ସମସ୍ତ ଥାନା ପକ୍ଷରୁ ଆରମ୍ଭ ହୋଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା, ଆନନ୍ଦପୁର, ନନ୍ଦିପଦା, ସୋସୋ ଓ ରାମଚନ୍ଦ୍ରପୁର ଥାନାରେ ଏହି ସଚେତନତା କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶା ସେବନର କୁପ୍ରଭାବ, ବେଆଇନ ନିଶା କାରବାର ରୋକିବାରେ ପୁଲିସର ଭୂମିକା ଓ ସାଧାରଣ ଜନତାଙ୍କ ସହଯୋଗର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ଥାନାର ଅଧିକାରୀ, 'ଆମ ପୁଲିସ'ର ସଦସ୍ୟ ଓ ପୁଲିସ କର୍ମଚାରୀମାନେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସାମୂହିକ ସଂକଳ୍ପ ନେଇଥିଲେ। ନିଶା ବିରୋଧୀ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ପୁଲିସ ପକ୍ଷରୁ ଆହ୍ୱାନ କରାଯାଇଥିଲା।

**ଘଟଗାଁ:** ଘଟଗାଁ ଥାନା ପରିସରରେ 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ସମସ୍ତେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଘଟଗାଁ ଥାନା ଦାୟିତ୍ୱରେ ଥିବା ଆଇଆଇସି ମାନସ କୁମାର ମହାକୁଡ଼, ପୁଲିସ ସବଇନ୍ସପେକ୍ଟର ପ୍ରଶାନ୍ତ ବେବେରା, ଏଏସଆଇ ବ୍ୟାସଦେବ ମିର୍ଧା, ପ୍ରେସ କ୍ଲବ ସଭାପତି ପ୍ରଦୀପ ସା, ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସିଂହ, ସଞ୍ଜୟ ମିଶ୍ର, ପ୍ରଫୁଲ ରାଉତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ ସାହୁ, ନାରାୟଣ ପଲେଇ, ମାନସ ପେରେଇ, ଭୀମସେନ ବଳ, ଛବିନ୍ଦ୍ର ଜେନା, ଭବାନୀଶଙ୍କର ମହାନ୍ତ, ଦେବାଶିଷ ଭଞ୍ଜ, ବରିଷ୍ଠ ନାଗରିକ ଜଗବନ୍ଧୁ ସା, ସମାଜସେବୀ ଉତ୍ତମ ପ୍ରଧାନ, ଉଠାଦୋକାନୀ ସଂଘ ସମ୍ପାଦକ ଭରତଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ପୁଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ପକ୍ଷରୁ ବୁଧବାର ତୁରୁମୁଙ୍ଗା ପଞ୍ଚାୟତ ସଭାଗୃହରେ ମଦ ବିରୋଧୀ ଅଭିଯାନକୁ ନେଇ ଏକ ସଚେତନତା ସଭା ଥାନାଧିକାରୀ ସବିତା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଥାନା ଏସଆଇ କିଶୋରଚନ୍ଦ୍ର ପାତ୍ର ଏଏସଆଇ ବିରେନ୍ଦ୍ର କିଶୋର ବେହେରା, ସୁଜାତା ମହାନ୍ତ ପ୍ରମୁଖ ଯୋଗ ଦେଇ ମଦମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ସଚେତନତା ଅଭିଯାନରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି ନାବାଳକର ମୃତ୍ୟୁ

ଚମ୍ପୁଆ, ୧୭ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ୧୨ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚମ୍ପୁଆ ମୌଲାନାଗୁଡ଼ା ଅଞ୍ଚଳର ସରୱର ଆଲାମଙ୍କ ୧୨ ବର୍ଷର ପୁଅ ଆୟାନ ସରୱର। ଆୟାନ ଘରୁ ଦ୍ୱିପ୍ରହର ସମୟରେ ବାହାରିବା ପରେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ଗାଧୋଇବାକୁ ଯାଇଥିବା ସନ୍ଦେହ କରି ନଦୀକୂଳରେ ଖୋଜାଖୋଜି କରିଥିଲେ। ଏହି ସମୟରେ ନଦୀ କୂଳରେ ତାଙ୍କର ପୋଷାକ ପଡ଼ିଥିବା ଦେଖି ସନ୍ଦେହ ବଢ଼ିଥିଲା। ପରେ ଆୟାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଚମ୍ପୁଆ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ୟୁଡି କେସ୍ ନଂ. ପ ୧୮/୨୦୨୬ ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଅକାଳ ମୃତ୍ୟୁକୁ ନେଇ ମୌଲାନାଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତଷ୍ଠା ଦିବସ

ଆନନ୍ଦପୁର, ୧୭ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ଼ଃ ନିମାଇଁ ଚରଣ ରାଉତଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ମାୟାଧର ଜେନା, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରିରକ୍ଷକର ସାହୁ, ପୁରାତନ ଛାତ୍ର ସଂସଦର ସଭାପତି ରାମଚନ୍ଦ୍ରସୁର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପବନ୍ଧୁ ପଣ୍ଡା, ରମାକାନ୍ତ ନାୟକ, ଡ. ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ସଭାରେ ସଂଯୋଜନା ଅଧ୍ୟାପକ ରଘୁଦୀପ୍ତି ନାୟକ କରିଥିବା ବେଳେ ଅତିଥି ପରିଚୟ ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା ପ୍ରଦାନ କରିଥିଲେ। ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ, ଡ. ମିତାଶ୍ରୀ ବେହେରା, ଡ. ଦେବାଶିଷ ମିଶ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ ପଣ୍ଡା ତଥା ଛାତ୍ରଛାତ୍ରୀ, ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।



# ସମ୍ପାଦକୀୟ



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

ସକାଳ
THE SAKALA

## ଡିଜିଟାଲ ଇଣ୍ଡିଆର କଷଣ

ଆଧାର ଏକ କାର୍ଡ ନା ନମ୍ବର? ଏହା ଇଚ୍ଛାଧୀନ ନା ବାଧ୍ୟତାମୂଳକ? ଏହି ପ୍ରଶ୍ନ ଓ ପ୍ରସଙ୍ଗ ଏକାଧିକ ଥର ନ୍ୟାୟପାଳିକାର କାଠଗଡ଼ାକୁ ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର 'ଆଧାର'କୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ଶେଷଥର ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୮ ସେପ୍ଟେମ୍ବର ମାସରେ 'ଜଷ୍ଟିସ୍ କେ ଏସ୍ ପୁଟ୍ଟାସ୍ୱାମୀ ବନାମ ଭାରତ ସରକାର' ମାମଲାରେ ସ୍ପଷ୍ଟ କରିଥିଲେ ଯେ ବିଭିନ୍ନ ଜନକଲ୍ୟାଣମୂଳକ ସରକାରୀ ଯୋଜନାର ହିତାଧିକାର ପାଇଁ 'ଆଧାର' ସଂଯୋଗ ଆବଶ୍ୟକ; କିନ୍ତୁ 'ଆଧାର' ସଂଯୋଗର ଅନୁପସ୍ଥିତି ଆଳରେ କୌଣସି ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ କରାଯାଇପାରିବ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶାରେ ଗତଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟର ସର୍ବାଧିକ ଉଲ୍ଲଙ୍ଘନ ହେବା ସହିତ ଗରିବ ହିତାଧିକାରୀଙ୍କୁ ଇ-କେୱାଇସି ଆଳରେ ନ୍ୟାଯ୍ୟ ଅଧିକାରରୁ ମାସ ମାସ ଧରି ବଞ୍ଚିତ କରାଯାଇଛି।

ଗତବର୍ଷ ରାସନ୍ ବା ପଡ଼ିକାର୍ଡଧାରୀଙ୍କ ପାଇଁ ଇ-କେୱାଇସି ନବୀକରଣ ବାଧ୍ୟତାମୂଳକ କରାଯିବା ପରେ ଓଡ଼ିଶାର ଲକ୍ଷ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଭିତରେ ଅଯୋଗ୍ୟ ହିତାଧିକାରୀ ବା ଜାଲ୍ ପଡ଼ିକାର୍ଡ ଧାରୀ ନଥିଲେ ବୋଲି କୁହାଯାଇପାରିବ ନାହିଁ। ତେଣୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଲକ୍ଷ୍ୟଭିତ୍ତିକ କରିବା ପାଇଁ ବୈଧ ପରିଚୟ ଓ ଚିହ୍ନଟକୁ ମଧ୍ୟ କେହି ମନା କରୁନାହାନ୍ତି। କିନ୍ତୁ କିଛି ପ୍ରତିଶତ ଜାଲ୍ ହିତାଧିକାରୀଙ୍କ ପାଇଁ ଲକ୍ଷ ଲକ୍ଷ ଗରିବ ହିତାଧିକାରୀ ମାସ ମାସ ଧରି ରାସନ ଓ ଖାଦ୍ୟ ସୁରକ୍ଷା ଅଧିକାରରୁ ବଞ୍ଚିତ କରାଯିବ କେଉଁ ନ୍ୟାୟରେ? ଚଳିତ ବର୍ଷ ମଧ୍ୟ ସେଭଳି ବିଡ଼ମ୍ବନାର ପୁନରାବୃତ୍ତି ଘଟିଛି। ମାସ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇ ନ ଥିବା ବେଳେ ଏବେ ଆଧାର ଲିଙ୍କ ବାହାନା ଖୋଜାଯାଉଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ ଆଧାର ଲିଙ୍କ ନଥିଲେ ଆଉ ବାର୍ଦ୍ଧକ୍ୟ ଭତ୍ତା ମିଳିବ ନାହିଁ। ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ନିରକ୍ଷର ଓ ଅଳ୍ପଶିକ୍ଷିତ। ଡିଜିଟାଲ୍ ସ୍ୱାକ୍ଷରତା, ଆଧାର ଲିଙ୍କ, ଇକେୱାଇସି ଭଳି ଜଟିଳ ବ୍ୟବସ୍ଥାକୁ ସେମାନେ ନା ବୁଝିପାରିବେ ନା ସେମାନଙ୍କୁ କେହି ବୁଝାଇପାରିବେ। ଏହି ବାସ୍ତବତାକୁ ଯେ ସରକାର କିମ୍ବା ବିଭାଗୀୟ ବାବୁମାନେ ହୃଦୟଙ୍ଗମ କରି ନ ଥିବେ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତଥାପି ହିତାଧିକାରୀଙ୍କୁ ବୈଷୟିକତା ତ୍ରୁଟି ଆଳରେ ଅଧିକାରରୁ ବଞ୍ଚିତ କରିବା ସାମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ନୁହେଁ କି? ଆଜି ଆମ ଦେଶ ଡିଜିଟାଲ୍ ଇଣ୍ଡିଆର ସଫଳତାର ଦଶନ୍ଧି ପୂର୍ତ୍ତି ମହୋତ୍ସବ ପାଳନ କରୁଥିବା ବେଳେ ଡିଜିଟାଲ୍ ପାହାରର କଷଣ କେତେ ଯୁକ୍ତିଯୁକ୍ତି ତାହା ମଧ୍ୟ ବିଚାର୍ଯ୍ୟ।

ଏଭଳି ବିଡ଼ମ୍ବନା ଓ ବ୍ୟତିକ୍ରମର ମୂଳାଧାର ହେଉଛି ଡିଜିଟାଲ୍ ଇଣ୍ଡିଆର ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳ ପ୍ରକ୍ରିୟା। ଜନଜୀବନକୁ ସାବଲୀଳ, ସହଜ ଓ ସରଳ କରିବା ସହିତ ମାନବ ସଭ୍ୟତାକୁ ଉନ୍ନତ କରିବା ଲାଗି ବିଜ୍ଞାନ ସର୍ବଦା ଅଭିପ୍ରେତ। କିନ୍ତୁ ବିଜ୍ଞାନ ଯଦି ସୁଖ ବଦଳରେ ଦୁଃଖ ଦିଏ, ଜୀବନକୁ ସହଜ କରିବା ବଦଳରେ ଯଦି ଯନ୍ତ୍ରଣାସିକ୍ତ କରିଦିଏ ତେବେ ତାହା ବିଜ୍ଞାନର ଅଭିଶାପ ବୋଲି କହିବାକୁ ହେବ। ମହତ୍ ଉଦ୍ଦେଶ୍ୟରେ ଚଳିତ ଶତାବ୍ଦୀର ପ୍ରାରମ୍ଭରୁ ଭାରତରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ ଏବେ ଡିଜିଟାଲ୍ ଭାରତର ରୂପ ନେଇ ସେଭଳି ଅଭିଶପ୍ତ ଘଟଣାମାନଙ୍କୁ ଜନ୍ମ ଦେଇଚାଲିଛି। ଆମ ଭିତରୁ ପ୍ରାୟ ଅଧିକାଂଶ ଭୁକ୍ତଭୋଗୀଙ୍କ ଅନୁଭବ ଓ ଅନୁଭୂତି ଏହା ଯେ - ଡିଜିଟାଲ୍ ବିପ୍ଳବ କାମକୁ ଆରାମଦାୟକ ଓ ସତ୍ୱର କରିଦେଇଛି। କିନ୍ତୁ ଏହାର ପାଦେ ପାଦେ ବିପଦ ରହିଛି। ସାକ୍ଷରତା ଓ ସଚେତନତା ବିନା ଡିଜିଟାଲ୍ ଦୁନିଆ ଅପରାଧର ଏକ ମାୟାନଗରୀ ଭାବେ ପ୍ରମାଣିତ ହୋଇଛି। ଏପରିକି ଉଚ୍ଚଶିକ୍ଷିତ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ମଧ୍ୟ ଡିଜିଟାଲ୍ ଦୁନିଆର ମାୟାଜାଲରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି।

ଡିଜିଟାଲ୍ ଦୁନିଆକୁ ଏଡ଼ାଇ ଯିବା ଆଜିର ସମୟରେ ଅସମ୍ଭବ। ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଡିଜିଟାଲାଇଜେସନ୍ କରିବାରେ କେହି ଆପତ୍ତି କରୁନାହାନ୍ତି। କିନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ବିନା ଏହାର ପ୍ରୟୋଗ କିଭଳି ବିପତ୍ତି ଓ ବିଭ୍ରାଟମାନ ସୃଷ୍ଟି କରିପାରେ ତାହା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମେତ ଓଡ଼ିଶାରେ ରାସନ୍ ଓ ଭତ୍ତା ବଣ୍ଟନ ବ୍ୟତିକ୍ରମକୁ ଉଦାହରଣ ରୂପେ ନିଆଯାଇପାରେ। ଗତ ପାଞ୍ଚବର୍ଷ ଭିତରେ ଯେଉଁ କେତେକ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପଛରେ ଡିଜିଟାଲ୍ ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଡିଜିଟାଲ୍ ସିଗନାଲ୍ ବା ଭିଡ଼ ନିୟନ୍ତ୍ରଣକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ସୁସଂଯତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଡିଜିଟାଲ ଜ୍ଞାନକୌଶଳର ଭରପୂର ପ୍ରୟୋଗ କରାଯାଇଥିବା ବେଳେ ତାହାର ସାମାନ୍ୟ ତମ ଅପ୍ରସ୍ତୁତି ଯୋଗୁଁ ଯେଉଁ ଦୁର୍ଘଟଣାମାନ ଘଟୁଛି ସେଥିମଧ୍ୟରୁ ୨୦୨୩ର ବାହାନଗା ରେଳଦୁର୍ଘଟଣା ଇତିହାସରେ ଅପାସୋରା ହୋଇ ରହିଯିବ।

ଡିଜିଟାଲ୍ ଇଣ୍ଡିଆର ଆଉ ଏକ ନକାରାତ୍ମକ ଦିଗ ଏବେ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ଏସ୍‌ଆଇଆର ପ୍ରକ୍ରିୟାରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଓ ପରିବାର ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ପଶ୍ଚିମବଙ୍ଗର ନବନିର୍ବାଚିତ ସରକାର ଘୋଷଣା କରିଛନ୍ତି। ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କାରଣରୁ ପାସ୍‌ପୋର୍ଟ ମଧ୍ୟ ନବୀକରଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏହା କହିବା ବାହୁଲ୍ୟ ଯେ ଏସ୍‌ଆଇଆରରେ 'ତାର୍କିକ ବିସଙ୍ଗତି'(ଲଜିକାଲ୍ ଡିସ୍‌କ୍ରିପାନ୍ସି) ଭଳି ଯେଉଁ ଅସ୍ତ୍ରଟିକୁ ଉପଯୋଗ କରାଗଲା ସେଥିରେ ଅନ୍ୟାୟଭାବେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଲେ। ଆଲ୍‌ଗୋରିଦିମ୍(ଡିଜିଟାଲ) ଦ୍ୱାରା ନିୟନ୍ତ୍ରିତ ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭାରତୀୟମାନେ ଏବେ ସେମାନଙ୍କ ନାଗରିକତ୍ୱ ହରାଇବା ପରି ସ୍ଥିତି ସୃଷ୍ଟି ହୋଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବୋଝ ବଢ଼ିଚାଲିଛି। ସ୍ୱୟଂକ୍ଷମ ପୂର୍ଣ୍ଣପ୍ରସ୍ତୁତିର ଅନୁପସ୍ଥିତିରେ 'ଡିଜିଟାଲ୍ ଇଣ୍ଡିଆ'ରେ ଯେଉଁଭଳି ଭାବେ ସାଇବର ଅପରାଧ, ଡିଜିଟାଲ୍ ଆରେଷ୍ଟ, ହ୍ୟାକିଂ ଅପରାଧମାନ ବଢ଼ିଚାଲିଛି ତାହା ମଧ୍ୟ କାହାକୁ ଅଛପା ନାହିଁ। ବିଦ୍ୟାଳୟମାନଙ୍କରେ 'ଆଧାର' ଓ 'ଅପାର' ସଂଯୋଗର ବାଧ୍ୟବାଧକତା ଜନ୍ମ ଦେଇଥିବା ଜଟିଳତା, ସମସ୍ୟା ଓ ଯନ୍ତ୍ରଣା ଅଭିଭାବକଙ୍କ ଛଡ଼ା ଆଉ କେହି ହୃଦୟଙ୍ଗମ କରିପାରିବେ ନାହିଁ।

ତେଣୁ ଶ୍ରୁତିମଧୁର ଡିଜିଟାଲ୍ ଇଣ୍ଡିଆକୁ ତିକ୍ତ-ଅନୁଭବମୁକ୍ତ କରିବାକୁ ହେଲେ ନୀତିନିର୍ଦ୍ଧାରଣ ସ୍ତରରେ ଆହୁରି ପରିପକ୍ୱତା ଆବଶ୍ୟକ। ପ୍ରଚାରସର୍ବସ୍ୱ ମାନସିକତାକୁ ତ୍ୟାଗ କରି ପ୍ରଭାବସର୍ବସ୍ୱ ନୀତି ନିର୍ଦ୍ଧାରଣ ନ ହେବା ଯାଏଁ ଡିଜିଟାଲ ଇଣ୍ଡିଆର ଏଭଳି ଅଦେଖା ଓ ଅକୁହା କଷଣ ଓ ଉଦାହରଣମାନ ବଢ଼ିଚାଲିଥିବ। ●

## ନିର୍ବାଚନ ପୂର୍ବରୁ ଓ ପରେ

**ଅକ୍ଷୟ କୁମାର ମିଶ୍ର**

ଜନସାଧାରଣ ସବୁବେଳେ ଆଶା କରନ୍ତି ତାଙ୍କର ଯିଏ ନେତା ହେବେ ସେ ଜଣେ ଭଲ ସେବକ ହୁଅନ୍ତୁ। ତାଙ୍କର ଭାବମୂର୍ତ୍ତି ନିର୍ମଳ ହେଉ। ସେ ନିଃସ୍ୱାର୍ଥପର, ନିରାଡ଼ମ୍ବର, ନିଷ୍କଳଙ୍କ ଓ ନିରପେକ୍ଷ ହୁଅନ୍ତୁ। ଦୟା, କ୍ଷମା, ଉଦାରତା, ସହନଶୀଳତା ଆଦି ମାନବୀୟ ଗୁଣର ସେ ଅଧିକାରୀ ହୁଅନ୍ତୁ। ସର୍ବୋପରି ଜଣେ ଜ୍ଞାନୀ ମଣିଷ ହୁଅନ୍ତୁ। ଲୋକଙ୍କର ଏହି ଭାବନାକୁ ଆମ ଦେଶର ତଥାକଥିତ ନେତାମାନେ ବେଶ୍ ଭଲଭାବରେ ଜାଣିଛନ୍ତି। ସେଇଥିପାଇଁ ବୋଧହୁଏ ନିର୍ବାଚନ ପୂର୍ବରୁ ସେମାନଙ୍କର ଗୋଟିଏ ରୂପ ନିର୍ବାଚନ ପରେ ଆଉ ଏକ ରୂପ।

ନିର୍ବାଚନ ପୂର୍ବରୁ ସବୁ ନେତା ଭଦ୍ର, ସରଳ, ମିଷ୍ଟଭାଷୀ। ଏମିତି ଆଚରଣ ପ୍ରଦର୍ଶନ କରନ୍ତି ସତେଯେମିତି ସାମାନ୍ୟତମ ଲୋଭ ବା ମୋହର ବଶବର୍ତ୍ତୀ ନୁହନ୍ତି ସେମାନେ। ସାଧାରଣ ବେଶଭୂଷା, ସରଳ ଜୀବନଯାପନ ଲୋକଙ୍କୁ ଆକୃଷ୍ଟ କଲା ଭଳି। ଆହାରେ ଭଲ-ମନ୍ଦ ନାହିଁ। ଜାତି-ଅଜାତି ଆଉ ସ୍ଥାନ-କାଳ-ପାତ୍ରର ବାଛବିଚାର ନାହିଁ। ଯେଉଁଠି ଯେମିତି ମିଳେ ତାହା ଆଗ୍ରହର ସହିତ ଖାଇ ନିଅନ୍ତି। କାହା ପିଣ୍ଡାର ଛିଣ୍ଡା ମଶିଣାରେ, ମନ୍ଦିର ଅଗଣାରେ, ମେଳଣ ପଡ଼ିଆରେ, ଘାସ ଉପରେ ବସି ଲୋକଙ୍କ ଅନ୍ତରଙ୍ଗ ହେବାକୁ ଉଦ୍ୟମ କରନ୍ତି। କାହାର ବିପଦ ଆପଦରେ ଅଯାଚିତ ଭାବେ ଆସି ପହଞ୍ଚି ଯାଆନ୍ତି। ବେଳେ ବେଳେ ଶବ ଶୋଭାଯାତ୍ରାରେ କୋକେଇରେ କାନ୍ଧ ଦେଇ ମଶାଣି ପର୍ଯ୍ୟନ୍ତ ଯାଆନ୍ତି। ବଦମାସ, ଚୋର, ଡକାୟତ ବି ସାଧୁ ପାଲଟି ଯାଆନ୍ତି ନିର୍ବାଚନ ସମୟରେ। ଦାନୀ ହରିଶ୍ଚନ୍ଦ୍ର ଭଳି ଦାନ ଦକ୍ଷିଣା ଦେବାରେ ମଧ୍ୟ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ। ଲୋକେ କୁହା ବୁଲା କରନ୍ତି 'ମଣିଷ ଭଳି ମଣିଷଟିଏ। ନେତା ହେବ ତ ଏମିତି।'

ଲୋକଙ୍କର କଳନା ଭୁଲ ପ୍ରମାଣିତ ହୁଏ ନିର୍ବାଚନ ପରେ। ସମସ୍ତ ପ୍ରଶଂସା ତିରସ୍କାରର ରୂପ ନିଏ। ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ, ଏତେ ଶୀଘ୍ର ସେମାନେ ବଦଳି ଯାଉଛନ୍ତି କେମିତି? ନିର୍ବାଚନ ଜିଣିବାର ମାସେ ଦୁଇ ମାସ ଭିତରେ ସବୁକିଛି ବଦଳି ଯାଉଛି। ପଖାଳ ଖାଇବା ତ ଦୂରର କଥା ଦେଖା ଦର୍ଶନ ମିଳୁ ନାହିଁ। କୌଣସି ଜରୁରୀ କାମରେ ସାକ୍ଷାତ କରିବାକୁ ଗଲେ ସହଜେ ସମ୍ଭବ ହେଉ ନାହିଁ। 'ସାର୍ ଶୋଇଛନ୍ତି', 'ସାର୍ ଆଜି ଦେଖା ହୋଇ ପାରିବେ ନାହିଁ', 'ବହୁ ନାମୀଦାମୀ ଲୋକଙ୍କ ପାଇଁ ସମୟ ସ୍ଥିର ହୋଇଛି', 'କେଉଁଠୁ ଆସିଛ, କାମ କ'ଣ...?' ଏମିତି କେତେ ଶୁଣେଇ ଦେବ ଦରୱାନ୍। ଅତି କାକୁସ୍ଥ ହେଲେ ଉତ୍ତର ଆସିବ, 'ଠିକ୍ ଅଛି ଗୋଟିଏ କାଗଜରେ ନାମ ଠିକଣା ଲେଖିଦିଅ। ପ୍ରାଇଭେଟ୍ ଆସିଷ୍ଟାଣ୍ଟଙ୍କୁ ଦେବି।' ଅଳ୍ପ କେତୋଟି ଦିନ ଭିତରେ ରାଜଧାନୀରେ ଦାମୀ ବଙ୍ଗଳା ତିଆରି ହେଉଛି। ଘରର ଯେତେ ସଦସ୍ୟ ସମସ୍ତଙ୍କ ପାଇଁ ନିଜ ପସନ୍ଦର ଗାଡ଼ି କିଣା ହେଉଛି। ପୁଅ ଝିଅମାନେ ଆଉ ସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ୁ ନାହାନ୍ତି। ଏମିତିକି ଏକଦା ଦେଶଭକ୍ତିର ଡିଣ୍ଡିମ ପିଟୁଥିବା ବାବୁ ତାଙ୍କ ପୁଅଝିଅଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ନିର୍ବାଚନ ପରେ ନବେ ପ୍ରତିଶତ ନେତାଙ୍କ ନିକଟରେ ନୀତି, ଆଦର୍ଶ କେବଳ ମୁଖନିଃସୃତ ବାଣୀ। ଅସଲରେ ଦୁର୍ନୀତିର ପାହାଡ଼ ଆରୋହଣ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ନେତାଙ୍କ ଭିତରେ।

ଗଣତନ୍ତ୍ରର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ଯଦି ନିରୀକ୍ଷଣ କରିବା ତେବେ ଅତି ସହଜରେ ଜାଣି ପାରିବା କେବଳ ଜନପ୍ରତିନିଧିଙ୍କଠାରେ ପରିବର୍ତ୍ତନ ଘଟୁନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଅନେକମାତ୍ରାରେ ନିଜର ନୀତି ଓ କାର୍ଯ୍ୟଧାରାରେ ପରିବର୍ତ୍ତନ ଘଟାଉଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁ କଥା ସବୁ କୁହନ୍ତି ନିର୍ବାଚନ ପରେ ସେସବୁ କାମରେ ପ୍ରତିଫଳିତ ହୁଏ ନାହିଁ। ସବୁଠାରୁ ବଡ଼ କଥା ହେଉଛି କ୍ଷମତାରେ ରହିବା ଏବଂ କ୍ଷମତାକୁ ନିରଙ୍କୁଶ ଉପଭୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେନତେନ ପ୍ରକାରେ ଦଳର ଶକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି।

ଆଲୋଚନାକୁ ଆଣିଲେ ଅନେକ ଘଟଣା ଆସିବ। ତେବେ ଅଳ୍ପ କେତୋଟି ଘଟଣା ସମ୍ପର୍କରେ ଆଲୋଚନା କରିବା। ଏଇ କିଛିବର୍ଷ ହେଲା ଆମେ ଦେଖୁଛୁ ନିର୍ବାଚନ ପରେ ସରକାରୀ ଦଳ କେମିତି ଅନ୍ୟ ଦଳରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ନିଜ ପକ୍ଷକୁ ନେବା ପାଇଁ ଲାଗି ପଡ଼ୁଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଆମ ରାଜ୍ୟର ତିନି ଜଣ ବିଜେଡି ଦଳର ସାଂସଦ ପଦବୀରୁ ଇସ୍ତଫା ଦେଇ ସରକାରୀ ଦଳରେ ସାମିଲ ହେବା ଏବଂ ସଙ୍ଗେ ସଙ୍ଗେ ଦଳୀୟ ଟିକଟ ଦେଇ ପୁନର୍ବାର ସେମାନଙ୍କୁ ରାଜ୍ୟସଭାକୁ ନେଇଯିବାରେ ନୈତିକତାକୁ କେମିତି ସମ୍ପୂର୍ଣ୍ଣ ବିସର୍ଜନ ଦିଆଗଲା ତାହା ସଭିଏଁ ଦେଖିଲେ। ଏମିତି ଏକ ଇସ୍ତଫା ନାଟକ ହେଲା କେବଳ ମାତ୍ର ଦଳବଦଳ ଆଇନରୁ ରକ୍ଷା ପାଇବା ପାଇଁ। 'ଆପ୍' ଦଳର ସାତ ଜଣ ରାଜ୍ୟସଭା ସାଂସଦ କେମିତି ପଟ୍ଟ ପରିବର୍ତ୍ତନ କଲେ ତାହା ସଭିଏଁ ଦେଖିଛନ୍ତି। ଏବେ ଦୃଷ୍ଟି ପଡ଼ିଛି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଉପରେ। ଏହି ଦଳର ସଂକେତରେ ଭୋଟ୍ ନେଇ ନିର୍ବାଚିତ ହୋଇଥିବା ସାଂସଦମାନଙ୍କ ଉପରେ। ୨୮ ଜଣ ସାଂସଦଙ୍କ ମଧ୍ୟରୁ ୨୦ ଜଣ ସାଂସଦ ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପୂର୍ବରୁ ସେହି ରାଜ୍ୟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯିଏ ସେମାନଙ୍କର ଘୋର ବିରୋଧୀ ଥିଲେ ତାଙ୍କ ସହିତ ଗୋପନ ବୈଠକ କରିବା ଦଳର ଭିତିରି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ନିର୍ବାଚନ ପୂର୍ବରୁ ଦଳ ଏମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲା, ଏମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣୁଥିଲା। ମାତ୍ର ନିର୍ବାଚନ ପରେ ନିଜ ଦଳକୁ କୋଳେଇ ନେଉଛି ସବୁକୁ ଭୁଲି। ରାଜ୍ୟସଭା ନିର୍ବାଚନ ସମୟରେ ସରକାରୀ ଦଳମାନେ କେଉଁ ଆଭିମୁଖ୍ୟ ନେଉଛନ୍ତି ତାହା ବିଭିନ୍ନ ରାଜ୍ୟର ଦାଣ୍ଡରେ ପଡ଼ି ଗଡ଼ୁଛି। ଓଡ଼ିଶାରେ ବୋଧହୁଏ ଏହା ସବୁ ସୀମା ଟପି ଯାଇଛି।

ନିର୍ବାଚନ ପରେ ଆଉ ଏକ ଘଟଣା ହେଉଛି ଦଳ ଭାଙ୍ଗିବା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍‌.ସି.ପି. କେମିତି ଏବଂ କେଉଁଥି ପାଇଁ ଭାଙ୍ଗିଲା କାହାକୁ ଅଛପା ନାହିଁ। ଏବେ ପଶ୍ଚିମବଙ୍ଗରେ ସେହି ସମାନ ନାଟକର ପୁନରାବୃତ୍ତି। ପନ୍ଦର ବର୍ଷ ଶାସନ କଲା ପରେ ତୃଣମୂଳ କଂଗ୍ରେସ ନିର୍ବାଚନରେ ପରାଜିତ ହେଲା ଏବଂ ଅଶୀ ବିଧାୟକଙ୍କୁ ନେଇ ବିରୋଧୀ ଦଳ ଆସନରେ ବସିଲା। ମାତ୍ର ମାସେ ଯାଇନି ଅଶୀରୁ ଷାଠିଏ ବିଧାୟକ ମିଶି ନୂତନ ତୃଣମୂଳ କଂଗ୍ରେସ ଗଠନ କଲେ। ନିର୍ବାଚନ ପୂର୍ବରୁ ଯେଉଁମାନେ ଅତ୍ୟନ୍ତ କୁତ୍ସିତ ଭାଷାରେ କଟୁ ସମାଲୋଚନା କରୁଥିଲେ ନିର୍ବାଚନ ପରେ ସେମାନେ ପ୍ରଶଂସାରେ ଶତମୁଖ। ପରମ ଶତ୍ରୁ ପରମ ମିତ୍ର ପାଲଟି ଯାଉଛି। ନିର୍ବାଚନ ପୂର୍ବରୁ ଦଳ ଡେଇଁବା ଆମ ଦେଶରେ ରାଜନୈତିକ ସଂସ୍କୃତି ପାଲଟି ଯାଇଛି। ଦେଶର ଜନଗଣ ମଧ୍ୟ ଏହାକୁ ଗ୍ରହଣ କରିନେଇଛନ୍ତି। ନିର୍ବାଚନ ପରେ ସାଧାରଣ ଲୋକେ କିଛି ସୁବିଧା ସୁଯୋଗ ପାଇବା ଆଶାରେ କ୍ଷମତାସୀନ ଦଳକୁ ଯାଆନ୍ତି। କିନ୍ତୁ ଗୋଟିଏ ଦଳରୁ ଜିଣି ଅନ୍ୟ ଦଳକୁ ଯିବା ଭୟରେ ନା ଭକ୍ତିରେ ତାହା ହିଁ ବିଚାର୍ଯ୍ୟ। ଯାହା ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଭୟ ଗ୍ରାସ କରୁଛି ଏହି ନେତାମାନଙ୍କୁ। ସଭିଏଁ ଅନୁଭବ କଲେଣି ଶାସକ ଶ୍ରେଣୀରେ ରହିଲେ ସବୁପ୍ରକାର ଅପକର୍ମକୁ ଲୁଚାଇ ହେବ। ଅଧିକନ୍ତୁ ଉଦ୍‌ବୃତ୍ତ କ୍ଷମତାର ଉପଭୋଗ କରିହେବ ଯଦି ମନ୍ତ୍ରୀ ପଦଟିଏ ମିଳିଗଲା। ମାତ୍ର ଏହି କ୍ଷେତ୍ରରେ ରାଜନୈତିକ ଦଳମାନଙ୍କୁ ଅଧିକ ଦାୟୀ କରାଯାଇ ପାରେ। ଦଳର ଦୁର୍ନୀତି ସହିତ ସାଲିସ ଏବଂ ଆଦର୍ଶଗତ ବିଚ୍ୟୁତି ଯୋଗୁଁ ଏଭଳି ଘଟଣା ଘଟୁଛି ଯାହା ଗଣତନ୍ତ୍ରର ପକ୍ଷ ଛେଦନ କରୁଛି।

ବ୍ୟକ୍ତି ଓ ଦଳମାନଙ୍କର ଏଭଳି ଅବାଞ୍ଛିତ ପରିବର୍ତ୍ତନ ଗଣ କିମ୍ବା ଗଣତନ୍ତ୍ର କାହା ପାଇଁ ଶୁଭଙ୍କର ନୁହେଁ। ଏହା ଅନ୍ୟାୟ, ଅନୀତି ଓ ଦୁର୍ନୀତିକୁ ପ୍ରୋତ୍ସାହନ ଯୋଗାଏ। ବ୍ୟକ୍ତିବାଦର ଉତ୍ଥାନ ଘଟାଏ। ସୁବିଧାବାଦ ରାଜନୀତିକୁ ଲାଳନ ପାଳନ କରି ବଡ଼ କରାଏ। ଏହାକୁ ରୋକାଯାଇ ପାରିବ ଯଦି ଜନଗଣ ସଚେତନ ହେବେ। ଯେଉଁଦିନ ଜନଗଣ ନିର୍ଭୀକତାର ସହିତ ପ୍ରଶ୍ନ ପଚାରିବେ ଏବଂ ଏ ପ୍ରକାର ଅସାଧୁ, ଅନୈତିକ କାର୍ଯ୍ୟଗୁଡ଼ିକୁ ସାହସର ସହିତ ବିରୋଧ କରିବେ ସେହିଦିନ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ ହେବ। ନହେଲେ ଆମେ କେବଳ ନିଜକୁ ଦୋଷ ଦେଇ ଚାଲିଥିବା ଏବଂ କହି ଚାଲିଥିବା 'ଯିଏ ଲଙ୍କାକୁ ଗଲା ସିଏ ରାବଣ ହେଲା।' ●

ମୋ : ୯୯୩୮ ୭୬୩୨୩୭

## କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

**ବରୁଣ କୁମାର ମହାପାତ୍ର**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲ୍। ତେଣୁ 'ଫିଫା ବିଶ୍ୱକପ୍'ରେ ଖେଳିବା ପ୍ରତ୍ୟେକ ଦେଶର ସ୍ୱପ୍ନ ହୋଇଥାଏ। ତେବେ ଫୁଟବଲର ଏହି ମହାକୁମ୍ଭରେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ଅନୁପସ୍ଥିତି ଦେଶବାସୀଙ୍କ ପାଇଁ ନିରାଶାର କାରଣ ହୋଇଆସିଛି। ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବାରେ ଭାରତର ଏପରି ବାରମ୍ବାର ବିଫଳତା ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଛି। ଆମ ଦେଶରେ ଫୁଟବଲ୍ ପ୍ରତିଭାଙ୍କ ଅଭାବ ନାହିଁ। ଅଥଚ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବାରେ ସଂଘର୍ଷ କରୁଛି। ଦିଲ୍ଲୀ ଠାରୁ ବି ଛୋଟ କ୍ୟୁରାସାଓ ଓ କେପ୍ ଭର୍ଦେ ଭଳି ଦେଶ ଚଳିତ ବିଶ୍ୱକପ୍‌ରେ ଖେଳୁଥିବା ବେଳେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର କାହିଁକି ଯୋଗ୍ୟତା ଅର୍ଜନ କରିପାରୁ ନାହିଁ? କୋଉଠି ରହୁଛି ଅଭାବ? କେବେ ପୂରଣ ହେବ ଭାରତର ବିଶ୍ୱକପ୍ ସ୍ୱପ୍ନ?

ଏକଦା ଏସିଆରେ ଭାରତୀୟ ଫୁଟବଲର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଭାରତ ୧୯୬୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲା। ଏପରିକି ୧୯୫୦ 'ଫିଫା' ବିଶ୍ୱକପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିଲା। କିନ୍ତୁ ଆର୍ଥିକ ପ୍ରତିବନ୍ଧକ ଓ ଅନ୍ତର୍ଜାତୀୟ ଯାତ୍ରା ସମ୍ପର୍କରେ ସଚେତନତାର ଅଭାବ ଯୋଗୁଁ ଦଳ ବିଶ୍ୱକପରୁ ଓହରି ଯାଇଥିଲା। ସମୟକ୍ରମେ ଅନ୍ୟ ଦେଶଗୁଡ଼ିକ ଦ୍ରୁତ ଅଗ୍ରଗତି କରିଥିବା ବେଳେ ଭାରତ ପଛରେ ପଡ଼ିଯାଇଥିଲା। ଆଜି ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ସାଉଦି ଆରବ, କତାର ଭଳି ଦେଶ ବିଶ୍ୱକପ୍‌ରେ ନିୟମିତ ଖେଳୁଛନ୍ତି। କିନ୍ତୁ ଭାରତ ଯୋଗ୍ୟତା ପର୍ଯ୍ୟାୟ ପର୍ଯ୍ୟନ୍ତପହଞ୍ଚି ପାରୁନାହିଁ।

ଭାରତୀୟ ଫୁଟବଲର ଏହି ଅନ୍ତହୀନ ଦୁର୍ଦ୍ଦଶାର ପ୍ରମୁଖ କାରଣ ହେଉଛି ତୃଣମୂଳ ସ୍ତରରେ ଫୁଟବଲର ଦୁର୍ବଳ ଭିତ୍ତି। ଫୁଟବଲ୍‌ରେ ସଫଳତା ସାଉଁଟିଥିବା ଦେଶଗୁଡ଼ିକରେ ୫-୬ ବର୍ଷ ବୟସରୁ ହିଁ ପିଲାମାନଙ୍କୁ ବୈଜ୍ଞାନିକ ଢଙ୍ଗରେ ପ୍ରଶିକ୍ଷଣ ଦିଆଯାଏ। ସ୍କୁଲ, କ୍ଲବ ଓ ସ୍ଥାନୀୟ ଲିଗ୍ ମଧ୍ୟରେ ସୁଦୃଢ଼ ସମନ୍ୱୟ ରହିଥାଏ। ଭାରତରେ ଏପରି ସୁବ୍ୟବସ୍ଥିତ ଏକାଡେମୀ ଓ ଦକ୍ଷ ପ୍ରଶିକ୍ଷକଙ୍କ ସଂଖ୍ୟା କେବଳ କିଛି ରାଜ୍ୟ ଓ ସହରରେ ସୀମିତ। ଫଳରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଅନେକ ଖେଳାଳି ସଠିକ୍ ମାର୍ଗଦର୍ଶନ ପାଉ ନାହାନ୍ତି। ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ଭିତ୍ତିଭୂମିର ଅଭାବ। ଉନ୍ନତମାନର ଫୁଟବଲ ପଡ଼ିଆ, ପ୍ରଶିକ୍ଷଣ କେନ୍ଦ୍ର, କ୍ରୀଡ଼ା ବିଜ୍ଞାନ, ଫିଟନେସ୍ ବ୍ୟବସ୍ଥା, ଫିଜିଓଥେରାପି ଓ ଆଧୁନିକ କୋଚିଂ ସୁବିଧା ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଉପଲବ୍ଧ ନୁହେଁ। ଆଜିର ଫୁଟବଲ କେବଳ ଦକ୍ଷତାର ଖେଳ ନୁହେଁ; ବରଂ ଏହା ବୈଜ୍ଞାନିକ ଢଙ୍ଗରେ ପ୍ରସ୍ତୁତି, ଶାରୀରିକ କ୍ଷମତା ଓ ମାନସିକ ଦୃଢ଼ତାର ଏକ ପରୀକ୍ଷା। ଏହିସବୁ ମାନଦଣ୍ଡରେ ଆମର ଖେଳାଳି ଅନ୍ୟ ଦେଶମାନଙ୍କଠାରୁ ପଛରେ ପଡ଼ିଯାଇଛନ୍ତି।

ଆମ ଦେଶରେ କ୍ରିକେଟ୍ ଖେଳର ଲୋକପ୍ରିୟତା ମଧ୍ୟ ଫୁଟବଲର ବିକାଶରେ କିଛିମାତ୍ରାରେ ଅନ୍ତରାୟ ସୃଷ୍ଟି କରୁଛି। ଆଇପିଏଲ୍ ଯୁଗରେ ପ୍ରତିଭାଶାଳୀ ଯୁବକମାନେ ଅଧିକ ରୋଜଗାର, ଖ୍ୟାତି ପାଇଁ କ୍ରିକେଟକୁ ପସନ୍ଦ କରୁଛନ୍ତି। ଫୁଟବଲରେ ଏପର୍ଯ୍ୟନ୍ତ ସେହିସ୍ତରର ଆର୍ଥିକ ସୁରକ୍ଷା ଓ ପେଶାଦାର ସୁଯୋଗ ସୃଷ୍ଟି ହୋଇପାରିନାହିଁ। ଆଇପିଏଲ୍ ଢାଞ୍ଚାରେ ୨୦୧୪ରେ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବା ପରେ ଭାରତୀୟ ଫୁଟବଲ୍ ପାଇଁ ଆଶା ସଞ୍ଚାର ହୋଇଥିଲା। ହେଲେ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫ୍‌ଏଫ୍)ର ଅଣପେଶାଦାର ମନୋବୃତ୍ତି ଯୋଗୁଁ ଏହି ଲିଗ୍ ପାଇଁ ଏବେ ପ୍ରାୟୋଜକ ଖୋଜିବା କଷ୍ଟକର ହୋଇପଡ଼ିଛି।

ବିଶ୍ୱର ଏକ ଅଗ୍ରଣୀ ଫୁଟବଲ୍ ଦେଶ ହେବାକୁ ହେଲେ ଭାରତକୁ କେବଳ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ନିୟମିତ ଭାବେ ଖେଳିବାକୁ ପଡ଼ିବନି, ବରଂ ସେମାନଙ୍କର ବୈଷୟିକ ମାନଦଣ୍ଡ ଏବଂ ଗତି ସହିତ ତାଳ ଦେଇ ଆଗକୁ ବଢ଼ିବାକୁ ହେବ। ବିଶ୍ୱର ଶ୍ରେଷ୍ଠ ତଥା ତୀବ୍ର ପ୍ରତିଯୋଗିତାମୂଳକ ଲିଗ୍ ଭାବେ ବିବେଚିତ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଫୁଟବଲ୍ ଲିଗ୍‌ରେ ଆମ ଖେଳାଳିମାନଙ୍କର ଖେଳିବାର ଅଭିଜ୍ଞତା ସୀମିତ। ଏହାଛଡ଼ା ଭାରତୀୟ ଫୁଟବଲ ପ୍ରଶାସନରେ ସ୍ୱଚ୍ଛତା, ସ୍ପଷ୍ଟ ରୋଡମ୍ୟାପ୍‌ର ଅଭାବ ଓ ବାରମ୍ବାର ନୀତି ପରିବର୍ତ୍ତନ ମଧ୍ୟ ଏହି ଖେଳର ବିକାଶରେ ବାଧକ ସାଜିଛି। କୌଣସି ଦେଶ ବର୍ଷେ କିମ୍ବା ଦୁଇ ବର୍ଷରେ ବିଶ୍ୱକପ୍ ଦଳ ପ୍ରସ୍ତୁତ କରି ନ ଥାଏ। ଏଥିପାଇଁ ୧୦ରୁ ୧୫ ବର୍ଷର ନିରନ୍ତର ଯୋଜନା, ଧୈର୍ଯ୍ୟ ଓ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ଫୁଟବଲ୍ ପ୍ରଶାସନ ପେଶାଦାର ଏବଂ ଦୂରଦୃଷ୍ଟିସମ୍ପନ୍ନ ନହେବା ଯାଏଁ ବିଶ୍ୱକପ୍ ଖେଳିବା ଲକ୍ଷ୍ୟ ଅଧୁରା ରହିବ।

ପ୍ରଥମେ ସ୍କୁଲସ୍ତରରୁ ଫୁଟବଲକୁ ଏକ ସଂଗଠିତ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ ଜିଲ୍ଲାରେ ଫୁଟବଲ ଏକାଡେମୀ, ନିୟମିତ ଯୁବ ଲିଗ୍ ଓ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ଗଢ଼ି ଉଠିବା ଦରକାର। ଅଭିଜ୍ଞ ଦେଶୀ ଓ ବିଦେଶୀ ପ୍ରଶିକ୍ଷକଙ୍କ ସହାୟତାରେ ଯୁବ ଖେଳାଳିଙ୍କୁ ବୈଜ୍ଞାନିକ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଜାତୀୟ ଲିଗ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଯୁବ ଭାରତୀୟ ଖେଳାଳିଙ୍କୁ ନିୟମିତ ସୁଯୋଗ ଦେବା ଦରକାର। ଏହାଛଡ଼ା ଶକ୍ତିଶାଳୀ ଦଳମାନଙ୍କ ସହ ନିୟମିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିବେ। ଭାରତୀୟ ଫୁଟବଲ ସଂଘକୁ ଏପରି ପ୍ରତିଯୋଗିତାମୂଳକ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ।

ସରକାର, ଫୁଟବଲ ସଂଘ, କର୍ପୋରେଟ୍ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସମାଜର ସମସ୍ତ ଅଂଶୀଦାର ଏକାଠି କାମ କଲେ ଭାରତୀୟ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ହୋଇପାରିବ। କେବଳ ସ୍ୱଳ୍ପକାଳୀନ ସଫଳତା ନୁହେଁ, ବରଂ ଦୀର୍ଘମିଆଦୀ ଲକ୍ଷ୍ୟକୁ ଆଖିଆଗରେ ରଖି ଏଥିରେ ନିବେଶ କରିବାକୁ ହେବ। ବିଶ୍ୱକପ୍‌ରେ ଭାରତ ଖେଳିବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନୁହେଁ। ଆବଶ୍ୟକ କେବଳ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ନିରନ୍ତର ପରିଶ୍ରମ ଓ ଦୀର୍ଘମିଆଦୀ ଯୋଜନା। ଏହା ହୋଇପାରିଲେ 'ଫିଫା' ବିଶ୍ୱକପ୍ ମଞ୍ଚରେ ତ୍ରିରଙ୍ଗା ଉଡ଼ିବ ଏବଂ ଭାରତୀୟ ଫୁଟବଲପ୍ରେମୀଙ୍କ ସ୍ୱପ୍ନ ସାକାର ହେବ। ●

ବ୍ରହ୍ମପୁର, ମୋ:୭୦୦୮୦୭୮୩୯୬

## ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ

**ବ୍ରଜକିଶୋର ଦାଶ**

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



ଅଳଙ୍କାର ପ୍ରିୟ ହରି। ଏହି ଆପ୍ତବାକ୍ୟ ଅନୁସାରେ ଶ୍ରୀଜଗନ୍ନାଥ ଅଳଙ୍କାର ପ୍ରିୟ ଦେବତା। ଶ୍ରୀଜଗନ୍ନାଥଙ୍କ ବେଶ ପରିପାଟିରୁ ଜଣାଯାଏ, ମହାପ୍ରଭୁ ଚାରିପ୍ରକାର ଅଳଙ୍କାର ଯଥା ବସ୍ତ୍ର ଅଳଙ୍କାର, ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ଓ ସୋଲ, ଜରି ଜମ୍ମୁରା ନିର୍ମିତ ଅଳଙ୍କାରରେ ଭୂଷିତ ହୋଇଥା'ନ୍ତି। ଭାରତର କୌଣସି ଦେବମନ୍ଦିରରେ ଠାକୁରମାନଙ୍କୁ ଏଭଳି ଆକର୍ଷଣୀୟ ବହୁବିଧ ସାମଗ୍ରୀ ତଥା ଅଳଙ୍କାରରେ ମଣ୍ଡିତ କରିବାର ଦେଖାଯାଏ ନାହିଁ।

ପୁରାଣ ବର୍ଣ୍ଣିତ ବିଭିନ୍ନ ଲୀଳାକୁ ଆଧାର କରି ବର୍ଷସାରା ଶ୍ରୀମନ୍ଦିରରେ ଅନେକ ବେଶ ଅନୁଷ୍ଠିତ ହେଉଛି। ବାରମାସରେ ବିଷ୍ଣୁଙ୍କୁ ବାରଟି ନାମରେ ନାମିତ କରାଯାଇଛି। କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର। ଏହିମାସରେ ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଥିବା କଥା ସମସ୍ତେ ଜାଣନ୍ତି। କିନ୍ତୁ ପ୍ରକୃତପକ୍ଷେ ରାଧାଦାମୋଦର ବେଶ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ଏକମାସ ହୋଇଥାଏ। କେତେକ ଆଲୋଚକଙ୍କ ମତରେ ରାଇଦାମୋଦର ପୂଜାର କଥାବସ୍ତୁକୁ ନେଇ ରାଧାଦାମୋଦର ବେଶ ହେଉଥିବାର କୁହାଯାଏ। ରାଧା ଓ କୃଷ୍ଣଙ୍କୁ ନେଇ ବିଭିନ୍ନ ଗ୍ରନ୍ଥରେ ଏ ପୂଜା ସମ୍ବନ୍ଧରେ ଉଲ୍ଲେଖ ଥିବା ଜଣାଯାଏ। ଏପରିକି କେହିକେହି ରାଧାଦାମୋଦର ବେଶ ଶ୍ରୀଚୈତନ୍ୟଙ୍କ ପ୍ରେରଣାରେ ପ୍ରତାପରୁଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିବାର କହୁଥିଲା ବେଳେ ଅନ୍ୟ କେହି ଜୟଦେବ ଓ ନିମ୍ବାର୍କ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିବାରୁ ଏବଂ ସେ ନିମ୍ବାର୍କ ସଂପ୍ରଦାୟର ମଠରେ ରହୁଥିବାରୁ ତାଙ୍କ ସମୟରୁ ଏହାର ପ୍ରାରମ୍ଭ ହୋଇ ଥାଇପାରେ କେହି କହିଥା'ନ୍ତି। ଏହା ଗବେଷଣାସାପେକ୍ଷ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ରାଧାଦାମୋଦର ବେଶ ଏହିପରି। ଅବକାଶ ନୀତି ବଢ଼ିବା ପରେ ସବୁଦିନ ପରି ଶ୍ରୀବିଗ୍ରହଙ୍କୁ ବାରଲାଗି ପାଟ ପରିଧାନ କରାଯାଇଥାଏ। ରବିବାର ନାଲିରଙ୍ଗ, ସୋମବାର ଧଳାଛିଟ ମିଶା ଶୁକ୍ଳରଙ୍ଗ, ମଙ୍ଗଳବାର ପାଞ୍ଚରଙ୍ଗ ମିଶା ବାରପାଟିଆ, ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ ରଙ୍ଗ, ଶୁକ୍ରବାର ଶୁକ୍ଳରଙ୍ଗ ଓ ଶନିବାର କଳାରଙ୍ଗର ପାଟ ଠାକୁରମାନେ ପରିଧାନ କରିଥା'ନ୍ତି। ରାଧାଦାମୋଦର ବେଶରେ ମା'ସୁଭଦ୍ରା ବାରଲାଗି ପାଟ ଉପରେ ପ୍ରତିଦିନ ନାଲି ଲେହେଙ୍ଗା ପରିଧାନ କରିଥା'ନ୍ତି। ସେହିପରି ଶ୍ରୀସୁଦର୍ଶନ ଏକାରଙ୍ଗର ନାଲି କୁଞ୍ଚ ପ୍ରତିଦିନ ଲାଗି ହୁଅନ୍ତି। ରାଧାଦାମୋଦର ବେଶରେ ବସ୍ତ୍ରର ଏ ପ୍ରକାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଦୁଇଠାକୁର ଏ ବେଶରେ କାନ୍ଧପଇଟି ଲାଗି ହୁଅନ୍ତି। ଶ୍ରୀଜୀଉଙ୍କର ସ୍କନ୍ଧଦେଶରେ ଲାଗି ହେଉଥିବା ଏହା ଏକ ବାଇଶିହାତିଆ ଚାଦର, ଉତ୍ତରୀୟ ବା କାନ୍ଧବସ୍ତ୍ର ଅଟେ। ଏହି କାନ୍ଧପଇଟି ବାର ଅନୁସାରେ ନିଶ୍ଚିତ ନ ହୋଇ ବାରଲାଗି ପାଟର ରଙ୍ଗର ଦେଖି ନାଲି, ନୀଳ କିମ୍ବା ହଳଦିଆ ରଙ୍ଗର ହୋଇଥାଏ। ରାଧାଦାମୋଦର ବେଶରେ ଲାଗି ହେଉଥିବା ସମସ୍ତ ବସ୍ତ୍ର ଚାଙ୍ଗଡ଼ା ମେକାପ ଯୋଗାଉଥିବା ବେଳେ ମା'ସୁଭଦ୍ରାଙ୍କ ନାଲି ଲେହେଙ୍ଗା, ଶ୍ରୀସୁଦର୍ଶନଙ୍କ କୁଞ୍ଚ ଓ ଦୁଇଠାକୁରଙ୍କ କାନ୍ଧପଇଟି ସୁବର୍ଣ୍ଣ ଅଳଙ୍କାର ସହିତ ଭଣ୍ଡାରମେକାପ ସେବକ ଯୋଗାଇଥା'ନ୍ତି।

ଏ ବେଶରେ ତିଳକ ବ୍ୟତୀତ ଛଅ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଯଥା, ଘାଗଡ଼ା ମାଳି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି, ଚନ୍ଦ୍ରିକା ନଳୀଭୁଜ ଓ କୁଣ୍ଡଳ ଲାଗି ହୁଅନ୍ତି। ତିନିବିଗ୍ରହଙ୍କ ଶ୍ରୀଅଙ୍ଗରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ସୂର୍ଯ୍ୟଚନ୍ଦ୍ର (ସୁନାର ଧାରେ ଜହ୍ନ ଉପରେ ସୂର୍ଯ୍ୟଭଳି ଏକ ମସ୍ତକ ଆଭୁଷଣ), ଓଡ଼ିଆଣି (ଠାକୁରଙ୍କ କଟି ଦେଶରେ ଏକ ପ୍ରକାର ଅଳଙ୍କାର ଯାହାକୁ କମରପଟି ବୋଲି କୁହାଯାଏ, ଅଣ୍ଟାଲୁଗାକୁ ଧରି ରଖିବା ପାଇଁ ଏକ ଅଳଙ୍କାର) ଏବଂ ଦୁଇ ଠାକୁରଙ୍କୁ ଚନ୍ଦ୍ରିକା ଲାଗି କରାଯାଏ। ପ୍ରତିଦିନ ଅନୁଷ୍ଠିତ ହେଉଥିବା ବଡ଼ସିଂହାର ବେଶରେ ଶ୍ରୀବିଗ୍ରହଙ୍କୁ ତୁଳସୀ ଘେରା ଗଭା ଉପରେ ଦୟଣାମାଳୀ ସେବକ ପ୍ରସ୍ତୁତ କରି ଦେଇଥିବା ତିନି ପୁଷ୍ପ ଚନ୍ଦ୍ରିକା ଲାଗି ହେଉଥିଲେ ହେଁ ରାଧାଦାମୋଦର ବେଶରେ ମା'ସୁଭଦ୍ରାଙ୍କୁ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥାଏ। ଏପରିକି ଏ ମାସକ ମଧ୍ୟରେ ପଡୁଥିବା ଶନିବାର ଦିନମାନଙ୍କରେ କୌଣସି ବିଗ୍ରହ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି ହୋଇ ନ ଥା'ନ୍ତି। ଏତଦ୍‌ବ୍ୟତୀତ ଦୁଇଠାକୁର କର୍ଣ୍ଣରେ କୁଣ୍ଡଳ ପରିଧାନ କରିଥିଲା ବେଳେ ମା'ସୁଭଦ୍ରାଙ୍କ ମସ୍ତକରେ ତଡ଼ଗି ଲାଗିହୁଏ। ପ୍ରତ୍ୟେକ ସୁନାବେଶରେ ଦୁଇଠାକୁରଙ୍କୁ ଶ୍ରୀଭୁଜ ଲାଗି ହେଉଥିବା ବେଳେ ରାଧାଦାମୋଦର ବେଶରେ ଦୁଇଠାକୁରଙ୍କୁ ନଳିଭୁଜ ଲାଗି ହୋଇଯାଏ। ଶ୍ରୀଭୁଜ ମହାପ୍ରଭୁଙ୍କର ସୁବର୍ଣ୍ଣ ନିର୍ମିତ ହସ୍ତଯୁଗଳ, ଯେଉଁଥିରେ ଶ୍ରୀଜଗନ୍ନାଥ ରୌପ୍ୟ ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧରିଥିଲା ବେଳେ ଶ୍ରୀବଳଭଦ୍ର ହଳ ଓ ମୂଷଳ ଧାରଣ କରିଥା'ନ୍ତି। ନଳିଭୁଜ ଶ୍ରୀଜୀଉଙ୍କର ହସ୍ତର ଅଗ୍ରଭାଗକୁ ଆବୃତ କଲା ଭଳି ଏକ ସୁବର୍ଣ୍ଣ ଆଭୁଷଣ ମାତ୍ର। ଏହି ନଳିଭୁଜର ବହିର୍ଭାଗରେ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଶଙ୍ଖଚକ୍ର ଓ ଶ୍ରୀବଳଭଦ୍ରଙ୍କ ନଳିଭୁଜରେ ହଳମୂଷଳ ଚିହ୍ନ ରହିଥାଏ।

ରାଧାଦାମୋଦର ବେଶରେ କମ୍ ପରିମାଣରେ ପୁଷ୍ପ ଅଳଙ୍କାର ଲାଗି ହୋଇଥାଏ। କେବଳ ଝୁମ୍ପା (ଶ୍ରୀମୁଖର ତିଳକ ତଳୁ ନାସାଗ୍ର ପର୍ଯ୍ୟନ୍ତ ଲମ୍ବିଥିବା ଏକ ପୁଷ୍ପ ଅଳଙ୍କାର), ଗୁଣା (ନାକଫୁଲ ପରି ଏକ ପୁଷ୍ପ ଭୂଷା, ଅଧରମାଳା (ଗଳାରେ ଶୋଭା ପାଉଥିବା ଏକ ପୁଷ୍ପ ମାଲ୍ୟ ଯାହା ଅଧର ପର୍ଯ୍ୟନ୍ତ ଲମ୍ବିଥାଏ) ଲାଗି ହୋଇଥାଏ। ଜରି, ଜମ୍ମୁରା ବା ସୋଲ ନିର୍ମିତ କୌଣସି ବେଶ ଉପକରଣ ଲାଗି ହୋଇ ନ ଥାଏ। କେବଳ ବାଉଁଶ ପାତିଆରେ ନିର୍ମିତ ଏକ ଟୋପର ବାରଲାଗି ପାଟ ରଙ୍ଗର ଲୁଗାରେ ଆବୃତ କରାଯାଇ ଦୁଇଠାକୁରଙ୍କର ଶ୍ରୀମସ୍ତକରେ ରଖାଯାଇ ତା'ଉପରେ ସୁବର୍ଣ୍ଣ ଚନ୍ଦ୍ରିକା ଲାଗି କରାଯାଇଥାଏ। ଅବକାଶ ନୀତିପରେ ଅନୁଷ୍ଠିତ ହେଉଥିବା ଏହି ବେଶ ସକାଳଧୂପ ପର୍ଯ୍ୟନ୍ତ ରହି ଭୋଗମଣ୍ଡପ ପୂଜା ପୂର୍ବରୁ ଓଲାଗି ହୋଇଥାଏ।

କାର୍ତ୍ତିକମାସରେ ଭଗବାନ ମତ୍ସ୍ୟ ଅବତାର ଧାରଣ କରି ଶଙ୍ଖାସୁରକୁ ବଧ କରିଥିଲେ। ବିଷ୍ଣୁ କାର୍ତ୍ତିକ ମାସରେ ଜଳରେ ନିବାସ କରୁଥିବାରୁ ପୁଣ୍ୟଲାଭ ନିମନ୍ତେ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ପରେ ଶ୍ରୀକ୍ଷେତ୍ରବାସୀ ତଥା କାର୍ତ୍ତିକ ବ୍ରତଧାରୀ ଓ ହବିଷ୍ୟାଳୀମାନେ ଶ୍ରୀମନ୍ଦିରକୁ ଆସି ରାଧାଦାମୋଦର ବେଶ ଦର୍ଶନ ପୂର୍ବକ ନିଜକୁ କୃତାର୍ଥ ମଣିଥା'ନ୍ତି। ●

ମୋ: ୯୪୩୭ ୬୩୩୯୨୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା: ଆଉ ଜଣେ ଯୁବତୀଙ୍କ ମୃତ୍ୟୁ

## ଦଲାଲ ମୁଣ୍ଡରେ ଦୋଷଦେଇ ଖସିଯିବେକି ସରକାରୀ ଅଧିକାରୀ ?

କେନ୍ଦୁଝର,୧।୭(ସମିସ): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟାପାଲ୍ଲୀଆମ ନିକଟରେ ଥିବା ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ ଏକ୍ସପୋର୍ଟ କମ୍ପାନୀରେ ଏମୋନିଆ ଗ୍ୟାସ ଲିକ ଘଟଣାରେ ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବା ଗ୍ରାମର ଭୀମ ଜୁଆଙ୍ଗଙ୍କ ଝିଅ ଅଞ୍ଜନା ଜୁଆଙ୍ଗ ବୋଲି ଜଣାପଡିଛି। ବୁଧବାର ବେଳକୁ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଛି। ସମସ୍ତେ ପ୍ରାୟ ଜୁଆଙ୍ଗ ଜନଜାତି ବର୍ଗର ଅଟନ୍ତି। ଜିଲ୍ଲାରେ ଜନଜାତି ଜୁଆଙ୍ଗ ସଂଖ୍ୟା ଖୁବ କମ ହୋଇଥିବାବେଳେ ଅକାଳରେ ଏମାନଙ୍କ ମୃତ୍ୟୁ ହୋଇଛି। ସରକାରୀ କଳର ଅବ୍ୟବସ୍ଥା କାରଣରୁ ହୋଇଥିବାରୁ ଚିନ୍ତାର କାରଣ ସାଜିଛି। ଏଠାରୁ ଦଲାଲ ମାଧ୍ୟମରେ ତାମିଲନାଡୁ ଯାଇ ବିପଦସଂକୁଳ ଅବସ୍ଥାରେ ଜୁଆଙ୍ଗମାନେ କିପରି କାମ କରୁଛନ୍ତି ଏହି ଦୁର୍ଘଟଣା ଏକ ନମୁନା ମାତ୍ର। ଏହା ପ୍ରଶାସନର ଢିଲାପଣିଆ ଏବଂ ଦଲାଲଙ୍କ ସହିତ ଶ୍ରମ ବିଭାଗ କର୍ମଚାରୀଙ୍କ ଭିତିରି ସମ୍ପର୍କକୁ ଦର୍ଶାଉଛି। ତେଲକୋଇ, ବାଂଶପାଳ, ହରିଚନ୍ଦନପୁର ସମେତ ବିଭିନ୍ନ ବ୍ଲକରେ ଅତିରିକ୍ତ ଶ୍ରମ ଅଧିକାରୀ ଦାୟିତ୍ୱରେ ରହିଛନ୍ତି. କିନ୍ତୁ ତାଙ୍କର ପରିସୀମା ଭିତରେ ଛୋଟ ଛୋଟ ଝିଅମାନେ ବେଆଇନ ଭାବେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି କିପରି ଏବଂ ବ୍ଲକ ଶ୍ରମ ଅଧିକାରୀମାନେ କିଛି ଜାଣି ପାରୁନାହାନ୍ତି କିପରି ତାକୁ ନେଇ ପ୍ରଶ୍ନ ହେଉଛି। ଶ୍ରମ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଦଲାଲମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରି ନିଜ ଦାୟିତ୍ୱରୁ ଖସିଯିବାକୁ ଅଭିଯୋଗ ହେଉଛି।

## ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ନାଁରେ ଏକାଧିକ ଥାନାରେ ମାମଲା ରୁଜୁ

ତେଲକୋଇ: ତାମିଲନାଡୁ ଗ୍ୟାସ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ଶ୍ରମ ବିଭାଗ ସଂପୃକ୍ତ ଥିବା ଦଲାଲ ତଥା ଶିଶୁ ଶ୍ରମିକ ଚାଲାଣକାରୀ ଶ୍ରୀକାନ୍ତ ଜୁଆଙ୍ଗ ନାମରେ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରିଛି। ଅଭିଯୋଗ ଆଧାରରେ ଜିଲ୍ଲାର ତେଲକୋଇ, ପଣ୍ଡାପଡ଼ା, ହରିଚନ୍ଦନପୁର, ଦୈତାରି, ସଦର ଥାନା, କାଞ୍ଜିପାଣି, ନୟାକୋଟ ଆଦି ଥାନାରେ ମାମଲା ରୁଜୁ ହୋଇଛି। ତେଲକୋଇ ଥାନା ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ତାମିଲନାଡୁସ୍ଥିତ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ଚାଲାଣ କରୁଥିଲା। ଗତ ୨୧ ତାରିଖ ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକେଜ୍ ହେବାରୁ ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତି ଶ୍ରମିକ ଜୀବନ ଯାଇଛି। ଯାହାକୁ ନେଇ ଶ୍ରମ ବିଭାଗ ଆଇନଗତ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ବାଣପୁର ଭିଡ଼ହିଂସା

# ନିଜ ନିର୍ବାଚନମଣ୍ଡଳୀରେ ଆଇନ ରକ୍ଷାରେ ଫେଲ୍ ଆଇନମନ୍ତ୍ରୀ: ଓଜେସି

ଭୁବନେଶ୍ୱର,୧।୭(ସମିସ): ଆଇନମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ଠାରେ ଘଟିଥିବା ଭିଡ଼ ହିଂସାର ବର୍ବରତା ଓ ପୁଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଛି ଓଜେସି। ବୁଧବାର ପାର୍ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ନିରବତା ଏବଂ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ ନେଇ ପାର୍ଟିର ମିଡିଆ ସେଲ୍ ଅଧକ୍ଷ ପ୍ରଶାନ୍ତ ଶତପଥୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ଗତ ୨୮ ଜୁନ୍ ଅପରାହ୍ନ ୪ଟା ସମୟରେ ତୋଫାନ ନାୟକ ନାମକ ୩୨ ବର୍ଷୀୟ ଦଳିତ ଯୁବକ ନିଜ ଗାଁ ଭୀମପୁର ଠାରୁ ପାଖରେ ଥିବା ଖଣତ ଗାଁକୁ ବୁଲିଯାଇଥିବାବେଳେ ଚୋର ସନ୍ଦେହରେ କିଛି ଅସାମାଜିକ ତତ୍ତ୍ୱ ଖୁଣ୍ଟରେ ବାନ୍ଧି ନିସ୍ଟୁକ ପିଟିଲେ। ଗଛରୁ ନଡ଼ିଆ ତୋଳି ପରିବାର ନିର୍ବାହ କରୁଥିବା ଜଣେ ଗରିବ ଦଳିତ ପିଲାକୁ ପିଟି ପିଟି ମାରି ଦିଆଗଲା। ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେବାପରେ ଦୁଇ ଘଣ୍ଟା ବିଳମ୍ବରେ ପୁଲିସ ଆସି ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରି ଥାନାକୁ ନେଲେ। ଥାନାରେ ସନ୍ଧ୍ୟା ୬ଟାରୁ ରାତି ୯ଟାଯାଏଁ ତାଙ୍କୁ ରଖାଗଲା। କିନ୍ତୁ ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ଡାକ୍ତରଖାନାକୁ ନିଆଗଲା ନାହିଁ। କେଉଁ ଅଦୃଶ୍ୟ ଚାପରେ ପୁଲିସ ଭିଡ଼ ହିଂସାର ଶିକାର ଗୁରୁତର ଯୁବକଙ୍କୁ ଡାକ୍ତରଖାନାକୁ ନନେଇ ୩ ଘଣ୍ଟା ଥାନାରେ ରଖିବା ପରେ ତାଙ୍କ ବାପା ଭିକାରୀ ନାୟକଙ୍କ ପାଖରୁ ଟିପଚିହ୍ନ ମରା ଅଣ୍ଡରଟେକିଂ ରଖି ତାଙ୍କ ପରିବାରକୁ ହସ୍ତାନ୍ତର କରିଦେଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଅନ୍ୟପଟେ ଏହି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୃବୃର୍ତ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଅତି ଅମାନବୀୟ ଘଟଣାକ୍ରମେ ପୁଅର ଶବକୁ ଭୁବନେଶ୍ୱରରେ ଛାଡ଼ି ବାପା ଭିକାରି ନାୟକ ୧୦୦ କିମି ଦୂର ବାଣପୁର ଯାଇ ଥାନାରେ ଜଣେଇଲା ପରେ ଏତଲା ପଞ୍ଜୀକରଣ କରାଯାଇଥିଲା।




ତୋଫାନଙ୍କୁ ଭିଡ଼ ହିଂସାରୁ ଉଦ୍ଧାର କରିବା ସମୟରେ ଦୃର୍ବୃର୍ତ୍ତଙ୍କୁ କାହା ଚାପରେ ପୁଲିସ ଗିରଫ କଲାନାହିଁ ବୋଲି ଶ୍ରୀ ଶତପଥୀ ପ୍ରଶ୍ନ କରିଛନ୍ତି। ଏହା ସହିତ ଏହି ଘଟଣାରେ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଥାନାରେ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ପାଇଁ ପାର୍ଟି ଦାବି କରିଛି। କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ ଅଧିକାରୀଙ୍କୁ ନିଲମ୍ବନ ସାଙ୍ଗକୁ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ନିଜ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବାରେ ବ୍ୟର୍ଥ ଆଇନମନ୍ତ୍ରୀ ତାଙ୍କ ବିଭାଗରୁ ଇସ୍ତଫା ଦିଅନ୍ତୁ ବୋଲି ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶୁଭେନ୍ଦୁ ମଲ୍ଲିକ ଏବଂ ସୋମନାଥ ରାଉତ ଉପସ୍ଥିତ ଥିଲେ।

# ଓଡ଼ିଆ ଚଳଚ୍ଚିତ୍ର 'ଆଫା' କରମୁକ୍ତ

ଭୁବନେଶ୍ୱର,୧।୭(ସମିସ): ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ନୈନା ଦାଶ ତିୱାରୀଙ୍କ ଦ୍ୱାରା ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର 'ଆଫା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଅଙ୍ଗଦାନର ବିଷୟବସ୍ତୁ ଉପରେ ଆଧାରିତ। ମାନବିକତାକୁ ପ୍ରେରଣା ଦେବା ଏବଂ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଚଳଚ୍ଚିତ୍ରର କାହାଣୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଦୀର୍ଘଦିନ ଧରି ଗୁରୁତର ରୋଗରେ ପୀଡ଼ିତ ଏକ ୧୬ ବର୍ଷର ଝିଅ ନିଜ ଅଙ୍ଗ ଦାନ କରିବା ପାଇଁ ଆଗେଇ ଆସିଛି। ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଅସୀମ ସାହସର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରଟି ଏକ ସାମାଜିକ ଆଦର୍ଶ ସୃଷ୍ଟି କରିବାରେ ସଫଳ ହେବ ବୋଲି ଆଶା କରାଯାଉଛି।





## ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ.: SnT_RTM_PSSA_25_01_R ତାରିଖ: ୨୯.୦୬.୨୦୨୬

1) କାର୍ଯ୍ୟର ନାମ : ପଶ୍ଚିମ ରେଳବାଇର ରତଲାମ ମଣ୍ଡଳର ସିଗ୍ନାଲ ଓ ଟେଲିକମ୍ (S&T) ବିଭାଗର ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (PSSA) ନିଯୁକ୍ତି। 2) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.9,06,75,098/- 3) ବିଡ୍ ସୁରକ୍ଷା / ଅମାନତ ଜମା : ଟ.18,13,500/- 4) ଟେଣ୍ଡର ଦସ୍ତାବେଜର ମୂଲ୍ୟ : ନିଃଶୁଳ୍କ (NIL) 5) ପ୍ରି-ବିଡ୍ ସମ୍ମିଳନୀ : 06.07.2026, ସମୟ 12:00 ଘଣ୍ଟା (IST) 6) ବିଡ୍ ଦାଖଲର ଶେଷ ତାରିଖ ଓ ସମୟ : 27.07.2026 ଦିନ 15:00 ଘଣ୍ଟା। 7) ଟେକ୍ନିକାଲ ବିଡ୍ ଖୋଲିବାର ତାରିଖ ଓ ସମୟ : 27.07.2026 ଦିନ 15:30 ଘଟିକା। 8) କମର୍ଶିଆଲ ବିଡ୍ ଖୋଲିବାର ତାରିଖ : ଟେକ୍ନିକାଲ ବିଡ୍ ମୂଲ୍ୟାଙ୍କନ ପରେ ପୃଥକ ଭାବେ ସୂଚନା ଦିଆଯିବ। 9) ପ୍ରସ୍ତାବର ବୈଧତା : ଟେଣ୍ଡର ଖୋଲିବା ତାରିଖ ଠାରୁ 120 ଦିନ। 10) କାର୍ଯ୍ୟ ସମାପ୍ତି ଅବଧି : ୨୪ ମାସ। 11) ଟେଣ୍ଡରିଂ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଓ ବିଡ୍ ଖୋଲିବା ସ୍ଥାନ : ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ୱର୍କ୍ସ), ରତଲାମ, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶ। 12) ଇ-ଟେଣ୍ଡର ପୋର୍ଟାଲ : www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଟେଣ୍ଡର ଦେଖିପାରିବେ ଏବଂ ପ୍ରସ୍ତାବ କେବଳ ସେହି ଇ-ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। CRY/06/120

Like us on: facebook.com/WesternRly



## ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ, କଣ୍ଟାମାଳ, ବୌଦ୍ଧ

### ବିଜ୍ଞାପନ

### ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଛାତ୍ରାବାସର ଅସ୍ଥାୟୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ଓଡିଶା ସରକାରଙ୍କ ଅଧୀନରେ ପରିଚାଳିତ ବୌଦ୍ଧ ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, (Non-KGBV) Warden, Head Cook, Assistant-Cook, Chowkidar cum Sweeper ପଦବୀ ପାଇଁ ଅସ୍ଥାୟୀ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.୦୩.୦୭.୨୦୨୬ ରୁ ତା.୧୭.୦୭.୨୦୨୬ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ / ସିଧାସଳଖ ବିଦ୍ୟାଳୟ କାର୍ଯ୍ୟାଳୟରେ, କେବଳ କାର୍ଯ୍ୟଦିବସରେ ସକାଳ ୧୦.୦୦ ରୁ ସଂଧ୍ୟା ୪.୦୦ ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ https://boudh.odisha.gov.in ଏବଂ https://oav.edu.in/OAVAIN ରେ ଉପଲବ୍ଧ ଅଟେ ।

ସ୍ୱା/ ଅଧକ୍ଷ

ଓଡିଶା ଆଦର୍ଶ ବିଦ୍ୟାଳୟ, ଅଇଁଳାଚୁଆଁ



## ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ

## ନିୟନ୍ତ୍ରିତ ବଜାର କମିଟି, କୋରାପୁଟ , ଜିଲ୍ଲା : କୋରାପୁଟ

ନିର୍ବାଚନ ନୋଟିସ ସଂଖ୍ୟା : ୧୨୨୧ /୨୦୨୬ ତା: ୦୧/୦୭/୨୦୨୬

୧୯୫୬ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ଆଇନର ଧାରା ୬ ଓ ୧୯୫୮ ମସିହା ଓଡିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୩ ରୁ ୨୪ ଅନୁସାରେ ଏବଂ କୋରାପୁଟ ଜିଲ୍ଲାପାଳଙ୍କ ଆଦେଶନାମାନୁସାରେ ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ର ସେଠିଆ, ଓ.ସି.ଏସ (୨), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, କୋରାପୁଟ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଉକ୍ତ କମିଟିର ସଦସ୍ୟ ନିର୍ବାଚନ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ତା ୨୩.୦୮.୨୦୨୬ ରିଖ (ରବିବାର) ଦିନ ଅନୁଷ୍ଠିତ ହେବ । ଅତଏବ କୋରାପୁଟ ରାଜସ୍ୱ ଉପଖଣ୍ଡର କୃଷକ ସଂଗଠନ, ବ୍ୟବସାୟୀ ଗୋଷ୍ଠି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥା ସମୂହ ଉକ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ସେମାନଙ୍କର ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ।

### ନିର୍ବାଚନରେ ପୂରଣ ହେବାକୁ ଥିବା ସ୍ଥାନର ସଂଖ୍ୟା :

| କ୍ରମିକ ସଂଖ୍ୟା | ନିର୍ବାଚନ ମଣ୍ଡଳୀର ନାମ | ସ୍ଥାନ ସଂଖ୍ୟା |
|---|---|---|
| ୧. | କୃଷକ ନିର୍ବାଚନ ମଣ୍ଡଳୀ | ୮ (ଆଠ) |
| ୨. | ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ | ୪ (ଚାରି) |
| ୩. | ସ୍ୱାୟତ୍ତ ଶାସନ ସଂସ୍ଥା | |
| କ. | ପୌରପାଳିକା | ୧ (ଏକ) |
| ଖ. | ଗ୍ରାମ ପଞ୍ଚାୟତ | ୧ (ଏକ) |
| | ସର୍ବମୋଟ | ୧୪ (ଚଉଦ) |

### ନିର୍ବାଚନ କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ବିଷୟ / କାର୍ଯ୍ୟ | ତାରିଖ | ସମୟ | ନିର୍ଦ୍ଧାରିତ ସ୍ଥାନ |
|---|---|---|---|---|
| ୧. | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୦.୦୭.୨୦୨୬ ରୁ ୨୬.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ପର୍ଯ୍ୟନ୍ତ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୨. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗ ଦାଖଲ | ୨୭.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୩. | ପ୍ରାଥମିକ ଭୋଟର ତାଲିକା ଅଭିଯୋଗର ବିଚାର | ୨୮.୦୭.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୪. | ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୨୯.୦୭.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୫. | ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ | ୩୦.୦୭.୨୦୨୬, ୩୧.୦୭.୨୦୨୬, ୦୧.୦୮.୨୦୨୬ | ପୂର୍ବାହ୍ନ ୧୦.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୬. | ପ୍ରାର୍ଥୀ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୧.୦୮.୨୦୨୬ | ଅପରାହ୍ନ ୦୫.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୭. | ପ୍ରତିଦ୍ୱନ୍ଦି ପ୍ରାର୍ଥୀଙ୍କ ଦ୍ୱାରା ମନୋନୟନ ପତ୍ର ତନଖି | ୦୩.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୮. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗ ପତ୍ର ଦାଖଲ | ୦୪.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୯. | ମନୋନୟନ ପତ୍ର ବିରୁଦ୍ଧରେ ଅଭିଯୋଗର ଶୁଣାଣି ଓ ଯାଞ୍ଚ | ୦୫.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୦. | ବିଧି ସମ୍ମତ ମନୋନୟନ ପତ୍ରର ତାଲିକା ପ୍ରକାଶନ (ନୋଟିସ ବୋର୍ଡରେ) | ୦୬.୦୮.୨୦୨୬ | ଅପରାହ୍ନ ୦୩.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୧. | ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ | ୦୭.୦୮.୨୦୨୬ | ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ୨.୦୦ ଘଣ୍ଟା ମଧ୍ୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୨. | ଚୂଡାନ୍ତ ମନୋନୟନ ପତ୍ରର ତାଲିକା ସଙ୍କେତ ସହ ପ୍ରକାଶନ (ନୋଟିସ ବୋର୍ଡରେ) | ୦୮.୦୮.୨୦୨୬ | ଅପରାହ୍ନ ୦୪.୦୦ ଘଣ୍ଟା ସମୟରେ | ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ,କୋରାପୁଟ |
| ୧୩. | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ | ୨୩.୦୮.୨୦୨୬ | ପୂର୍ବାହ୍ନ ୦୭.୦୦ ଘଣ୍ଟା ଠାରୁ ଅପରାହ୍ନ ୩.୦୦ ଘଣ୍ଟା ପର୍ଯ୍ୟନ୍ତ | ପରେ ଜଣାଇ ଦିଆଯିବ |
| ୧୪. | ଭୋଟ ଗଣତି ଓ ଫଳାଫଳ ପ୍ରକାଶନ | ୨୩.୦୮.୨୦୨୬ | ଭୋଟ ଗ୍ରହଣ ଶେଷ ହେବା ପରେ | ପରେ ଜଣାଇ ଦିଆଯିବ |

- ଇଚ୍ଛୁକ ପ୍ରାର୍ଥୀ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରେ ଟ. ୫.୦୦ (ପାଞ୍ଚ ଟଙ୍କା) ମାତ୍ର ଦାଖଲ କରି ମନୋନୟନ ପତ୍ର ପାଇ ପାରିବେ ।

ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତଥା
ସହକାରୀ ନିବନ୍ଧକ,ସମବାୟସମିତି ସମୂହ, କୋରାପୁଟ



## ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

1) ଇ-ଟେଣ୍ଡର ନଂ.: RTM-2026-27-63, 2) କାର୍ଯ୍ୟର ନାମ : GDA–NAD ସେକ୍ସନର ମେଘନଗର ଏବଂ ଦାହୋଦ ଷ୍ଟେସନରେ ସାମଗ୍ରୀ ଶେଡ୍‌ର ଆବରଣ (କଭର୍ ଶେଡ୍) ନିର୍ମାଣ ଏବଂ ପୃଷ୍ଠଭାଗର ଉନ୍ନତିକରଣ କାର୍ଯ୍ୟ। 3) ଆନୁମାନିକ ପରିମାଣ : ବିସ୍ତୃତ ଟେଣ୍ଡର ସୂଚନାନୁସାରେ। 4) ଟେଣ୍ଡରର ଆନୁମାନିକ ମୂଲ୍ୟ : ଟ.22,36,87,576.70 5) ଅମାନତ ରାଶି : ଟ.44,73,800.00, 6) କାର୍ଯ୍ୟ ସମାପ୍ତି ଅବଧି : 24 ମାସ। 7) ୱେବସାଇଟ୍‌ରେ ଅପଲୋଡ୍ ତାରିଖ : 26.06.2026, 8) ଟେଣ୍ଡର ଖୋଲିବାର ତାରିଖ : 20.07.2026। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। CRY/06/121

Like us on: facebook.com/WesternRly



## AFFIDAVIT

I, Hemanta Kumar Mohanty, aged about 52 years, S/o- Durga Charan Mohanty, resident of At- GA Plot No.54, Rev. Plot No.384, Flat No. S-4, Sourya Complex, Surya Nagar, Near OUAT, Khandagiri, Bhubaneswar, Dist- Khordha, PIN-751003, Odisha declared by this affidavit No. 1332, dtd-01/07/2026 that now onwards I shall be known as **HEMANT KUMAR MOHANTY** for all future purposes.



## AFFIDAVIT

By virtue of an affidavit sworn before the Notary Public, Bhubaneswar, dtd 01.07.2026, I, Rudranarayan Rout, Address At/P.O- Badalo, P.S- Motanga, Dist- Dhenkanal, PIN- 759020 declare that I have changed my name from Rudra Rout to Rudranarayan Rout. Henceforth, I shall be known as **Rudranarayan Rout** for all purposes.

Rudranarayan Rout



## LOST

I, **Ranjan Mohapatra** do here by declare that the original ROR/Patta, Khatian No-703/2336, Plot No-297/2147/3603, Mouza-Patrapada has been misplaced somewhere and a complaint has been lodged at Lingaraj Police Station, Bhubaneswar, vide No.019 **Dt.23.06.26.** If found by anybody, Please **Contact-8260024523**. I also declare that I have not mortgaged this with any bank or Individual/ financial institutions.



## AFFIDAVIT

By virtue of an affidavit sworn before Executive Magistrate, Soro on dt. 25.6.2026 I, Pradeep Kumar Jena, S/o-Babaji Jena, At-/Po-Kesharipur, Ps- Soro, Dist.- Balasore-756045, declare that I have changed my name from Pradeep Nayak to Pradeep Kumar Jena. Henceforth, I shall be known as **Pradeep Kumar Jena** for all purposes.



## AFFIDAVIT

By virtue of an affidavit sworn before Executive Magistrate, Bhubaneswar, **I, Dhaneswar Samal,** S/o.: Late Banambar Samal, Resident of Plot No.: 1047, Talasahi, Patia, PO: Patia, PS: Chandrasekharpur, Bhubaneswar-751024, Dist.: Khurdha, Odisha declare by this Affidavit No.: 18184, Dt: 24.06.2026. I have changed my name from Dhanaswar Samal to **Dhaneswar Samal**. Henceforth, I shall be known as **Dhaneswar Samal** for all purposes.



## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି 13001/1031/2627

## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Phone No.: **06815-222052,** e-Mail: parala.mply@gmail.com
Letter No.: 2442, Date: 01.07.2026

### QUOTATION CALL NOTICE

Sealed quotations are invited from agencies having relevant certificate with valid GST No. and past experience for the work **"Beautification / road painting of Palace Street road"** on the occasion of **Ratha Yatra 2026**. The tender paper will be available on payment of **Rs. 2,000/- (Rupees Two Thousand only)** (which is **non-refundable**) in the shape of Demand Draft in any Nationalized Bank payable at Paralakhemundi in favour of **Executive Officer, Paralakhemundi Municipality** or by payment of cash. The prescribed bid documents & related terms and conditions can be downloaded from www.gajapati.odisha.gov.in or purchased from the office from **02.07.2026**. The quotations should reach this office **on or before 08.07.2026 by 5.00 PM** through **Speed Post / Registered Post only** and will be opened on **09.07.2026 at 11.00 AM** in the presence of the agency or their authorized representative, if any.

Quotation incomplete in any respect or received after the due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

OIPR-13001/13145/1/26-27/0004



## Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051

7001/53/2627

TENDER No.: 2233 Dated: 29.06.2026

**Cost of Tender Document is Rs. 1000/- inclusive of GST for Cluster Malkangiri District (through online mode).**

Online tenders are invited from eligible bidders for selection and appointment of **Transport Contractors** for transportation of **Paddy from Paddy Purchase Centers (PPCs) / Mandis to Rice Mill points (within or outside the district)** for the **KMS: 2025-26.**

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AM at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AM at Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only.** |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in.**

**CSO-cum-District Manager**
**OSCSC Ltd., Malkangiri**

OIPR-7001/7035/1/26-27/0005



## OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA

34001/419/2627

### INVITATION FOR BIDS (IFB)

**E-mail:** pwdoff_khd@yahoo.com

Tender Call Notice
Bid Identification No. S.E.-KHD-(R&B)-08/2026-27
Letter No. 3362 dtd. 29/06/2026

The Superintending Engineer, Khordha (R&B) Division, Khordha on behalf of the Governor of Odisha invites Percentage Rate bids in **Single Cover System** from valid **MV/HT or Empanelled Fire licensed agency of Class D or above authorized** by Odisha Fire & Emergency Service having **MoU with associate electrical contractor (MV/HT or Above)** having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed, for conformity with DTCN registered with the State Governments and Contractors of equivalent Grade/Class registered with Central Government/MES/Railways for execution of the E.I. Work. The bidder not registered under the State Government has to register under the State PWD & ELBO in the appropriate class of eligibility before signing of the agreement.

1. **Nature of Work:** Electrical Works
2. **No. of Work:** 09 Nos.
3. **Tender Cost:**
   - Sl. No. 01 to 07 & 09 – **Rs. 6,000.00 (Online)**
   - Sl. No. 08 – **Rs. 4,000.00 (Online)**
4. **Class of Contractor:**
   - **Sl. No. 01 to 08:** Empanelled Fire licensed agency of Class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. The Court Affidavit should have specific mention of the name, address of the two parties, license number, date of validity and issuing authority, and the name of the work for which the agreement is signed.
   - **Sl. No. 09:** MV/HT
5. **Availability of Bid Documents on the Website:** From **04.07.2026 at 10.30 A.M.** to **13.07.2026 at 5.00 P.M.**
6. **Date of Opening of Bids: 14.07.2026 at 11.00 A.M.**
7. **Bidders have to participate in ONLINE bidding only.** Further details can be seen on the website: **https://tenderodisha.gov.in**. Any information regarding **Addendum / Corrigendum / Cancellation of tender** can be available in the said website.

**Superintending Engineer**
**Khordha (R&B) Division, Khordha**

OIPR-34001/34095/1/26-27/0008



## Office of CSO-cum-District Manager Odisha State Civil Supplies Corporation Ltd.

District: Malkangiri
Phone No. 9438200051

7001/52/2627

TENDER No.: 2232 Dated: 29.06.2026

**Cost of Tender Document is Rs. 11800/- inclusive of GST**

Online Tenders are invited from eligible bidders for selection and appointment of **Level-I Transport Contractors** for transportation of Wheat from Food Storage Depot (FSD), FCI to Rice Receiving Centres (RRC).

| | | |
|---|---|---|
| 1 | Availability of tender documents | From Date **01.07.2026** www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference | **On dt 04.07.2026, At- Collectorate, Malkangiri** |
| 3 | Last date and time for **online** submission of complete Tender Documents with enclosures | Through e-Procurement Portal: **www.tendersodisha.gov.in** **Upto 5.00 PM on dt. 21.07.2026** |
| 4 | Date, time and venue for opening of Technical Bid by the Tender Committee | **On dt 22.07.2026 At 11.00 AMat Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt 22.07.2026 At 11.30 AMat Collectorate, Malkangiri** |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for **180 days** from the date of issue of tender. |
| 8 | Language of the tender | The tender should be prepared by the bidder in **English language only.** |
| 9 | Helpdesk Telephone Number | **CSO-cum-DM's Contact Number: 9438200051** |

**N.B.**

1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in** & **www.foododisha.in.**

**CSO-cum-District Manager**
**OSCSC Ltd., Malkangiri**

OIPR-7001/7035/1/26-27/0004



## COLLECTORATE: MALKANGIRI 24001/262/2627

## OBSERVATION HOME AND SPECIAL HOME (BOY'S), MALKANGIRI

Letter No.: 166/OH&SH/MKG/26, Date: 01.07.2026

### ADVERTISEMENT

Applications are invited from interested and eligible candidates to fill the vacancies at **Observation Home (OH) & Special Home (SH), Malkangiri**. The process of engagement shall be laid down in **Resolution No. 10102/WCD-CW-MISC-0023/2020 dated 15.09.2020** issued by the **Women & Child Development Department, Government of Odisha, Bhubaneswar**. All the posts are **purely temporary, time-bound and co-terminus with the scheme**. The period of engagement will initially be for **11 months** and may be extended further based on the candidate's performance appraisal report each year.

Eligible candidates may submit their applications along with all required documents and testimonials addressed to the: **Superintendent Observation Home and Special Home Goudaguda, Malkangiri.** The application should reach **latest by 30.07.2026 before 5.00 PM** through **Speed Post / Registered Post only**. Separate applications in sealed cover must be submitted for each post, clearly superscribing the **name of the post applied for** on the top of the envelope. Applications received after the due date and time, or submitted by hand or through any other mode, shall not be entertained and will be rejected. The authority reserves the right to cancel the advertisement for any post or all posts without assigning any reason. The details of vacancies, eligibility criteria, application form and other terms & conditions are available on the District website: www.malkangiri.odisha.gov.in

OIPR-24001/24382/1/26-27/0005

**Collector & District Magistrate, Malkangiri**

# ଡାକ୍ତର ଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ; ସେବା ବ୍ୟାହତ, ରୋଗୀ ହନ୍ତସନ୍ତ

ଭଦ୍ରକ, ୧।୭ (ସମିସ)



ଆଜିଠୁ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୦ ଦଫା ଦାବି ପୂରଣ ଦିଗରେ ଆରମ୍ଭ ହୋଇଛି। ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା) ଆହ୍ୱାନ କମିଟିର ଆହ୍ୱାନକ୍ରମେ ସମସ୍ତ ସରକାରୀ ଚିକିତ୍ସାଳୟରେ ଡାକ୍ତରମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସାଧାରଣ ଚିକିତ୍ସା ସହିତ ଜରୁରିକାଳୀନ ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି, ଯାହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। 'ଓମସା'ର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇଛି। ସେହିଭଳି ପେରିଫେରିରେ ଥିବା ସରକାରୀ ଡାକ୍ତରଖାନାରେ ମଧ୍ୟ ସ୍ୱାସ୍ଥ୍ୟସେବା ବନ୍ଦ ରହିଛି। ସଂଘ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଏବଂ ବୈଧ ଦାବିଗୁଡ଼ିକ ପ୍ରତି ସରକାର ଓ ପ୍ରଶାସନ ଲଗାତାର ଭାବେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସକାରାତ୍ମକ ପଦକ୍ଷେପ ନିଆନଯିବାରୁ ବାଧ୍ୟ ହୋଇ ସଂଘ ଏହି ଚରମ ନିଷ୍ପତ୍ତି ଗ୍ରହଣ କରିଛି। ଏକ ଉତ୍ତମ କାର୍ଯ୍ୟ ପରିବେଶ, କର୍ମଚାରୀଙ୍କ ସମ୍ମାନ ଏବଂ ରୋଗୀଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ସେବା ପାଇଁ ଏହି ସଂଗ୍ରାମ ଜାରି ରହିବ। ଏହି ଅନିର୍ଦ୍ଦିଷ୍ଟ ଆନ୍ଦୋଳନ ଯୋଗୁଁ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସା ପ୍ରତିଷ୍ଠାନରେ କୌଣସି ସେବା ଉପଲବ୍ଧ ହେବ ନାହିଁ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲା ଓମ୍ସା ସଭାପତି ଡାକ୍ତର ସୁଧୀରରଞ୍ଜନ ନାୟକ ଓ ସମ୍ପାଦକ ଡାକ୍ତର ଅମିତାଭ ଜେନା କହିଛନ୍ତି ଯେ ଆନ୍ଦୋଳନ ଯୋଗୁଁ ଜନସାଧାରଣ ଓ ରୋଗୀମାନଙ୍କର ଯେଉଁ ଅସୁବିଧା ହେଉଛି, ସେଥିପାଇଁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏହା ସହିତ ନିଜର ହକ୍, ନ୍ୟାୟ ଏବଂ ସ୍ୱାସ୍ଥ୍ୟ ସେବାର ସମ୍ମାନ ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଓଡ଼ିଶାବାସୀଙ୍କୁ ଓମସା ନିବେଦନ କରିଛି। ଆଜି ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ବ୍ୟାହତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳରେ ସ୍ପେଶାଲିଷ୍ଟ ଡାକ୍ତରଙ୍କ ରୋଗୀ ସେବା ବନ୍ଦ ଥିବା ବେଳେ କେବଳ ଆଡମିନିଷ୍ଟ୍ରେଟିଭ୍ ଅଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ସଙ୍ଗୀତା ବଳ, ଡାକ୍ତର ମୀନତି ଦାସ, ଡାକ୍ତର କନକଲତା ସାହୁ, ଡାକ୍ତର ସନ୍ତୋଷ ପୃଷ୍ଟି, ଡାକ୍ତର ଜୟନ୍ତ ପଣ୍ଡା ଓ ଡାକ୍ତର ଲଳିତା ସୋରେନ୍‌ଙ୍କ ସମେତ କନଟ୍ରାକ୍ଟୁଆଲରେ ଥିବା ୭ଜଣ ଜଣ ଡାକ୍ତର ଆଉଟ୍‌ଡୋରରେ ରୋଗୀ ସେବା କରୁଥିବା ଦେଖିବାକୁ ମିଳିଥିଲା। ଆଜି ଓମ୍ସା ଡାକରାରେ ଆନ୍ଦୋଳନରତ ଶହେ ଭଳି ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ସେମାନଙ୍କ ଦାବିନେଇ ନାରାବାଜି କରିଥିଲେ।

● ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ଅଚଳାବସ୍ଥା

## କେମିତି ଗଠନ ହେବ ବିଦ୍ୟାଳୟରେ ନୂତନ କମିଟି

**ଭଦ୍ରକ, ୧।୭ (ସମିସ):** ଭଦ୍ରକ ଜିଲ୍ଲାର ଶିକ୍ଷା ବିଭାଗରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ୭ଟି ବ୍ଲକରୁ ପ୍ରାୟ ୫ଟି ବ୍ଲକରେ ନାହାନ୍ତି ବ୍ଲକ ଶିକ୍ଷାଧିକାରୀ। ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ତିହିଡ଼ି ଓ ଚାନ୍ଦବାଲିରେ ଶିକ୍ଷାଧିକାରୀ ପଦ ଖାଲି ପଡ଼ିଛି। କେଉଁଠି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତ କେଉଁଠି ହାଇସ୍କୁଲର ବରିଷ୍ଠ ପ୍ରଧାନଶିକ୍ଷକ ଭାରପ୍ରାପ୍ତ ଭାବେ ଦାୟିତ୍ୱ ନେଇ କାମ ଚଳାଉଛନ୍ତି। ମାସ ଶେଷରେ ଶିକ୍ଷକଶିକ୍ଷୟିତ୍ରୀ ଦରମା ପାଇବାକୁ ହନ୍ତସନ୍ତ ହେଉଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକରେ ଶହ ଶହ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନାହାନ୍ତି ସ୍ଥାୟୀ ପ୍ରଧାନଶିକ୍ଷକ। ସୂଚନା ଅନୁସାରେ ଜିଲ୍ଲାର ପ୍ରାୟ ୪୦୦ ପ୍ରାଥମିକ ଓ ୩୦୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଛି ପ୍ରଧାନ ଶିକ୍ଷକ ଆସନ। ସହକାରୀ ଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ ତ କେଉଁଠି ସିଆରସିସିମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ କରୁଛନ୍ତି। ସହକାରୀ ଶିକ୍ଷକ ପ୍ରଧାନ ଶିକ୍ଷକ ଭୂମିକାରେ ମଧ୍ୟାହ୍ନ ଭୋଜନ ଦେବା, ପୋଷକ ବାଣ୍ଟିବା, କୃମି ବଟିକା ଦେବା, କମିଟି ଗଠନ କରିବା ପୁଣି ସରକାରଙ୍କ ନୂଆ ଯୋଜନା ବୃଦ୍ଧବୃଦ୍ଧାଙ୍କୁ ଉଲ୍ଲାସ ପାଠ ପଢ଼ାଉଥିଲା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଅବହେଳା ହେଉଛି। ଏବେ ସରକାରଙ୍କର ସ୍ଥାୟୀ ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକାରୀଙ୍କ ଅଭାବରୁ ବିଳମ୍ବ ହେଉଛି। ବିଦ୍ୟାଳୟର ସ୍ଥାୟୀ ପ୍ରଧାନଶିକ୍ଷକ ବ୍ଲକ ସ୍ତରରେ ସ୍ଥାୟୀ ଅଧିକାରୀ ପଦବି ପୂରଣ କରା ନ ଗଲେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଚଳ ହେବାକୁ ବସିଲାଣି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନ ଥିଲା ବେଳେ ସରକାର ଏବେ ବିଦ୍ୟାଳୟଗୁଡିକରେ ନୂତନ ପରିଚାଳନା କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଗଠନ ପ୍ରକ୍ରିୟାକୁ ଜୁଲାଇ ମାସ ୧୭ ତାରିଖ ସୁଦ୍ଧା ପୂର୍ଣ୍ଣ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି ପୁଣି ୫ଟି ବ୍ଲକରେ ଶିକ୍ଷା ଅଧିକାରୀ ନ ଥିଲା ବେଳେ କେମିତି ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ଛାତ୍ରଛାତ୍ରୀମାନେ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ ଏଥିନେଇ ସଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୫ ବ୍ଲକରେ ନାହାନ୍ତି ଶିକ୍ଷାଧିକାରୀ; ଖାଲି ପଡ଼ିଛି ଶତାଧିକ ପ୍ରଧାନଶିକ୍ଷକ ପଦ**

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ବାରିକପୁର, ୧।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତ ଜୋରାଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନଦାକୁମାରୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷାବିତ ପ୍ରୀତିକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଂଯତ ସାମଲ, ଉମାକାନ୍ତ ରାଉତ, ଗୋପୀନାଥ ମହାନ୍ତି, ବିକାଶ ଦାସ, ଆରତୀ ନାୟକ, ମୋନାଲିସା ରାୟ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଟୁନି ନାୟକ ମାନପତ୍ର ପାଠ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଜୟ ପତି, ପରମେଶ୍ୱର ବଳ, ପ୍ରିତିକାନ୍ତ ସ୍ୱାଇଁ, ମହେଶ୍ୱର ମହାନ୍ତି, ନିର୍ମଳ ପାତ୍ର କୌଶଲ୍ୟା ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟସ୍ତରୀୟ ରଗବି ଫୁଟବଲ କ୍ୟାମ୍ପକୁ ୪ ମନୋନୀତ



**ଧାମନଗର, ୧।୭ (ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅଣ୍ଡର-୧୮ ରଗବି ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭଦ୍ରକ ଜିଲ୍ଲା ରଗବି ଏସୋସିଏସନର ୪ ଜଣ ଖେଳାଳି ଜାତୀୟସ୍ତରୀୟ ରଗବି ଫୁଟବଲ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ଖେଳାଳିଙ୍କ ମଧ୍ୟରେ ବାଳିକା ବିଭାଗରୁ ସ୍ୱପ୍ନାରାଣୀ ବେହେରା (ଧାମନଗର) ଅଙ୍କିତା ସାହୁ (ଭଦ୍ରକ) ଥିବାବେଳେ ବାଳକ ବିଭାଗରୁ ଶଙ୍କର ବେହେରା ଏବଂ ହିତେଶ କୁମାର ଜେନା (ଉଭୟ ଭଦ୍ରକ) ସ୍ଥାନ ପାଇଛନ୍ତି। ଏହି ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଆସୋସିଏସନର ସଭାପତି କୈଳାସଚନ୍ଦ୍ର ମହାପାତ୍ର (ସୁଶନ), ସମ୍ପାଦକ ଶ୍ରୀଧର ମହାଳିକ, କୋଷାଧ୍ୟକ୍ଷ ଲକ୍ଷ୍ମଣ ନାୟକ (ବାଙ୍କୁ) ଏବଂ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ (ବାପିନା), ଏମଡି ଇଝାର (ଲାଲୁ) ପ୍ରମୁଖ ୪ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ଏସୋସିଏସନର ସମ୍ପାଦକ ଶ୍ରୀଧର ମହାଳିକ, କୋଷାଦକ୍ଷ ତଥା ନ୍ୟୁରୋ ଥେରାପିଷ୍ଟ ଲକ୍ଷ୍ମଣ ନାୟକ (ବାଙ୍କୁ) ଓ ଏସୋସିଏସନର ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଆମ ଭଦ୍ରକ ଜିଲ୍ଲାକୁ ଆହୁରି ଗୌରବାନ୍ୱିତ କର ବୋଲି ସୂଚନା ଦେଇଥିବା ବେଳେ ସର୍ବଶେଷରେ ଏସୋସିଏସନର ସଦସ୍ୟ ବିଶ୍ୱବାନ୍ଦିତା ନାୟକ ମଧ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିଅନର ପ୍ରତିବାଦ ସଭା

**ଭଦ୍ରକ, ୧।୭ (ସମିସ):** ୬୨ ଜଣ ବାମପନ୍ଥୀ ସାଂସଦଙ୍କ ସମର୍ଥନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ନେତୃତ୍ୱାଧୀନ ଜାତୀୟ ପ୍ରଗତିଶୀଳ ମେଣ୍ଟ ସରକାର ସାଧାରଣ ସର୍ବନିମ୍ନ କର୍ମସୂଚୀ ଭିତରେ ୨୦୦୫ରେ ଭାରତର ଗ୍ରାମୀଣ ମଜଦୁରଙ୍କୁ ବର୍ଷକୁ ସର୍ବନିମ୍ନ ୧୦୦ ଦିନ କାମ ଯୋଗାଇ ଦେବାର ଆଇନଗତ ଗ୍ୟାରେଣ୍ଟି ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ କରିଥିଲେ। ମୋଦୀ ସରକାର ଶ୍ରମିକ ସପକ୍ଷବାଦୀ ଏମ୍‌ଏନ୍‌ଆରଇଜିଏ ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଭିଭିଜିରାମଜୀ ଆଣିଛନ୍ତି। ଯାହା ଫଳରେ ଶ୍ରମିକ କାମ ନପାଇଲେ ଆଉ କୋର୍ଟରେ ସରକାରଙ୍କ ବିରୁଦ୍ଧରେ ମକଦ୍ଦମା କରିପାରିବ ନାହିଁ କିମ୍ବା ସରକାର କାମ ଯୋଗାଇ ନଦେଲେ ଶ୍ରମିକ ସରକାରଙ୍କଠାରୁ ଆଉ ବେକାରୀ ଭତ୍ତା ପାଇବ ନାହିଁ। ଏହି ପ୍ରୋଜେକ୍ଟରେ ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ଶତକଡା ୪୦ ପ୍ରତିଶତ ଅର୍ଥ ଲଦିଦେଇଛନ୍ତି। ଆମ ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥଅଭାବରୁ ଏହି ଭିଭିଜିରାମଜି ପ୍ରୋଜେକ୍ଟକୁ ୨ ମାସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖିଛନ୍ତି ଯାହା ଓଡ଼ିଶାର ଗ୍ରାମୀଣ ଶ୍ରମିକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ବୋଲି ପ୍ରତିବାଦ ସଭାରେ ଉପସ୍ଥିତ ନେତୃତ୍ୱ ପ୍ରକାଶ କରିଥିଲେ। ଭିଭିଜିରାମଜି ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ ବନ୍ଦ ରଖି ଏମ୍‌ଏନ୍‌ଆରଇଜିଏ ଯୋଯନାରେ ବର୍ଷକୁ ସର୍ବନିମ୍ନ ୨୦୦ ଦିନର କାମ ଓ ଦୈନିକ ୭୦୦ ଟଙ୍କା ମଜୁରୀ ଯୋଗାଇବାକୁ ଆନ୍ଦୋଳନରତ ନେତୃତ୍ୱ ପ୍ରକାଶ କରିଥିଲେ। ଏମ୍‌ଏନ୍‌ଆରଇଜିଏ ଯୋଯନାକୁ ଭାରତରେ ପୁନର୍ବାର କାର୍ଯ୍ୟକାରୀ କରିବା ପାଇଁ ଆଜି ଦେଶବ୍ୟାପୀ ଅନୁଷ୍ଠିତ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଭଦ୍ରକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଶ୍ରମିକ ନେତା କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, କ୍ଷେତମଜଦୁର ଜିଲ୍ଲା କମିଟି ସଭ୍ୟ ସୁରେନ୍ଦ୍ର ନାୟକ, ଘନଶ୍ୟାମ ଦାସ, ଜୟନୂଲ ଆବେଦିନ, ମହେଶ୍ୱର ନାୟକ, ସଂଗ୍ରାମ ବଳ, ଭାଗବତ ସେନାପତି, ଯୁବନେତା ବିପ୍ଳବ ଯେନା, ସେକ୍ ସନାଉଲ୍ଲା, ମହିଳା ନେତ୍ରୀ ସୁରଜିତା ନାୟକ, ରୋଜାଲିନ ସାମ୍ୟବାଦୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



## ପ୍ରଫେଟ ହଜରତ ମହମ୍ମଦଙ୍କ ବିରୋଧରେ ଆଶାଳୀନ ମନ୍ତବ୍ୟର ପ୍ରତିବାଦ

**ଭଦ୍ରକ, ୧।୭ (ସମିସ):** ପ୍ରଫେଟ ହଜରତ ମହମ୍ମଦଙ୍କ ପ୍ରତି କଟୁ ମନ୍ତବ୍ୟ ବିରୋଧରେ ଭଦ୍ରକ ମୁସଲିମ ଜମାତ ସମେତ ଭଦ୍ରକର ସମସ୍ତ ମସଜିଦର ମୌଲାନା (ପଣ୍ଡିତ) ଓ ଭଦ୍ରକର ସମସ୍ତ ଗ୍ରାମର ସରଦାର ମାନେ ନିନ୍ଦା କରିଛନ୍ତି। ପଶ୍ଚିମବଙ୍ଗର ନାଜିଆ ଏଲାହି ରିଜ୍ୱୀ ନାମକ ଜଣେ ମହିଳା ଆପତ୍ତିଜନକ ତଥା ବିବାଦୀୟ କଟୁ ମନ୍ତବ୍ୟ ଦେଇଥିବା ଘଟଣା ସୋସିଆଲ ମିଡ଼ିଆରେ ଦୃଷ୍ଟିକୁ ଆସିବା ପରେ ସମଗ୍ର ବିଶ୍ୱର ମୁସଲିମ ସମାଜରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ତେଣୁ ନାଜିଆ ଏଲାହି ରିଜ୍ୱୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜ଼କାଉଲ୍ଲା ଓ ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦଙ୍କ ନେତୃତ୍ୱରେ ମଙ୍ଗଳବାର ଅପରାହ୍ନ ସମୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଡିଆଇଜି ଓ ଭଦ୍ରକ ଏସପିଙ୍କୁ ପ୍ରଦାନ ବେଳେ ଭଦ୍ରକ ମୁସଲିମ ଜମାତର କାର୍ଯ୍ୟକାରୀ ସଭ୍ୟ ଜମିଲ ଅଖତର ଖାନ, ଇଂ ରେଜାଏ-ରସୁଲ, ପୂର୍ବତନ ପାରିଷଦ ଅସରଫ ଅଲି ଖାନ, ଇଂ ମୁଖତାର ଅହେମଦ ରସିଦ, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ, ପାରିଷଦ ନାସର ଅଲି, ହାଜୀ ଅବୁ ହୋସେନ ଖାନ, ଜାମା ମସଜିଦ ଇମାମ ମହମ୍ମଦ ସାଦିକ ହୋସେନ, ମୌଲାନା ମହମ୍ମଦ ସିରାଜ, ମୌଲାନା ଲୋକମାନ ହବିବି, ଚୌଖଣ୍ଡି ବସ୍ତି ସରଦାର ଶେଖ ସାହାଜାହାନ, ମାଷ୍ଟର ମୁସ୍ତାକ ଗୌହର, ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର, ନସୀମ ଅଖତର, ଅବରାର ହୋସେନ ପ୍ରମୁଖ ଉପସ୍ଥିତ ଥିଲେ।



ଭଦ୍ରକ ମୁସଲିମ ଜମାତର ଦାବିପତ୍ର

## ପୁଲିସ ପକ୍ଷରୁ ନିଶାମୁକ୍ତି ଅଭିଯାନ

**ଧାମନଗର, ୧।୭ (ସମିସ):** ରାଜ୍ୟ ବ୍ୟାପୀ ନିଶା ମୁକ୍ତ ଓଡ଼ିଶା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅବସରରେ ପୁଲିସ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସାମ୍ବାଦିକ ଏକତ୍ରିତ ହୋଇ 'ନଶାମୁକ୍ତ ଓଡ଼ିଶା' ଗଠନ ପାଇଁ ଶପଥ ଗ୍ରହଣ କରିଛନ୍ତି। 'ନିଶାକୁ ନା, ଜୀବନକୁ ହଁ' ବାର୍ତ୍ତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଆଜି ଆଇଆଇସି ଶୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏସଡିପିଓ ବିଷ୍ଣୁଚରଣ ବାରିକ ଯୋଗ ଦେଇଥିବା ବେଳେ ଏସଆଇ ନାରାୟଣ ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏଏସଆଇ ନରେନ୍ଦ୍ର ରାଉତ, ସୁଜିତ ରାଉତ, କଳ୍ପନା ରାଉତଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସରପଞ୍ଚ ପ୍ରତିନିଧି, ଜିଲ୍ଲା ପରିଷଦ ଓ ତାଙ୍କ ପ୍ରତିନିଧି ପ୍ରତାପ ସାମଲ, ସେକ ମୁସ୍ତାକ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସାମ୍ବାଦିକ ବିରେନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର, ଏମଡି ଜାବିର ବାବୁ, ରଞ୍ଜନ ମଳିକ, ସମାଜସେବୀ ଏମଡି ତାଜୁଦ୍ଦିନ, ଜସିମୁଦ୍ଦିନ ଖାଁ, ସେକ ଖଲିଲୁଲ୍ଲା, ନରୋତ୍ତମ ଜେନା, ସେକ ହମିଦ, ସେକ ମକଦୁମ, ଧର୍ମେନ୍ଦ୍ର ଦାସ, ସେକ ପପୁ ପ୍ରମୁଖଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ନାୟକାଣୀଡିହି ଥାନା: ସ୍କୁଲ ପାଚେରି ଲାଗି ମଦ ବିକ୍ରି

**ଭଦ୍ରକ, ୧।୭ (ସମିସ):** ଭଦ୍ରକ ଜିଲ୍ଲା ନାୟକାଣୀଡିହି ଥାନାଞ୍ଚଳରେ ଚୋରା ମଦ କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଥାନାଠାରୁ ମାତ୍ର ୧ କିଲୋମିଟର ପରିସୀମା ମଧ୍ୟରେ ୭ରୁ ଅଧିକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ୧୫ରୁ ଅଧିକ ଦେବାଳୟ ଏବଂ ଡାକ୍ତରଖାନା ରହିଥିବା ବେଳେ ଏହି ପବିତ୍ର ଅଞ୍ଚଳରେ ପ୍ରାୟ ୮ରୁ ଅଧିକ ଚୋରା ମଦ ମାଫିଆ ଖୁଲମଖୁଲା ଚୋରାମଦ କାରବାର ଚଳାଇଛନ୍ତି। ଖୋଦ୍ ନାୟକାଣୀଡିହି ପ୍ରାଥମିକ ବିଦ୍ୟାଳୟ ପାଚେରି ପାଖରେ ଏବଂ ଡାକ୍ତରଖାନା ନିକଟରେ ଠିପିଖୋଲା ମଦ ବିକ୍ରି ହେଉଥିବା ବେଳେ ବିବାହ, ବ୍ରତ ଏବଂ ଶବଦାହ କ୍ରିୟାକର୍ମ ଭଳି ସ୍ଥାନକୁ ମଧ୍ୟ ଏମାନେ ବେଆଇନ ମଦର 'ହୋମ ଡେଲିଭରୀ' କରାଉଥିବା ଅଭିଯୋଗ ହୋଇଛି। ଥାନାରୁ ମାତ୍ର ୩୦୦ ମିଟର ଦୂର ଗୋକୁଳପୁର ରାସ୍ତାରେ, ମାଛ ବଜାରରେ ଗୁମୁଟି ପକାଇ ବେଆଇନ ମଦ ବିକ୍ରି କରାଯାଉଛି। ପରିତାପର କଥା ନାୟକାଣୀଡିହି ପୋଲିସର ଜାଣତରେ ଏସବୁ ହେଉଥିବା ବେଳେ ମାସିକିଆ ଚାନ୍ଦାନେଇ ହାତବାନ୍ଧି ବସିପଡ଼ିଛି ପୁଲିସ। ଏନେଇ ନାୟକାଣୀଡିହିର ସର୍ବସାଧାରଣ ଜନତା ଏବଂ ମହିଳାମାନେ ଏକାଠି ହୋଇଛନ୍ତି। ଚୋରା ମଦ ବିକ୍ରେତାଙ୍କ ଉପରେ କଠୋର ଓ ଆଖିଦୃଶିଆ କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଆଗରପଡ଼ାରେ ନିଶାମୁକ୍ତି ଅଭିଯାନ

**ବନ୍ତ/ଆଗରପଡ଼ା, ୧।୭ (ସମିସ):** ଆଗରପଡ଼ା ଥାନା ପରିସରରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିମାନେ ଶପଥ ନେଇଥିଲେ। ସଭାରେ ଥାନାଧିକାରୀ ରାଜେଶ ସେଠୀ ସଭାପତିତ୍ୱ କରି ଏହି ଅଞ୍ଚଳକୁ ନିଶାମୁକ୍ତ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଯୁବନେତା ସତ୍ୟସାଧନ ବେଜ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ସମିତିସଭ୍ୟ ଧରଣୀଧର କର, ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, ସୁରେନ୍ଦ୍ର ଜେନା ଏନେଇ ସଚେତନତା ସୃଷ୍ଟି କରିଥିଲେ। ଥାନା ଏସଆଇ ଇଭାରାଣୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

**ବନ୍ତ/ଆଗରପଡ଼ା, ୧।୭ (ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଗଣିଜାଙ୍ଗ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଭୂୟାଁ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗାୟତ୍ରୀ ବେହେରା, ନିର୍ବାହୀ ଯନ୍ତ୍ରୀ ଇଂ ରାମ ଜଦବ, ଇଲେକ୍ଟ୍ରିସିଆନ୍ ବିଶ୍ୱରଞ୍ଜନ ପରିଡ଼ା, ମଳୟ ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ପ୍ରାକ୍ତନ ସରପଞ୍ଚ ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ ଶୋଭାରାଣୀ ଦାସ, ନିବେଦିତା ଘଡାଇ, ଅଞ୍ଜଶ୍ରୀ ଜେନା, ବିଶ୍ୱନାଥ ନାୟକ, ପଞ୍ଚାନନ ଦାସ ସମେତ ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଶକ୍ତି ବିଭାଗର କର୍ମଚାରୀମାନେ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିଥିଲେ। ବକ୍ତାମାନେ ବିଦ୍ୟୁତ୍ ଉପକରଣର ସଠିକ ବ୍ୟବହାର, ଓଦା ହାତରେ ବିଦ୍ୟୁତ୍ ଉପକରଣ ସ୍ପର୍ଶ ନ କରିବା, ଛିଣ୍ଡା ବିଦ୍ୟୁତ୍ ତାରଠାରୁ ଦୂରେ ରହିବା, ବର୍ଷା ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ବିଦ୍ୟୁତ୍ ଦୁର୍ଘଟଣା ଘଟିଲେ ତୁରନ୍ତ ସମ୍ପୃକ୍ତ ବିଭାଗକୁ ସୂଚନା ଦେବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ଶପଥ ପାଠ କରାଯାଇଥିବା ବେଳେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏଭଳି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି କରିବ ବୋଲି ମତ ପ୍ରକାଶ କରିଥିଲେ। ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହକୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଯମୁନା ମୁଖ୍ୟ, ମନୋରମା ଦାସ ଏବଂ ଏକାଦଶୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫିଲ୍ମ ସୁଟିଂ ପାଇଁ ଭଡ଼ାରେ ଥିଲା କି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ?

● ବିନା ଛୁଟିରେ ଗାଏବ ହେଲେ ମେଡିକାଲ ଅଫିସର; କାର୍ଯ୍ୟାନୁଷ୍ଠାନ ଶୂନ

**ଭଦ୍ରକ/ବାସୁଦେବପୁର, ୧।୭ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବେଆଇନ ଭାବେ ରୋଗୀସେବା ବନ୍ଦ କରି ମେଡିକାଲ ଭିତରେ ଫିଲ୍ମ ସୁଟିଂ କରିବାର ୨୪ ଘଣ୍ଟା ଅତିକ୍ରମ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ରୋଗୀ ସେବା ବନ୍ଦ କରି ଫିଲ୍ମ ସୁଟିଂ ପାଇଁ ଭଡାରେ ଲାଗିଥିଲା କି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ? ତେବେ ସ୍ୱାସ୍ଥ୍ୟ ଅଧିକାରୀ ଘଟଣାରେ ତୁନ୍ ରହିଛନ୍ତି। ବିନା ଛୁଟିରେ ଗାଏବ ହୋଇଥିବା ଇରମ ମେଡିକାଲ ଅଫିସରଙ୍କୁ ବଞ୍ଚାଇବାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବାସୁଦେବପୁର ସିଏଚସି ମେଡିକାଲ ଅଫିସର ଯୋଜନା କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ କାହିଁକି ଫିଲ୍ମର ନିର୍ଦ୍ଦେଶକ ଉପରେ ଥାନାର ଏତଲା ହେଲା ନାହିଁ। ମେଡିକାଲ ମୁଖ୍ୟଦ୍ୱାରରେ ପରଦା ବାନ୍ଧି ଭିତରେ ଚାଲିଥିଲା ଫିଲ୍ମ ସୁଟିଂ। ନିରାଶରେ ଫେରିଲେ ରୋଗୀ। ସୁଟିଂ ସମୟରେ ଉପସ୍ଥିତ କର୍ମଚାରୀ ରୋଗୀ ସେବା ବଦଳରେ ଫିଲ୍ମ ସୁଟିଂର ମଜା ନେଉଥିଲେ। ଫିଲ୍ମ ସୁଟିଂ ପାଇଁ ସରକାରୀ ଡାକ୍ତରଖାନାକୁ ଭଡ଼ାରେ ଲଗାଇ ଦେଇଥିଲେ କର୍ମଚାରୀ। ପଚାରିବାରୁ ଫିଲ୍ମ ପ୍ରଡ୍ୟୁସର କହିଥିଲେ, ଆପଣଙ୍କ ବୁଝାମଣାରେ ଚଳଚ୍ଚିତ୍ର ସୁଟିଂ ଚାଲିଛି। ଆଜି ଏସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କ ଯୋଗାଯୋଗ କରିବାରୁ ସେ କହିଲେ, କାହାରି ନାମରେ ଏତାଲା ଦିଆଯାଇନାହିଁ। ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ଅନ୍ୟପକ୍ଷରେ, ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।



## ଫୈଯେ ରଯା ଏଜୁକେସନଲ ଏଣ୍ଡ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ଭଦ୍ରକ, ୧।୭ (ସମିସ):** ଭଦ୍ରକସ୍ଥିତ ଫୈଯେ ରଯା ଏଜୁକେସନଲ ଏଣ୍ଡ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ପୌରପାଳିକା ଅନ୍ତର୍ଗତ ୧୬ ନମ୍ବର ୱାର୍ଡ଼ କଣ୍ଟାବଣିଆଠାରେ ମଦ୍ରାସା ଫୈଯାନେ ଗରିବ ନୱାଜ ପରିସରରେ ସନ୍ଧ୍ୟା ୭ଟାରେ ଟ୍ରଷ୍ଟର ସଭାପତି ସେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସଭାରେ ମଦ୍ରସା ଫୈଯାନେ ଉମ୍ମୁଲୱରାର ଶିକ୍ଷକ କାରୀ ଦିଲବର ହୋସେନଙ୍କ କୋରାନ ପାଠରୁ ଓ ଶେଖ ଆସିକଙ୍କ ନାତ୍ ଶରିଫରୁ ଆରମ୍ଭ ହୋଇଥିଲା। ବିଶିଷ୍ଟ କବି ଓ ଶିକ୍ଷକ ସେଖ ମୁସ୍ତାକ ଗୌହର ଏହି ସଭାକୁ ସଞ୍ଚାଳନ କରିଥିଲେ। ଟ୍ରଷ୍ଟର ସଦସ୍ୟ ସେଖ ଅବଦୁଲ ବାରି ହଜରତ ଇମାମ ହୁସୈନଙ୍କ ବିଷୟରେ ଏକ ନୀତିବାଣୀ ଉପରେ ଆଲୋକପାତ କରିବା ସହ ଆସନ୍ତା ଇଦ-ମିଲାଦୁନ-ନବୀରେ ବିନା ଡିଜେରେ ଜୁଲୁସ ଓ କାଫେଲା ବାହାର କରିବା ପାଇଁ ଅନୁରୋଧ କରିଥିଲେ। ଏହି ବର୍ଷ ଯେଉଁ ବସ୍ତି ବିନା ଡିଜେରେ ଇସଲାମିକ ନୀତି ନିୟମ ଅନୁଯାୟୀ ଜୁଲୁସ ବା କାଫେଲା ବାହାର କରିଥିଲେ ସେହି ବସ୍ତିର ସରଦାରମାନଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁସଲିମ ଜମାତର ଉପସଭାପତି, ସମ୍ପାଦକ ଓ ମୋହରମ କମିଟିର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକର ଏକ ପ୍ରସିଦ୍ଧ ସଂଗଠନ ଏମଏସଏଫ ସଭାପତି ଶେଖ ଇମଦାଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ପୁରୁଣାବଜାର ଥାନା ଆଇଆଇସି ସୁଶାନ୍ତ ସାହୁ ଏବଂ ଟାଉନ ଥାନା ଆଡିସନାଲ ଆଇଆଇସି ମନୋହର ପାତ୍ର ଯୋଗଦାନ କରିଥିଲେ। ମଦ୍ରାସାର ଶିକ୍ଷକ କାରୀ ୱଲିଉର ରହେମାନ, କାରୀ ଶାହା ମହମ୍ମଦ, ସେଖ ମୋହିନୁଦ୍ଦିନ, ସେଖ ଏଜାଜ ମହମ୍ମଦ, ସେକ ସାହିଦ ରଫିକ, ଅବଦୁଲ ଆବିଦ ଖାନ, ଇସ୍ତାକ ଖାନ, ମହମ୍ମଦ ଅବଦୁଲ ରହିମ, ସେଖ ଆଶିକ ସହଯୋଗ କରିଥିଲେ।




## ଉତ୍କଳ ସାମ୍ବାଦିକ ସଂଘର ୩ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

ଭଦ୍ରକ, ୧।୭ (ସମିସ)




ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବର ୩ୟ ଦିବସର ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟଅତିଥି ଭାବେ ଏସ୍‌ପି. ମନୋଜ କୁମାର ରାଉତ ଯୋଗ ଦେଇଥିଲେ। ଗଠନମୂଳକ ସମ୍ବାଦ ଜନସାଧାରଣଙ୍କୁ ପ୍ରଭାବିତ କରେ ତେଣୁ ସାମ୍ବାଦିକମାନେ ଏହାକୁ ନିଶା ଭାବେ ଗ୍ରହଣ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ପୌରାଧକ୍ଷା ଗୁଲମକ୍ସି ଦଲୱାଜି ହବିବ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବରେଣ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଜ୍ୟ ସଂଗଠନ ସମ୍ପାଦକ ଅପୂର୍ବ ବେହେରା, ରାଜ୍ୟ ସଦସ୍ୟ ପ୍ରଦୀପ ମହାପାତ୍ର, ଜିଲ୍ଲା ଉପସଭାପତି ଦୀପ୍ତି ନାୟକ ସାମ୍ବାଦିକଙ୍କ ଦାବି ପୂରଣ କରା ନ ଗଲେ ବିଧାନସଭା ସମ୍ମୁଖରେ ଧାରଣା ଓ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କହିଥିଲେ। ବିଧାୟକ ଶ୍ରୀ ଦାସ ସାମ୍ବାଦିକଙ୍କ ଦାବି ଆଗାମି ବିଧାନସଭାର ଅଧିବେଶନରେ ଉଠାଇବେ ବୋଲି କହିଥିଲେ। ସାମ୍ବାଦିକ ଅଶୋକ ନାୟକ, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ରାଜେଶ ଦାସ, ସନ୍ତୋଷ ସାହୁ, ରମେଶଚନ୍ଦ୍ର ପାଗଳ, ସୁଜୟ ପାକଳ, ସଞ୍ଜୀବ ନାୟକ, ଅକ୍ଷୟ ନାୟକ, ଅଶୋକ ସାହୁ, ମାନସ ପରିଡ଼ା, ମାନସ ମହାନ୍ତି, ଶୁଭାଶିଷ ଦ୍ୱିବେଦୀ, ଅଜିତ ରାୟ, ଫିରୋଜ ଖାନ, ସେକ ଟିଙ୍କୁ, ମନୋରଞ୍ଜନ ମହାନ୍ତି, ଜୁନିୟର ରାଜେଶ ଦାସ, ପ୍ରକାଶ ସ୍ୱାଇଁ, ପିକେ କାଳନ୍ଦୀ ଯୋଗ ଦେଇଥିଲେ। ସମସ୍ତ ନୃତ୍ୟ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ଓ ସାମ୍ବାଦିକ ଦୟାନିଧି ନାୟକ, କବୟତ୍ରୀ ସୁପ୍ରଭାତ ମିଶ୍ର ସରପଞ୍ଚ ସୁପ୍ରଭା ପାଣି, ଦ୍ୱିବେଦୀ ଫାଉଣ୍ଡେସନ, କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଗଣଧାରଣା

ରାଜଘାଟ, ୧୭ (ସମିସ): ବସ୍ତା ବ୍ଲକ ଇନ୍ଦିରା ଛକରୁ ଅମର୍ଦ୍ଦା ରୋଡ ମଧ୍ୟରେ ଖୋଲିବାକୁ ଥିବା ନୂତନ ବିଦେଶୀ ମଦ ଦୋକାନକୁ ବିରୋଧ କରି ଆଜି ଶତାଧିକ ଲୋକ ଇନ୍ଦିରା ଛକରେ ଗଣ ଧାରଣା



ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ପ୍ରସ୍ତାବିତ ଦୋକାନଟି ସେହି ରାସ୍ତାରେ ଥିବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମହାବିଦ୍ୟାଳୟ, ଏକାଧିକ ଆବାସିକ ବିଦ୍ୟାଳୟ, ଏକ ସରକାରୀ ହସ୍ପିଟାଲରୁ ମାତ୍ର ଏକ କିଲୋ ମିଟର ଦୂରେ ହେବାକୁ ଯାଉଛି। ଏହା ବକାରୀ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଇନ୍ଦିରା ଛକ ଅମର୍ଦ୍ଦାରୋଡ ହେଉଛି ଏକ ବ୍ୟସ୍ତବହୁଳ ରାସ୍ତା। ସେଠାରେ ମଦ ଦୋକାନ ଖୋଲିଲେ ମଦ୍ୟପ ମାନଙ୍କ ଭିଡ଼ ଜମି ଟ୍ରାଫିକ୍ ଜାମ୍ ଓ ଛିନତାଇ ଭଳି ଘଟଣା ବଢ଼ିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ର ଛାତ୍ରୀ ମାନେ ପ୍ରତିଦିନ ଏଇ ରାସ୍ତାରେ କୋଚିଂ, ସ୍କୁଲ, କଲେଜ, ବଜାର ଯାଆନ୍ତି। ଦୋକାନ ଖୋଲିଲେ ସେମାନେ ନିରାପଦ ରହିବେ ନାହିଁ। ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ଧରି 'ଆମ ଗାଁରୁ ମଦ ହଟାଓ, 'ପିଲାଙ୍କ ଭବିଷ୍ୟତ ସହ ଖେଳିବାନି' ଭଳି ନାରା ଦେଇଥିଲେ। ସେମାନେ ତୁରନ୍ତ ଦୋକାନକୁ ଗାଁଠୁ ଅତି କମରେ ୧ କିଲୋମିଟର ଦୂରକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ପ୍ରଶାସନର ଆଶ୍ୱାସନା ପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରିଥିଲେ। କିନ୍ତୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜପଥ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ଯୁବ ସମ୍ମେଳନ

ଜଳେଶ୍ୱର/ ଜଳେଶ୍ୱର ବ୍ଲକ, ୧୭ (ସମିସ)

ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳ ଯୁବ ସମ୍ମେଳନ ଜଳେଶ୍ୱରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଯୁବ ସମ୍ମେଳନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇ ୪ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମସ୍ତ ଅଧିବେଶନରେ ଯୁବ ସମାଜସେବୀ ଲେଲିନ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରଥମ ଅଧିବେଶନରେ ଯୁବ ସମ୍ମେଳନର ଅବାହକ ତଥା ଗଡସାହି ବାଲିଆପାଳର ସରପଂଚ ଧ୍ରୁବଜ୍ୟୋତି ଗିରି ସଭାପତିତ୍ୱ କରିଥିବା ବେଳେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ



ଯୋଗଦେଇଥିବା ବେଳେ ବିଶେଷ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବ୍ଲକ ବିଜୁ ଜନତା ଦଳ ସଭାପତି ଦିଲ୍ଲୀପ କୁମାର ସାମଲ, ବସ୍ତା ବ୍ଲକ ଉପସଭାପତି ଅନାଦୀ ଚରଣ ଦାସ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧିବେଶନର ଶେଷରେ ଯୁବ ନେତା ଗୌତମ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱତୀୟ ଅଧିବେଶନରେ ମାକିଡିଆ ସରପଞ୍ଚ ପ୍ରତିନିଧି ନିମାଁଇ ଚରଣ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମେଳନରେ ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଜଣେ ଯୋଗ୍ୟ କର୍ମୀ ବା ଜନପ୍ରତିନିଧି ହେବା ପାଇଁ ମୌଳିକ ବିଷୟ ଗୁଡିକ ଉପରେ ଟ୍ରେନିଂ ଦେବା ସହିତ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ତୃଣମୂଳସ୍ତରରେ କିପରି ସଶକ୍ତ ହୋଇପାରିବ ସେ ବିଷୟରେ ଯୁବ ଗୋଷ୍ଠିଙ୍କୁ ସୂତ୍ର ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ଜଳେଶ୍ୱର ପୌର ଯୁବ ସଭାପତି ଆନନ୍ଦ କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପୌର କାଉନସିଲର ମୀର ଆବାସ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଜଳେଶ୍ୱର ମହିଳା ବିଜୁ ସଭାପତି ସୁବିନୀତା ଦତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଦଳର ରାଜ୍ୟ ପ୍ରବକ୍ତା ଲେଖାଶ୍ରୀ ସାମନ୍ତ ସିଂହାର, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଛାତ୍ର ସଭାପତି ଇପସିତା ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜଳେଶ୍ୱର ପୌର ଉପାଧ୍ୟକ୍ଷା ପୁଷ୍ପପ୍ରୀୟା କାମିଲା, କାଉନସିଲର କବିତା ଧଳ ପ୍ରମୁଖ ଯୋଗଦେଇ ଥିବା ବେଳେ ଦେବଜାନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ଅଧିବେଶନରେ ଜଳେଶ୍ୱର ଛାତ୍ର ସଭାପତି ସୁରଜ ଚୌରାସିଆ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ବିଶେଷ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌର ସଭାପତି ସୁରଜିତ ଘୋଷ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଶିକ୍ଷକ ସଂଘର ପୂର୍ବତନ ସଭାପତି ମନୋରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଯୁବ ଛାତ୍ର ଓ ମହିଳା ମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସୁବର୍ଣ୍ଣପୁର ଦାଣ୍ଡୀରେ ବନ ବିଭାଗର ଚଢ଼ଉ | ୪୧୦ ପକ୍ଷୀ ଉଦ୍ଧାର, ଶିକାରୀ ଗିରଫ

ଚନ୍ଦନେଶ୍ୱର, ୧୭ (ସମିସ) : ବାଲେଶ୍ୱର ଜିଲ୍ଲାର ସମୁଦ୍ରତଟବର୍ତ୍ତୀ ସୁବର୍ଣ୍ଣପୁର ଦାଣ୍ଡୀରେ ବନ ବିଭାଗ ପକ୍ଷରୁ କରାଯାଇଥିବା ଏକ ସ୍ୱତନ୍ତ୍ର ଚଢ଼ଉ ବେଳେ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯିବା ସହ ବହୁ ସଂଖ୍ୟକ ଜୀବନ୍ତ ଓ ମୃତ ପକ୍ଷୀ ଉଦ୍ଧାର କରାଯାଇଛି। ଶିକାର କାର୍ଯ୍ୟରେ ବ୍ୟବହୃତ ଏକ ଇଞ୍ଜିନଚାଳିତ ବୋଟକୁ ମଧ ଜବତ କରାଯାଇଛି। ଘଟଣା ସମୟରେ ଅନ୍ୟ ଚାରିଜଣ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିବାବେଳେ ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି। ଗିରଫ ଯୁବକ ଜଣକ ବାଲିଆପାଳ ବ୍ଲକ ଚୌମୁଖ ଗାଁର ରବୀନ ମଣ୍ଡଳଙ୍କ ପୁଅ କାଳୀଚରଣ ମଣ୍ଡଳ (୨୨) ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ବନ ବିଭାଗ କେସ୍ ନଂ୧୭ (ଜେଏଲ) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅଧାରାତିରେ ଇଞ୍ଜିନଚାଳିତ ଡଙ୍ଗାରେ



ସୁବର୍ଣ୍ଣରେଖା ନଦୀ ପାର ହୋଇ ସୁବର୍ଣ୍ଣପୁର ଦାଣ୍ଡୀକୁ ଆସି ନିୟମିତ ଭାବେ ପକ୍ଷୀ ଶିକାର କରୁଥିଲେ। ସମୁଦ୍ର କୂଳରେ ବାଉଁଶ ପୋତି ବଡ଼ ବଡ଼ ଜାଲ ବିଛାଇ ପକ୍ଷୀମାନଙ୍କୁ ଫାନ୍ଦରେ ପକାଇବାର ଏକ ଅଭିନବ ପଦ୍ଧତି ଅବଲମ୍ବନ କରୁଥିବା ଜଣାପଡ଼ିଛି। ଗୁପ୍ତ ସୂଚନା ପାଇ ବନ ବିଭାଗର କର୍ମଚାରୀମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ବନ କର୍ମଚାରୀଙ୍କୁ ଦେଖି ଚାରିଜଣ ଶିକାରୀ ଘଟଣାସ୍ଥଳରୁ ପଳାଇବାରେ ସଫଳ ହୋଇଥିବାବେଳେ କାଳୀଚରଣ ମଣ୍ଡଳଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ୨୯୭ଟି ଜୀବନ୍ତ ଓ ୧୧୩ଟି ମୃତ ପକ୍ଷୀ ସହ ମୋଟ ୪୧୦ଟି ପକ୍ଷୀ ଉଦ୍ଧାର କରାଯାଇଛି। ଏଥିସହିତ ଶିକାର କାର୍ଯ୍ୟରେ ବ୍ୟବହୃତ ଇଞ୍ଜିନଚାଳିତ ବୋଟ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଶିକାରୀମାନେ ବହୁ ପରିମାଣରେ ପକ୍ଷୀ ଧରି ବିଭିନ୍ନ ଅଞ୍ଚଳରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିଲେ। ଏହା ପଛରେ କୌଣସି ସଂଗଠିତ ଚକ୍ର ସକ୍ରିୟ ଅଛି କି ନାହିଁ, ସେ ଦିଗରେ ମଧ ବନ ବିଭାଗ ତଦନ୍ତ କରୁଛି। ଭାରପ୍ରାପ୍ତ ଜଳେଶ୍ୱର ରେଞ୍ଜ ଅଧିକାରୀ ସଞ୍ଜୟ କୁମାର ମହାନ୍ତି କହିଛନ୍ତି ଯେ, ବନ୍ୟପ୍ରାଣୀ ଓ ପକ୍ଷୀଙ୍କ ସୁରକ୍ଷା ପାଇଁ ଏଭଳି ଚଢ଼ାଉ ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ। ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ସହ ପକ୍ଷୀ ଶିକାର ଓ ଚୋରା କାରବାରରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏହି ଚଢ଼ାଉକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ପରିବେଶପ୍ରେମୀମାନେ ମତ ପ୍ରକାଶ କରିଥିବାବେଳେ ଉପକୂଳ ଅଞ୍ଚଳରେ ପକ୍ଷୀ ଶିକାର ରୋକିବା ପାଇଁ ନିୟମିତ ପାଟ୍ରୋଲିଂ ଓ କଡ଼ା ନଜରଦାରିର ଆବଶ୍ୟକତା ଉପରେ ମଧ ମତ ପ୍ରକାଶ ପାଉଛି।

# ଭି.ବି.ଜି.ରାମଜୀ ବାତିଲ ପାଇଁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର, (ସମିସ): କ୍ଷେତ ଓ ଗ୍ରାମୀଣ ଶ୍ରମିକ ୟୁନିୟନ, ସି.ଆଇ.ଟି.ୟୁ ଓ କୃଷକ ସଭାର ସର୍ବଭାରତୀୟ ମିଳିତ ଡାକରାରେ ଆଜି ସମଗ୍ର ଦେଶବ୍ୟାପୀ ଭି. ବି. ଜି. ରାମଜୀ ଆଇନକୁ ବାତିଲ କରି ମନରେଗାକୁ କାର୍ଯ୍ୟ କରିବା ପାଇଁ ବିକ୍ଷୋଭ ଅନୁଷ୍ଠିତ ହେଉଥିବା ବେଳେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ସଂଗଠନ ତରଫରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ନୂତନ ଆଇନ କେନ୍ଦ୍ର ସରକାରଙ୍କ ବଜେଟ ଉପରେ ଆଧାରିତ। ଏଥିରେ କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାର ୪୦% ଅର୍ଥ ବହନ କରିବେ ଅର୍ଥାତ ରାଜ୍ୟ ସରକାର ଉପରେ ଅଧିକ ବୋଝ ବଢ଼ିବ। କାମ ଓ ମଜୁରୀ ସମ୍ପର୍କରେ କେନ୍ଦ୍ର ସରକାର ଦ୍ୱାରା ମନୋନିତ ଷ୍ଟିଅରିଂ କମିଟି ନିଷ୍ପତ୍ତି ନେବେ। କୃଷି ଋତୁ ସମୟରେ ୬୦ ଦିନର କାମ ମିଳିବ ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ୧୨୫ଦିନର କାର୍ଯ୍ୟ ପ୍ରଚାର ସର୍ବସ୍ୱ ମାତ୍ର। ଉକ୍ତ ଆଇନ କେବଳ କ୍ଷେତ ମଜଦୁର ଓ ଗ୍ରାମିଣ ଶ୍ରମିକ ଅଧିକାର ଉପରେ ଆକ୍ରମଣ ଓ



ସଂଘିୟ ବ୍ୟବସ୍ଥା ଓ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଉପରେ ଆକ୍ରମଣ ବୋଲି କୁହାଯାଇଛି। ତେଣୁ ନୂତନ ଭି. ବି. ଜି. ରାମଜୀ ଆଇନକୁ ବାତିଲ କରି ମନରେଗା ଆଇନ ଲଗୁକରିବା, ସମସ୍ତ ଶ୍ରମିକଙ୍କୁ ୨୦୦ଦିନର କାମ ଦେବା, ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନକୁ ସୁନିଶ୍ଚିତ କରିବା, କାମ କରିବାର ୭ଦିନ ମଧ୍ୟରେ ମଜୁରୀ ପ୍ରଦାନ କରିବା, ମନରେଗା କାର୍ଯ୍ୟରେ ପୂର୍ବରୁ ବକେୟା ଥିବା ମଜୁରୀ ତୁରନ୍ତ ପ୍ରଦାନ କରିବା ଇତ୍ୟାଦି ଦାବି ନେଇ ଏକ ଦାବିପତ୍ର ଜଳେଶ୍ୱର ବିଡିଓଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମିଳିତ ସମନ୍ୱୟ ସମିତିର ସମ୍ପାଦକ ଦିଲ୍ଲୀପକୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଜିଲ୍ଲା କୃଷକ ସଭାର ନେତୃତ୍ୱ ସିତାଂଶୁ ସେନାପତି, ସିଟୁର ବ୍ଲକ ସଭାପତି ଦିପ୍ତୀମାନ ଆଚାର୍ଯ୍ୟ, ସମ୍ପାଦକ ପଲ୍ଟୁ ଦାସ, ସୁଶାନ୍ତ ରାଉତ, ରବିନ୍ଦ୍ର ବାରିକ, ସବିତା ଭୂୟାଁ, ଅରୁଣ ଜେନା, ବିପ୍ଳବ ଦାସ, ଶ୍ରୀକାନ୍ତ ଦାସ, ଚନ୍ଦନ ସତପଥୀ, ନିତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାର ଦାବିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ନେତୃତ୍ୱମାନେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

# ସୋରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ



ସୋର, ୧୭ (ସମିସ): ଓଡିଶା ପୁଲିସ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଜୁଲାଇ ୧ରେ ସୋରରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ କରାଯାଇଥିବା ବେଳେ ତିନ ଜିଲାର ଆରକ୍ଷୀ ଅଧିକ୍ଷକ ଏଥିରେ ଯୋଗ ଦେଇଥିଲେ। ସୋର ଥାନା ମାଣତ୍ରୀ ପଞ୍ଚାୟତ ବଳିବାଡ଼ରେ ଥିବା ଉତ୍କଳ ଏନଭିରୋ କେୟାର ଠାରେ ଓଡିଶା ପୋଲିସ ପକ୍ଷରୁ ଆଭାସୀ ମାଧ୍ୟମରେ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ନିଶା ମୁକ୍ତି ଅଭିଯାନର ବାର୍ତ୍ତା ଦେବା ସଙ୍ଗେ ସଂଗେ ଓଡ଼ିଶାର ବିଭିନ୍ନ ଥାନା ଦ୍ୱାରା ଜବତ ହୋଇଥିବା ନିଶା ସାମଗ୍ରୀକୁ ନଷ୍ଟ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋର ଠାରେ ତିନି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଯଥା କ୍ରମେ ବରୁଣ ଗୁଣ୍ଟୁପାଲି, ପ୍ରତ୍ୟୁଷ ଦିବାକର ଓ ମନୋଜ ରାଉତ, ବାଲେଶ୍ୱର ଅବକାରୀ ଅଧୀକ୍ଷକ ସେକ ଆସିଫ ଅଲ୍ଲୀ, ମୟୁରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର, ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିବ୍ୟଜ୍ୟୋତି ଦାଶ, ବାଲେଶ୍ୱର ଜିଲ୍ଲାର କ୍ରାଇମ ଡିଏସପି ତପସ୍ୱିନୀ କଅଁରଙ୍କ ସହ ବାଲେଶ୍ୱର ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ଦେବରାଜ ଜେନା ପ୍ରମୁଖ ଉପସ୍ଥିତ ରହି ଜବତ କରାଯାଇଥିବା ନିଶା ସାମଗ୍ରୀକୁ କୋର୍ଟଙ୍କ ନିର୍ଦ୍ଦେଶରେ ନଷ୍ଟ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରୁ ମୋଟ ୧୧ ଟି କେଶରେ ୨୩୮ କେଜି ଗଞ୍ଜେଇ, ୧୧ କେଜି ବ୍ରାଉନ ସୁଗାର, ମୟୂରଭଞ୍ଜ ଜିଲ୍ଲାରୁ ୮ଟି କେଶରେ ୯୩୮ କେଜି ଗଞ୍ଜେଇ ଓ ଭଦ୍ରକ ଜିଲ୍ଲାରୁ ୪ଟି କେଶରେ ୧୨୬ କେଜି ଗଞ୍ଜେ।

# ନିର୍ମାଣ ଶ୍ରମିକଙ୍କ ବୀମା ରାଶିରୁ ୨ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

ଚନ୍ଦନେଶ୍ୱର, ୧୭ (ସମିସ): ଗରିବ ଓ ଅସହାୟ ନିର୍ମାଣ ଶ୍ରମିକଙ୍କ ପରିବାର ପାଇଁ ସରକାର ପ୍ରଦାନ କରୁଥିବା ମୃତ୍ୟୁକାଳୀନ ବୀମା ସହାୟତା ରାଶିକୁ ନେଇ ସଙ୍ଗୀନ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ପଞ୍ଚାୟତର କୁକୁଡ଼ିଆ ଗାଁରେ ଜଣେ ଜନସେବା କେନ୍ଦ୍ର ସଂଚାଳକ ବୀମା ରାଶି ଆଣିଦେବା ନାମରେ ଜଣେ ମୃତ ନିର୍ମାଣ ଶ୍ରମିକଙ୍କ ବିଧବା ସ୍ତ୍ରୀଙ୍କ ଖାତାରୁ ୨ ଲକ୍ଷ ଟଙ୍କା ବେଆଇନ ଭାବେ ଉଠାଇ ନେଇଥିବା ଅଭିଯୋଗ ହୋଇଛି। କୁକୁଡ଼ିଆ ଗାଁର ସଞ୍ଜୟ କୁମାର ମଣ୍ଡଳ ଜଣେ ପଞ୍ଜିକୃତ ନିର୍ମାଣ ଶ୍ରମିକ ଥିଲେ। ଗତ ୧୧ ମାର୍ଚ୍ଚ ୨୦୨୫ରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ସରକାରୀ ନିୟମ ଅନୁଯାୟୀ ତାଙ୍କ ପତ୍ନୀ କନକଲତା ମଣ୍ଡଳ ୩ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ବୀମା ସହାୟତା ପାଇବାର ହକଦାର ଥିଲେ। ଅଭିଯୋଗ ଅନୁସାରେ, ଗାଁ ଛକରେ ଜନସେବା କେନ୍ଦ୍ର ଚଳାଉଥିବା ଜନ୍ମେଜୟ ପଣ୍ଡା (ସିଏସସି ଆଇଡି୪୨୫୩୬୩୧୩୦୦୧୪) ବୀମା ଟଙ୍କା ଆଣିଦେବାର ପ୍ରତିଶ୍ରୁତି ଦେଇ କନକଲତାଙ୍କ ଘରକୁ ଯାଇ ଆବଶ୍ୟକ ସମସ୍ତ କାଗଜପତ୍ର ସଂଗ୍ରହ କରିଥିଲେ। କନକଲତା ସରକାରୀ ପ୍ରକ୍ରିୟା ସମ୍ପର୍କରେ ଅଜ୍ଞ ଥିବାରୁ ସେ ତାଙ୍କ ଉପରେ ବିଶ୍ୱାସ କରି ସମସ୍ତ କାଗଜପତ୍ର ଦେଇଥିଲେ। ପରବର୍ତ୍ତୀ ସମୟରେ ବୀମା ରାଶି ଜମା ହେବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ



ନ୍ୟାସନାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲାଯାଇଥିଲା। ଅଭିଯୋଗ ଅନୁଯାୟୀ, ବ୍ୟାଙ୍କରୁ ମିଳିଥିବା ପାସବୁକ ଓ ଚେକବୁକକୁ ଜନସେବା କେନ୍ଦ୍ର ସଂଚାଳକ ନିଜ ପାଖରେ ରଖିଥିଲେ। ଗତ ୨ ମଇରେ ସରକାରଙ୍କ ପକ୍ଷରୁ କନକଲତାଙ୍କ ଖାତାରେ ୩ ଲକ୍ଷ ଟଙ୍କା ଜମା ହେବା ପରେ ଜାଲ ଦସ୍ତଖତ କରି ଚେକ ମାଧ୍ୟମରେ ୨ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ କରାଯାଇଛି। କିଛି ଦିନ ପୂର୍ବରୁ କନକଲତା ନିଜେ ବ୍ୟାଙ୍କକୁ ଯାଇ ଖାତା ଯାଞ୍ଚ କରିବା ପରେ କେବଳ ୧ ଲକ୍ଷ ଟଙ୍କା ଅବଶିଷ୍ଟ ଥିବା ଜାଣି ଚକିତ ହୋଇଥିଲେ। ତଦନ୍ତରେ ସେ ଜନସେବା କେନ୍ଦ୍ରରୁ ପାସବୁକ ଓ ଚେକବୁକ ଫେରାଇ ଆଣି ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଇ ନଷ୍ଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତିନି ଜିଲ୍ଲାର ସମସ୍ତ ଥାନାର ଅଧିକାରୀ, ଅବକାରୀ ବିଭାଗର ଅଧିକାରୀ ଏବଂ ଡିସପୋଜାଲ ଟିମ୍, ସ୍ଥାନୀୟ ଜନସାଧାରଣ, ସମାଜସେବୀ ଉପସ୍ଥିତ ଥିଲେ।

# ଡାକ୍ତର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ରୋଗୀ ସେବା ଠପ୍

ଜଳେଶ୍ୱର,୧୭ (ସମିସ): ସାରା ରାଜ୍ୟରେ ଡ଼ାକ୍ତର ସଂଘ (ଓମସା) ର କାର୍ଯ୍ୟବନ୍ଦ ଯୋଗୁଁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରଭାବ ଦେଖିବାକୁ ମିଳିଛି ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ଥିବା ହସ୍ପିଟାଲ ଗୁଡ଼ିକରେ। ସୀମାନ୍ତ ଅଞ୍ଚଳରେ ଥିବା ଜେକେ ଭଟର ପ୍ରମୁଖ ହସ୍ପିଟାଲ ରେ ପ୍ରତିଦିନ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଆଉଟ୍ ଡୋରରେ ଚିକିତ୍ସିତ ହୋଇ ମାଗଣା ଔଷଧ ନେଇ ଥାଆନ୍ତି। ହସ୍ପିଟାଲ ଖୋଲା ଥିଲେ ମଧ୍ୟ କର୍ମଚାରୀ ବ୍ୟତିତ ସମସ୍ତ ଡ଼ାକ୍ତର ବାଲେଶ୍ୱର ସିଡିଏମଓ ଅଫିସ୍ ସମ୍ମୁଖରେ ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ସରକାରଙ୍କ ପ୍ରତିଶୃତି ଅନୁସାରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୁଧବାର ରାଷ୍ଟ୍ରୀୟ ଡାକ୍ତର ଦିବସରେ ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ଶହଶହ ରୋଗୀ ଚିକିତ୍ସା ପାଇଁ ଆସି ଗୋରି କ୍ଲିନିକ୍‌ରେ ଶୋଷଣର ଶିକାର ହେବା ସହି କେତେକ ନିରାଶରେ ଫେରିଛନ୍ତି।


# ସୋର ବ୍ଲକରେ ସପ୍ତମ ପଞ୍ଚାୟତ ସମିତି ବୈଠକ



ସୋର, ୧୭ (ସମିସ) : ସୋର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ବିଧାୟକ ମାଧବ ଧଡ଼ା, ବିଡ଼ିଓ ସୁବ୍ରତ ବେହେରା, ୪୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ୪୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ କୁମାର ସ୍ୱାଇଁ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଦୀପ୍ତିକାନ୍ତ ପଣ୍ଡା, ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ବିକଶିତ ଗ୍ରାମ ବିକଶିତ ଓଡିଶା, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ମତ୍ସ୍ୟ ସମ୍ପଦ, ମିଶନ ଶକ୍ତି, କୃଷି, ଭତ୍ତା ଏବଂ ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ଏହାକୁ ଭାରପ୍ରାପ୍ତ ଜିପିଓ ଅଭିଷେକ ପଣ୍ଡା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବରଡ଼ିହା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ଜଳେଶ୍ୱର ବ୍ଲକ, ୧୭ (ସମିସ): ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି। ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ଦିନରେ ବ୍ୟାପକ ବନୀକରଣ ଆବଶ୍ୟକତା ରହିଛି।



ଆଜି ବନ ମହୋତ୍ସବ ପାଳନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଳେଶ୍ୱର ରେଞ୍ଜ ବରଡ଼ିହା ବନ ବିଭାଗର ବନପାଳ ପ୍ରହ୍ଲାଦ ଚନ୍ଦ ନାୟକଙ୍କ ନେତୃତ୍ୱରେ ବନ ମହୋତ୍ସବ ୧ ସପ୍ତାହ ଧରି ପାଳନ କରାଯିବ ଏହି ପରିପ୍ରେକ୍ଷୀରେ ବର ଡ଼ିହା ବନଖଣ୍ଡ କାର୍ଯ୍ୟାଳୟ ଓ ନୁହାପଡା ବିଟ ହାଉସରେ ୨୫ ଜହାର ଚାରା ଯଥା ଶାଳ, ଆକାଶିଆ, ଲେମ୍ବୁ, କଦମ୍ବ, କାଠ ବାଦନ, ପିଜୁଳି, ଅର୍ଜ୍ଜନ, ବାହାଡ, କଞ୍ଚନ ସଜନା, ଅମୃତଭଣ୍ଡା, ଆଜିଠାରୁ ପ୍ରତି ଚାରା ୧ଟଙ୍କା ମୂଲ୍ୟରେ ପ୍ରଦାନ କରାଯାଉଛି। ଆଜିର ବନମହୋତ୍ସବରେ ସାଥିରେ ଉପସ୍ଥିତ ରହିଥିଲେ ଫରେଷ୍ଟ ଗାର୍ଡ ସୁଲୋଚନା ବେହେରାଙ୍କ ସମେତ ଗାର୍ଡ ଓ ଚାରା ନେଉଥିବା ପ୍ରକୃତି ପ୍ରେମୀ ଗଣ।

# ସିଭିଲ୍ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର,୧୭ (ସମିସ)

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ତିନୋଟି ପ୍ରମୁଖ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ଆଜି ପ୍ରଦାନ କରାଯାଇଛି। ବାଲେଶ୍ୱର ସହରରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା, ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଓ ସରକାରୀ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତବର୍ଷର ନୂତନ ପାଠ୍ୟ ପୁସ୍ତକକୁ ସଂପୂର୍ଣ୍ଣ ତ୍ରୁଟିମୁକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ଯୋଗାଇଦେବା ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଗତ ୨୦୦ ବର୍ଷ ତଳର ବାଲେଶ୍ୱର ସହରରେ ଏବେ ଯାନବାହନ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସହରକୁ ମୁଖ୍ୟ ପ୍ରବେଶପଥ (ଓ.ଟି. ରୋଡ୍) ସଂପ୍ରସାରଣ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ସିଭିଲ୍ ସୋସାଇଟି ସ୍ୱାଗତ କରିଛି। ଏହି ସଂପ୍ରସାରଣରେ ସରକାରୀ




ଜମିକୁ ଅବରୋଧ କରାଯାଇଥିବାରୁ ସଂପ୍ରସାରଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁ ନାହିଁ। ତାମୁଲିଆ ଓଭରବ୍ରିଜ୍ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଜବରଦଖଲରେ ଥିବା ବହୁ ପଟାନିର୍ମାଣ ଓ ବିଦ୍ୟୁତଖୁଣ୍ଟ, ଟ୍ରାନ୍ସଫର୍ମର ଗୁଡ଼ିକୁ ଉଚ୍ଛେଦ କରାଯାଇନାହିଁ। ତେଣୁ ରାସ୍ତା ସଂପ୍ରସାରଣ ଓ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଅଙ୍ଗାରଗଡ଼ିଆ, ତେଲେଙ୍ଗା ସାହି ଓ ପଞ୍ଚୁଆଁପଦା ମୌଜାରେ ଥିବା ପ୍ରାୟ ୪୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇ ସେଠାରେ ନୂତନ ମାର୍କେଟ ଓ ଦୈନିକ ହାଟ ପ୍ରତିଷ୍ଠାପାଇଁ ସିଭିଲ୍ ସୋସାଇଟି ସରକାରଙ୍କୁ ଏହି ଚିଠି ଦେଇଛି। ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନଙ୍କୁ ଏହି ନୂତନ ପ୍ରସ୍ତାବିତ ମାର୍କେଟ୍ ଓ ଦୈନିକ ହାଟରେ ବ୍ୟବସାୟ ପାଇଁ ଥଇଥାନ ପାଇଁ ଓ ଯାନବାହନ ପାରକିଂରେ ସୁଯୋଗ ଦିଆଯାଇପାରନ୍ତା ବୋଲି ସିଭିଲ୍ ସୋସାଇଟି ମତ ଦେଇଛି। ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଇଛି। ପ୍ରକାଶ୍ୟ ଦିବାଲୋକରେ ହତ୍ୟା, ଛିନତାଇ, ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ହିଂସା ବଢ଼ିଚାଲିଛି। ଅସାମାଜିକ ବ୍ୟକ୍ତିମାନେ ବନ୍ଧୁକ ଓ ମାରଣାସ୍ତ୍ର ଧରି ସଡ଼କରେ ବୁଲୁଛନ୍ତି। ମଦ ଓ ଉତ୍କଟ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ନିଶାସକ୍ତଙ୍କ ପାଇଁ ବହୁ ଦୁର୍ଘଟଣା ଓ ଅଘଟଣ ଘଟୁଛି। ପୋଲିସ୍ ଓ ଅବକାରୀ ବିଭାଗର ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇନର ଶାସନ ଚାଲୁଥିବାର ସାଧାରଣ ଜନତା ଜାଣିପାରୁ ନାହାନ୍ତି। ଏତଦ୍‌ଭିନ୍ନ ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନ ପାଇଁ ସରକାରୀ ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ରହିଛି। ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରି ତୁରନ୍ତ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ ପାଇଁ ସିଭିଲ୍ ସୋସାଇଟି ଅନୁରୋଧ କରିଛି। ଏହି ତ୍ରୁଟି ପାଇଁ ଦୋଷୀ ବ୍ୟକ୍ତିଙ୍କ ଠାରୁ ବହି ଛପା ବାବଦକୁ ସମସ୍ତ କ୍ଷତି ଭରଣା ନିମିତ୍ତ ଶିକ୍ଷାବିଭାଗ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ସର୍ବଶ୍ରୀ ଅଜିତ କୁମାର ବରାଲ, ମଳୟ ରାୟ, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ସନ୍ତୋଷ କୁମାର ସାହୁ, ଅରୁଣ ଜେନା ଓ ମହମ୍ମଦ ଇସଲାମ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ପ୍ରସ୍ତାବକୁ...

ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। କ୍ୟାବିନେଟ୍ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ମିଳିବ। ସେଲ୍ଫ-ଫାଇନାନ୍ସିଙ୍ଗ୍ ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ୍‌ର ଅନୁଷ୍ଠାନ ଓ ପାଠ୍ୟକ୍ରମ, ଏବଂ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇ ନାହିଁ। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ଆମର ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ଦିଗରେ ଏହି ଯୋଜନା ଏକ ଫଳପ୍ରଦ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଶିକ୍ଷାକୁ ସାମଗ୍ରିକ ଏବଂ ସ୍ଥାୟୀ ବିକାଶର ଭିତ୍ତି ଭାବେ ଗ୍ରହଣ କରି, ଓଡ଼ିଶା କ୍ୟାବିନେଟ୍ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ ଏବଂ ଏହାଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ଓଡ଼ିଶା ଭିଜନ ୨୦୩୬ ଏବଂ ଓଡ଼ିଶା ଭିଜନ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। 'ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି' କେବଳ ଏକ ଫି' ଛାଡ଼ କାର୍ଯ୍ୟକ୍ରମ ନୁହେଁ। ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବା ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବ ଏବଂ ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୮ ଲେନ ହେବ...

ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟପରିଆ ଏମଡିଆର ରାସ୍ତା ସିଆରମାଲ ଓପନ୍ କାଷ୍ଟ ପ୍ରୋଜେକ୍ଟର ଖଣି ଅଂଚଳ ଦେଇ ଯାଉଥିବାରୁ ଏହି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ ରଖିବା ନିମନ୍ତେ ଏହାର ୬.୮କିମି ଅଂଶକୁ ଡାଇଭର୍ଟ କରାଯିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ୬.୮କିମି ରାସ୍ତାକୁ ୬ ଲେନ୍ ବିଶିଷ୍ଟ ସିମେଣ୍ଟ କଂକ୍ରିଟ ସର୍ଭିସ ରୋଡ୍ ଭାବେ ପରିଣତ କରାଯିବ। ଏଥିପାଇଁ ଦିଲ୍ଲୀପ ବିଲଡକନ୍ ଲିମିଟେଡ ଦେଇଥିବା ୧୬୦.୨୦କୋଟି ଟଙ୍କାର ବିଡକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ଫ୍ଲାଗସିପ୍ ପ୍ରକଳ୍ପ ପାଇଁ ୨,୨୯୫.୪୫ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ପ୍ରତି ବର୍ଷ ଅତିରିକ୍ତ ୨ ଲକ୍ଷ ମେଟ୍ରିକ୍ ଟନ୍ ସାମୁଦ୍ରିକ ମାଛ ଉତ୍ପାଦନ ଲକ୍ଷ୍ୟ ରହିଥିବା ବେଳେ ଏହାଦ୍ୱାରା ୫୦ ହଜାରରୁ ଅଧିକ ରୋଜଗାର ସୃଷ୍ଟି ଏବଂ ସାମୁଦ୍ରିକ ରପ୍ତାନୀ ପ୍ରାୟ ୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିବ ବୋଲି ଆଶା କରାଯାଉଛି। ଏହା ବ୍ଲୁ ଇକନୋମୀକୁ ପ୍ରୋତ୍ସାହିତ କରିବ ଏବଂ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଅନ୍ୟ ଏକ ନିଷ୍ପତ୍ତି ଭାବେ ଓଡିଶା ରାଜ୍ୟ ଡାଟା ସେଣ୍ଟର ୨.୦କୁ ଅନୁମୋଦନ ମିଳିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରସ୍ତାବ ଅନୁସାରେ ଟିୟର-୩ କମ୍ପ୍ଲାଏଣ୍ଟ୍ ଡାଟା ସେଣ୍ଟର ସ୍ଥାପନ ପାଇଁ ୨୬୮.୪୪ କୋଟି ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟର ବଢୁଥିବା ଡିଜିଟାଲ୍ ଭିତ୍ତିଭୂମିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହି ପଦକ୍ଷେପଗୁଡ଼ିକୁ ମିଶାଇ ଉଚ୍ଚଶିକ୍ଷା ବିଭାଗର ଗୋଟିଏ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨ ଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗୋଟିଏ, ନିର୍ମାଣ ବିଭାଗର ଦୁଇଟି, ଜଳସମ୍ପଦ ବିଭାଗର ତିନିଟି, ବିଦ୍ୟାଳୟଓ ଗଣଶିକ୍ଷା ବିଭାଗର ଗୋଟିଏ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗରଗୋଟିଏ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି।

### ପଶିବ ଇଡି...

ମନ୍ଦିରରୁ ସବୁଠାରୁ ଅଧିକ ପରିମାଣର ଦାନ ଅର୍ଥ ଚୋରି ହୋଇଥିଲା। ଏହି ସମଗ୍ର ଘଟଣାର ମୁଖ୍ୟ ସୂତ୍ରଧର ସାଜିଥିବା ଦୁଇ ସମ୍ପର୍କୀୟ ଭାଇ (ଶଳା-ଭିଣୋଇ) ଲବକୁଶ ମିଶ୍ର ଓ ଅନୁକଳ୍ପ ମିଶ୍ରଙ୍କ ଉପରେ ଏବେ ପୋଲିସର ତୀକ୍ଷ୍ଣ ନଜର ରହିଛି।

ପୋଲିସର ସୂଚନା ଅନୁଯାୟୀ, ଏହି ଚୋରି ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଲବକୁଶ ଏବଂ ଅନୁକଳ୍ପ ନାମକ ଦୁଇ ଅଭିଯୁକ୍ତ ସବୁଠାରୁ ଅଧିକ ଅର୍ଥ ଆତ୍ମସାତ କରିଛନ୍ତି। କେବଳ ସେତିକି ନୁହେଁ, ସେମାନେ ଏହି ଚୋରି ଟଙ୍କାରେ ଅଧା ଡଜନରୁ ଅଧିକ ସମ୍ପତ୍ତି ମଧ୍ୟ କିଣିଥିବା ଜଣାପଡ଼ିଛି। ବର୍ତ୍ତମାନ ଆୟକର ବିଭାଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ର ସହାୟତାରେ ଏହି ଆର୍ଥିକ କାରବାରର ଗଭୀର ତଦନ୍ତ କରାଯାଉଛି। ଅଭିଯୁକ୍ତ ଅବିନାଶ ଶୁକ୍ଲାଙ୍କ କୌଶଲପୁରସ୍ଥିତ ଏକ ଯୋଗ କେନ୍ଦ୍ରରେ ଥିବା ଆସ୍ଥାନରୁ ପୋଲିସ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଛି। ସେଠାରେ ୪ଟି ବାକ୍ସ ଭିତରେ କମ୍ବଳରେ ଗୁଡ଼ାଯାଇ ଏହି ଟଙ୍କା ଲୁଚାଯାଇଥିଲା। ଗୋଟିଏ ବାକ୍ସ ଉପରେ 'ରାମ ରାଜ୍ୟ କୋଷ' ବୋଲି ମଧ୍ୟ ଲେଖାଯାଇଥିଲା। ଅଭିଯୁକ୍ତ ଅବିନାଶଙ୍କ ସୂଚନା ଆଧାରରେ ପ୍ରାୟ ୮୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି।

ମନ୍ଦିରର ଦାନ ବାକ୍ସ ଗଣତି ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସବିଆଇ) ର କିଛି କର୍ମଚାରୀ ନିୟୋଜିତ ଥିଲେ। ମନ୍ଦିର ଟ୍ରଷ୍ଟର ପୂର୍ବତନ ମହାସଚିବ ଚମ୍ପତ ରାୟଙ୍କ ଗାଡ଼ି ଚାଳକ ଟିନ୍ନୁ ଯାଦବଙ୍କ ଘରୁ ମଧ୍ୟ ନଗଦ ଟଙ୍କା ଉଦ୍ଧାର ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟଙ୍କା ଗଣତି ଗୃହର ଗୋଟିଏ ଚାବି ଟିନ୍ନୁ ଯାଦବଙ୍କ ପାଖରେ ଏବଂ ଅନ୍ୟ ଚାବିଟି ବ୍ୟାଙ୍କ କର୍ମଚାରୀଙ୍କ ପାଖରେ ରହୁଥିଲା। ବ୍ୟାଙ୍କ କର୍ମଚାରୀ ଓ ଗାଡ଼ି ଚାଳକ ପରସ୍ପର ମଧ୍ୟରେ ବୁଝାମଣା କରି ପ୍ରତିଦିନ ମୋଟା ଅଙ୍କର ଟଙ୍କା ଗାଏବ କରୁଥିଲେ। କୁମ୍ଭମେଳା ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ର ସୁଯୋଗ ନେଇ ଏହି ବଡ଼ ଧରଣର ଚୋରି କରାଯାଇଥିଲା।

ଅଭିଯୁକ୍ତ ଅବିନାଶ ଶୁକ୍ଲା ପୁଲିସ ଜେରା ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେ କୋଟି କୋଟି ଟଙ୍କା ଚୋରି କରିଥିବା ସ୍ୱୀକାର କରିବା ସହ ଚୋରିର ସମ୍ପୂର୍ଣ୍ଣ ତରିକା ବିଷୟରେ ପୁଲିସକୁ ଜଣାଇଛି। ଅବିନାଶର ବୟାନ ଅନୁଯାୟୀ, ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକର ଅବସ୍ଥିତି ବିଷୟରେ ସମସ୍ତ ଅଭିଯୁକ୍ତଙ୍କୁ ବେଶ୍ ଭଲଭାବେ ଜଣାଥିଲା। ସେମାନେ କ୍ୟାମେରା ନଜରରୁ ବଞ୍ଚିବା ପାଇଁ ଏକ ଦଳଗତ ଯୋଜନା କରିଥିଲେ, ଯେଉଁଥିରେ ଜଣେ ଟଙ୍କା ଚୋରି କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ଚାରିପଟୁ ଘୋଡ଼ାଇ ରଖୁଥିଲେ। ଏହି ଚୋରି ଟଙ୍କାକୁ ପ୍ରଥମେ ମନ୍ଦିରର ବାଥ୍‌ରୁମ୍ (ଶୌଚାଳୟ) ଭିତରେ ଲୁଚାଇ ରଖାଯାଉଥିଲା ଏବଂ ପରେ ସୁଯୋଗ ଦେଖି ସେଠାରୁ ବାହାରକୁ ଚାଲାଣ କରାଯାଉଥିଲା। ଟ୍ରଷ୍ଟର ବଡ଼ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାରୁ କେହି ସେମାନଙ୍କୁ ସନ୍ଦେହ କରୁନଥିଲେ।

### ପିଲାଙ୍କୁ ମିଳିବ...

ନୂଆ ବହି ଯୋଗାଇ ଦିଆଯିବ। ନୂଆ ବହି ଆସିବା ପର୍ଯ୍ୟନ୍ତ ଏସ୍‌ସିଇଆରଟି ପକ୍ଷରୁ ଓସେପା ଜରିଆରେ ଜାରି କରାଯାଇଥିବା ସଂଶୋଧିତ ତଥ୍ୟକୁ ନେଇ ପାଠପଢ଼ା ହେବ। ସଂଶୋଧିତ ପୁସ୍ତକର ସଫ୍ଟ କପିକୁ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ସମ୍ପୂର୍ଣ୍ଣ ତ୍ରୁଟି ସଂଶୋଧନ ପରେ ସମସ୍ତଙ୍କ ଅବଗତି ପାଇଁ ବହି ଉପଲବ୍ଧ ହେବ। ମାତ୍ର କେବେ ସୁଦ୍ଧା ପିଲାଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ସଚିବ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ଖୁବଶୀଘ୍ର ପିଲାଙ୍କୁ ବହି ଯୋଗାଇ ଦିଆଯିବ ବୋଲି କହିଥିବାବେଳେ ସେହି ସମୟ କେବେ ଆସିବ ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତବର୍ଷ ଅଗଷ୍ଟ ମାସରୁ ନୂତନ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶତପ୍ରତିଶତ ବହି ଯୋଗାଇ ପାରି ନାହାନ୍ତି। ଏପରିସ୍ଥଳେ ଚଳିତବର୍ଷ ପିଲାମାନଙ୍କୁ କିପରି ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଯେତିକି କୁହାଯାଉଛି...

ସହ ସେସବୁର ସଂଶୋଧିତ ତାଲିକା ଜାରି କରାଯାଇଛି। ଏହାସତ୍ତ୍ୱେ ସଚିବ କାହିଁକି ଭୁଲ୍ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସାମ୍ବାଦିକ ସମ୍ମିଳନୀ ଡାକି ପୁସ୍ତକକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପରିବର୍ତ୍ତେ ବିଭାଗୀୟ ସଚିବ ଘଟଣାକୁ ବେଶୀ ଗୋଳମାଳିଆ କରିଛନ୍ତି। ଯଦି ସମସ୍ତ ପିଲାଙ୍କୁ ନୂତନ ସଂଶୋଧିତ ପୁସ୍ତକ ଦିଆଯିବ, ତାହାଲେ କେବେ ସୁଦ୍ଧା ମିଳିବ? କିପରି ଭାବେ ସ୍ୱଳ୍ପ ସମୟରେ ପ୍ରାୟ ୩କୋଟି ବହି ଛପା ହେବ? ମନ୍ତ୍ରୀ ଓ ସଚିବଙ୍କ ସମେତ ଗଣଶିକ୍ଷା ବିଭାଗର ଅଧିକାରୀମାନେ ବହି ପ୍ରସଙ୍ଗରୁ ମୁକୁଳିବା ପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ ହେଁ ବିବାଦ ତାଙ୍କ ପଛରେ ଛାଇ ଭଳି ଲାଗି ରହିଥିବା ଚର୍ଚ୍ଚା ଜୋର ଧରିଛି।

### ବିଜୟ ସରକାର...

ଏକାଠି ହୋଇ ସରକାର ବିରୋଧରେ ଭୋଟ୍ ଦେଇ ଏହାର ପତନ କରାଇଥାଆନ୍ତେ। ତେବେ ଗୋଇନ୍ଦା ବିଭାଗ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଟିଭିକେ ବିଧାୟକ ଏନ୍. ଏଲାଇୟାରାଜା ଚେନ୍ନାଇ ପୋଲିସ ନିକଟରେ ଅଭିଯୋଗ କରିବା ପରେ ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ସେ କହିଛନ୍ତି ।।ଯେ ଏକ କନସଲଟାନ୍ସି ସଂସ୍ଥାର ଜଣେ କର୍ମଚାରୀ ବିଧାନସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ତାଙ୍କୁ ୩୫ କୋଟି ଟଙ୍କାର ପ୍ରଲୋଭନ ଦେଇଥିଲେ ଏବଂ ପରେ ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ। ଏହି ମାମଲାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି, ଯାହାଙ୍କର ସମ୍ପୃକ୍ତି ବିରୋଧୀ 'ଡିଏମକେ' ବିଧାୟକ ସେନ୍ଥିଲ ବାଲାଜୀଙ୍କ ସହ ଥିବା କୁହାଯାଉଛି।

ଏହି ଘଟଣାକୁ ନେଇ ଟିଭିକେର ଜଣେ ମନ୍ତ୍ରୀ ଡିଏମକେ ଏବଂ ଏଆଇଏଡିଏମକେ ଉପରେ କଡ଼ା ପ୍ରହାର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏମକେ ଷ୍ଟାଲିନ ଏବଂ ଉଦୟନିଧିଙ୍କ ନିର୍ଦ୍ଦେଶରେ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ଟିଭିକେ ବିଧାୟକମାନଙ୍କୁ ୧୦ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଯାଚି ଦଳ ବଦଳାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଡିଏମକେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ଦଳର ମୁଖପାତ୍ର କହିଛନ୍ତି ଯେ, ସରକାରୀ ଦଳ କେବଳ ମିଛ କାହାଣୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ଏବଂ ଯଦି ସରକାରଙ୍କ ପାଖରେ ପ୍ରକୃତ ପ୍ରମାଣ ଅଛି, ତେବେ ସେମାନେ ସେନ୍ଥିଲ ବାଲାଜୀଙ୍କୁ ଗିରଫ କରି ଦେଖାନ୍ତୁ।

### ଅକ୍ଟୋବରରେ ଶିମିଳିପାଳକୁ...

ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଇଛି। କ୍ଷେତ୍ରୀୟ ଅଧିକାରୀଙ୍କ ସହ ମଧ୍ୟ ଏନେଇ ବାରମ୍ବାର ଆଲୋଚନା ଚାଲିଛି। ପର୍ଯ୍ୟାୟକ୍ରମେ ମହାବଳ ଆସିବା ପରେ ଏନ୍‌କ୍ଲୋଜରରେ ୩ ମାସ ରଖାଯାଇ ଗତିବିଧି ଉପରେ ନଜର ରଖାଯିବ। ଶିମିଳିପାଳ ଅଭୟାରଣ୍ୟରେ ଖାପଖୁଆଇବା ପରେ ଯାଇ ବାହାରକୁ ଛଡ଼ାଯିବ। କେବଳ ଶିମିଳିପାଳ ନୁହେଁ, ଡେବ୍ରିଗଡ଼ ଅଭୟାରଣ୍ୟକୁ ମଧ୍ୟ ମହାବଳ ସ୍ଥାନାନ୍ତର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ବର୍ଷା ସରିବା ପରେ ପ୍ରକ୍ରିୟା ଆଗେଇବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

---

**ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଲୋକାର୍ପିତ**

# ଆତ୍ମଜୀବନୀରୁ ଜଣେ ବି ଯୁବକ ପ୍ରେରଣା ପାଇଲେ ରଚନା ସାର୍ଥକ ହେବ: ନିରଞ୍ଜନ




ଭୁବନେଶ୍ୱର,୧।୭(ସମିସ): ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ' ବୁଧବାର ସନ୍ଧ୍ୟାରେ ୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଏହି ପୁସ୍ତକଟି ଲୋକଲୋଚନକୁ ଆସିବା ପରେ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅନେକ ପୁରୁଣା କଥା ମଧ୍ୟ ସାମନାକୁ ଆସିଛି। ଜଣେ ଶିଳ୍ପପତି ତଥା ରାଜନେତା ଭାବରେ ପରିଚିତ ନିରଞ୍ଜନଙ୍କ ଏହି ଆତ୍ମଜୀବନୀରେ ବିଗତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଅନେକ କାହାଣୀ ଉଲ୍ଲେଖ ରହିଛି ।

ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଦୃଷ୍ଟିଶକ୍ତି ନ ଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଓ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ମହାପାତ୍ର ପୁସ୍ତକର ଏକ ମାର୍ମିକ ଆଲୋଚନା କରିଥିଲେ।

ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ। ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ ବୋଲି ସଭାରେ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଓଡିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢି ସାକାର କରିବେ ବୋଲି ତାଙ୍କର ଭରସା ରହିଛି। ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି। ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍ମୋଚିତ କରିଛି। ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ କହିଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା +୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଆଡମିଟ୍ କାର୍ଡ

ଭୁବନେଶ୍ୱର, ୧।୭(ସମିସ): ଆସନ୍ତା ୩ ଓ ୪ ତାରିଖରେ ହେବାକୁ ଥିବା ଯୁକ୍ତ ୨ ଇନଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ସେହିପରି ଇନଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ସିଏନ୍‌ଆର୍ ମଧ୍ୟ ସାମସ୍ ଇ-ସ୍ପେସ୍‌ରେ ଉପଲବ୍ଧ ହୋଇଛି। ଇ-ସ୍ପେସ୍‌ରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ଯାଞ୍ଚ ଓ ସ୍ୱାକ୍ଷର ପରେ ପରୀକ୍ଷାର୍ଥୀଙ୍କୁ ବଣ୍ଟନ କରିବାକୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେଉଛି। ଯେଉଁ ଛାତ୍ରଛାତ୍ରୀମାନେ ସମସ୍ତ ପରୀକ୍ଷାରେ ପାସ୍ କରିଥିବେ, ସେମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଅନୁମତି ମିଳିବ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇ ଅତି କମ୍‌ରେ ୨୧୦ ମାର୍କ ରଖିଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

## ଦାନବାକ୍ସ, ୭୭ ଲକ୍ଷ ଟଙ୍କା, ସୁନା, ରୁପା, ଡଲାର ଜବତ




ଅଯୋଧ୍ୟା, ୧।୭: ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଅଯୋଧ୍ୟା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମନ୍ଦିର ଦାନ ବାକ୍ସ ସମେତ ଟଙ୍କା ଓ ସୁନା ଜବତ କରିଛି। ପୁଲିସ ପକ୍ଷରୁ ଆଜି ଏଡି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଗିରଫ ହୋଇଥିବା ୮ ଅଭିଯୁକ୍ତଙ୍କ ଘରେ ଚଢ଼ଉ ବେଳେ ରାମ ମନ୍ଦିର ଦାନବାକ୍ସ, ନଗଦ ୭୭ ଲକ୍ଷ ଟଙ୍କା, ୧୧ ଗ୍ରାମ ସୁନା, ୩୭୫ ଗ୍ରାମ ରୁପା ଏବଂ ୧୧୨୧ ଡଲାର ଜବତ କରାଯାଇଛି। ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିନାଶ ଘରୁ ୨୦.୩୯ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ କାରୁନେଶ ଘରୁ ୧୮ ଲକ୍ଷ, ଅନୁକଳ୍ପ ଘରୁ ୧୭ ଲକ୍ଷ, ଲବକୁଶ ଘରୁ ୧୪.୨୫ ଲକ୍ଷ, ରମାଶଙ୍କର ଠାରୁ ୭.୩ ଲକ୍ଷ ଏବଂ ଯାଦବ ଠାରୁ ଏକ ଲକ୍ଷ ଟଙ୍କା ନଗତ ଜବତ କରାଯାଇଛି। ଏହାଛଡ଼ା ଅଭିନାଶ ଶୁକ୍ଲାର ଯୋଗା କେନ୍ଦ୍ରରୁ ଏକ ମନ୍ଦିରର ଏକ ଦାନ ବାକ୍ସ ଜବତ କରାଯାଇଛି। ଏଥିରେ ରାମରାଜ୍ୟ କୋଷ ଲେବଲ ଲାଗିବା ସହିତ ପେଟିଏମ୍‌ର କ୍ୟୁଆର୍ କୋଡ୍ ରହିଛି। ଏହାପୂର୍ବରୁ ଅଭିନାଶ ଘରୁ ୮୯ ଲକ୍ଷ ଟଙ୍କା ଜବତ ହୋଇଥିଲା।

**ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବେଳେ ୨.୪୧ କୋଟି ଖର୍ଚ୍ଚ**

# ସ୍ୱତନ୍ତ୍ର ଅଡିଟ୍ ଦାବି କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୧।୭(ସମିସ): ଗତ ୨୬ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ସରକାର କରିଥିବା ୨,୪୧,୧୩,୯୫୦ ଟଙ୍କା ବ୍ୟୟର ସ୍ୱତନ୍ତ୍ର ବା ସ୍ପେଶାଲ ଅଡିଟ୍ ଓ କମ୍ପ୍ଲାଏନ୍ସ ଅଡିଟ୍ କରିବାକୁ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଏହି ପ୍ରସଙ୍ଗରେ ସଂଗଠନ ପକ୍ଷରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ନିକଟରେ ଏକ ବିସ୍ତୃତ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଦାଖଲ କରାଯାଇଛି। ଏହି ଦାବିପତ୍ର ସମ୍ପୂର୍ଣ୍ଣ ଭାବରେ ସୂଚନା ଅଧିକାର ଆଇନ ଅନୁଯାୟୀ ଜଳ ସମ୍ପଦ ବିଭାଗରୁ ପ୍ରାପ୍ତ ସରକାରୀ ଦସ୍ତାବିଜ ଉପରେ ଆଧାରିତ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଆରଟିଆଇ ଦସ୍ତାବିଜ ଅନୁସାରେ ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ମୋଟ ୨,୪୧,୧୩,୯୫୦ ଟଙ୍କା ମଞ୍ଜୁର କରିଥିଲେ। ସେଥିରୁ ୧,୪୫,୫୫,୪୮୦ ଉପର ମହାନଦୀ ଅଞ୍ଚଳ ଗସ୍ତ ପାଇଁ ଏବଂ ୯୫,୫୮,୪୭୦ ତଳ ମହାନଦୀ ଅଞ୍ଚଳ ଗସ୍ତ ପାଇଁ ବ୍ୟୟ କରାଯାଇଥିବା ଉଲ୍ଲେଖ ରହିଛି। ଆରଟିଆଇ ମାଧ୍ୟମରେ ଉପର ମହାନଦୀ ଗସ୍ତର ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ମିଳିଥିବା ବେଳେ, ସେଥିରେ ଏମ.ଏମ. ଇଭେଣ୍ଟ ମ୍ୟାନେଜମେଣ୍ଟକୁ ପ୍ରାୟ ୮୪.୧୧ ଲକ୍ଷ, ମେ ଫେୟାର ହୋଟେଲ୍ସ ଆଣ୍ଡ ରିସର୍ଟସ୍‌କୁ ୫୩.୯୫ ଲକ୍ଷ ସମେତ ଅନ୍ୟାନ୍ୟ ବ୍ୟୟର ବିବରଣୀ ରହିଛି। କିନ୍ତୁ ତଳ ମହାନଦୀ ଅଞ୍ଚଳ ପାଇଁ ଦର୍ଶାଯାଇଥିବା ୯୫.୫୮ ଲକ୍ଷ ବ୍ୟୟର ସବିଶେଷ ହିସାବ ଆରଟିଆଇରେ ପ୍ରଦାନ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସିଏଜିଙ୍କୁ ଅନୁରୋଧ କରିଛି ଯେ ସମଗ୍ର ବ୍ୟୟ ସାଧାରଣ ଆର୍ଥିକ ନିୟମ, ଓଡ଼ିଶା ଆର୍ଥିକ ନିୟମ ଏବଂ ପ୍ରଚଳିତ କ୍ରୟ ପ୍ରକ୍ରିୟା ଅନୁଯାୟୀ ହୋଇଛି କି ନାହିଁ, ସରକାରୀ ଅର୍ଥ ବ୍ୟବହାରରେ ସଞ୍ଚୟ, ସ୍ୱଚ୍ଛତା ଓ ଆର୍ଥିକ ଶୃଙ୍ଖଳାର ନୀତି ପାଳନ କରାଯାଇଛି କି ନାହିଁ, ବେସରକାରୀ ସଂସ୍ଥାମାନଙ୍କୁ ନିୟୋଜନରେ ନିୟମାନୁସାରେ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ସେ ସମ୍ବନ୍ଧରେ ଯାଞ୍ଚ କରାଯାଉ ଏବଂ ତଳ ମହାନଦୀ ଗସ୍ତର ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଉ। ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଏହି ଦାବିପତ୍ର କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଅଭିଯୋଗ ନୁହେଁ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଅର୍ଥର ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଉପଯୋଗକୁ ସୁନିଶ୍ଚିତ କରିବା। ସେ କହିଛନ୍ତି ଯେ ମହାନଦୀ ବିବାଦ କୋଟି କୋଟି ଲୋକଙ୍କ ଜଳ ନିରାପତ୍ତା, କୃଷି, ଜୀବିକା ଓ ପରିବେଶ ସହ ଜଡ଼ିତ ଥିବାରୁ ଏହି ସମ୍ବନ୍ଧୀୟ ପ୍ରତ୍ୟେକ ସରକାରୀ ବ୍ୟୟ ସମ୍ବିଧାନିକ ଅଡିଟ୍ ବ୍ୟବସ୍ଥାର ନିରୀକ୍ଷଣ ଅଧୀନକୁ ଆସିବା ଉଚିତ। ଏହି ଦାବିପତ୍ରର ନକଲ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ୍-୧), ଓଡ଼ିଶା, ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦ ବିଭାଗର ପ୍ରଧାନ ସଚିବ, ଇଞ୍ଜିନିୟର-ଇନ୍-ଚିଫ୍, ଆକାଉଣ୍ଟାଣ୍ଟ ଜେନେରାଲ ଓ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

# ବହୁ ପ୍ରତୀକ୍ଷିତ ସାନ୍ତାଳୀ ୱେବ୍‌ସାଇଟ୍ 'ସାନ୍ତାଲ୍ ଭଏସେସ୍'ର ଶୁଭାରମ୍ଭ

ବାରିପଦା,୧।୭(ସମିସ): ବହୁ ପ୍ରତୀକ୍ଷିତ ସାନ୍ତାଳୀ ଡିଜିଟାଲ ପୋର୍ଟାଲ "ସାନ୍ତାଲ୍ ଭଏସେସ୍' ହୁଲ୍ ଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ସାନ୍ତାଳୀ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ଡିଜିଟାଲ ସଂରକ୍ଷଣ ଏବଂ ବିଶ୍ୱସ୍ତରରେ ପ୍ରଚାରପ୍ରସାର ଦିଗରେ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ, ନେପାଳ ଓ ବାଂଲାଦେଶର ବିଭିନ୍ନ ସମ୍ପାଦକ, ଅବଦାନକାରୀ ଏବଂ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀମାନେ ଯୋଗଦେଇଥିଲେ। ଏହି ତିନୋଟି ଦେଶର ସାନ୍ତାଳୀ ସମ୍ପ୍ରଦାୟର ସମ୍ମିଳିତ ପ୍ରୟାସରେ ଏହି ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି।

"ସାନ୍ତାଲ୍ ଭଏସେସ୍' ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପରିଚାଳିତ ଏକ ୱେବ୍‌ସାଇଟ୍, ଯାହାର ମୁଖ୍ୟ ଉଦ୍ଦେଶ୍ୟ ସାନ୍ତାଳୀ ଭାଷା, ସଂସ୍କୃତି, ଇତିହାସ, ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ସମକାଳୀନ ଘଟଣାବଳୀ ସମ୍ବନ୍ଧୀୟ ପ୍ରାମାଣିକ ତଥ୍ୟକୁ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ ପହଞ୍ଚାଇବା। ଏହି ଅବସରରେ ସାନ୍ତାଳୀ ଭାଷାର ଡିଜିଟାଲ କର୍ମୀ ରାମଜିତ ଟୁଡୁ କହିଥିଲେ ଯେ, ସମ୍ପ୍ରତି ଡିଜିଟାଲ ଯୁଗରେ ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଣ୍ଟରନେଟ୍‌ରେ ଅନୁପସ୍ଥିତ ଥିବାରୁ, ସେହି ଅଭାବକୁ ପୂରଣ କରିବା ଏହି




ପୋର୍ଟାଲର ମୂଳ ଲକ୍ଷ୍ୟ। ସାନ୍ତାଳ ସମାଜ ସମ୍ବନ୍ଧୀୟ ବହୁ ମୂଲ୍ୟବାନ ତଥ୍ୟ ଏପର୍ଯ୍ୟନ୍ତ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ନାହିଁ। ଏହି ତଥ୍ୟଗୁଡ଼ିକୁ ସଂଗ୍ରହ, ସଂରକ୍ଷଣ ଓ ବିଶ୍ୱସମ୍ମୁଖରେ ଉପସ୍ଥାପନ କରିବା ସାନ୍ତାଲ୍ ଭଏସେସ୍‌ର ପ୍ରମୁଖ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ପୋର୍ଟାଲର ପରାମର୍ଶଦାତା ମଣ୍ଡଳୀରେ ଭାରତର ଆର୍. ଅଶ୍ୱିନୀ ବନ ମୁର୍ମୁ, ରାମଜିତ ଟୁଡୁ ଓ ଫାଗୁ ବାସ୍କେ ଥିବାବେଳେ, ବାଂଲାଦେଶରୁ ମାନିକ ସୋରେନ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହାସହ ନେପାଳର ଶିବୁ ମୁର୍ମୁ ଏବଂ ବାଂଲାଦେଶର ଆଲ୍‌ବର୍ଟସ ଟୁଡୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆଞ୍ଚଳିକ ସମନ୍ୱୟ ଓ ବିଷୟବସ୍ତୁ ବିକାଶରେ ସହଯୋଗ କରିବେ। ୱେବ୍‌ସାଇଟ୍‌ର ମୁଖ୍ୟ ସମ୍ପାଦକ କାରିଆ ବାସ୍କେ ଥିବାବେଳେ, ବୋଦି ବାସ୍କି, ପ୍ରଶାନ୍ତ ହେମ୍ବ୍ରମ, ସୁଭାଷ କିସ୍କୁ, ବିଜେନ୍ଦ୍ର ହାଁସଦା ଏବଂ ଶେଖର ମୁର୍ମୁ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରୁ ସହଯୋଗୀ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ "ସାନ୍ତାଲ୍ ଭଏସେସ୍' ସାନ୍ତାଳ ସମାଜର ଇତିହାସ, ଐତିହ୍ୟ, ସଫଳତା ଓ ସମକାଳୀନ ଘଟଣାବଳୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସର୍ବାଧିକ ବିଶ୍ୱସନୀୟ ଇଂରାଜୀ ଡିଜିଟାଲ ପୋର୍ଟାଲ ହେବାର ଲକ୍ଷ୍ୟ ରଖିଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।


**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଆଶା ପୂରଣ ହେବ। କଳାକାରଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜି ଆସିଥିଲେ: ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ

କାଳିନ୍ଦୀ ଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏବଂ ନାଟ୍ୟକାର ଥିଲେ। ସେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ଅନ୍ୟତମ ପ୍ରବର୍ତ୍ତକ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରିଥିଲେ। ଏହି ସମୟର କବିତାଗୁଡ଼ିକରେ ରୋମାଣ୍ଟିକ୍ ଭାବଧାରା ଏବଂ ପ୍ରକୃତି ପ୍ରୀତି ଦେଖିବାକୁ ମିଳୁଥିଲା। କାଳିନ୍ଦୀ ଚରଣଙ୍କର କାଳଜୟୀ ସୃଷ୍ଟି ହେଉଛି 'ମାଟିର ମଣିଷ'। ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପରେ 'ମାଟିର ମଣିଷ' ଦ୍ୱିତୀୟ ଶ୍ରେଷ୍ଠ ଉପନ୍ୟାସର ମାନ୍ୟତା ପାଇଛି। ଏହା ଓଡ଼ିଶାର ଗ୍ରାମୀଣ ସମାଜ, ପାରିବାରିକ ସଂହତି ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା। ଏହା ଉପରେ ପରବର୍ତ୍ତୀ ସମୟରେ ଏକ ସଫଳ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ନିର୍ମିତ ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା 'ଲୁହାର ମଣିଷ', 'ଆଜିର ମଣିଷ' ଏବଂ 'ମୁକ୍ତାଗଡ଼ର କ୍ଷୁଧା'। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ 'ନନସେନ୍ସ କ୍ଲବ୍' ଗଠନ କରିଥିଲେ। ଏହି ସମୟରେ 'ସବୁଜ ଗୋଷ୍ଠୀ'ର ମୁଖପତ୍ର 'ଯୁଗବୀଣା'ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ପାଇଁ ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।



## ମହିଳା ନୁହେଁ; ପୁରୁଷ ଢାଙ୍କନ୍ତି ମୁହଁ

ଏମିତି ଅନେକ ପରମ୍ପରା ରହିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏଭଳି ଏକ ଅନନ୍ୟ ଏବଂ ରହସ୍ୟମୟ ସଂସ୍କୃତି ହେଉଛି ସାହାରା ମରୁଭୂମିରେ ବାସ କରୁଥିବା 'ତୁଆରେଗ' ଜନଜାତିର। ଏହି ଜନଜାତିରେ ମହିଳାମାନଙ୍କ ବଦଳରେ ପୁରୁଷମାନେ ମୁହଁ ଘୋଡ଼ାଇ ରଖନ୍ତି ଏବଂ ବିବାହ ପରେ ସ୍ୱାମୀ ଯାଇ ସ୍ତ୍ରୀର ଘରେ ରହିଥାଏ। ଏହି ଜନଜାତି ନିଜର ଅନନ୍ୟ ପରମ୍ପରା ଏବଂ ମାତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ପାଇଁ ସାରା ବିଶ୍ୱରେ ଜଣାଶୁଣା। ଭାରତ ଏବଂ ଅନ୍ୟ କେତେକ ଦେଶରେ ସାଧାରଣତଃ ମହିଳାମାନେ ଓଢ଼ଣାରେ ମୁହଁ ଢାଙ୍କିଥାନ୍ତି। ହେଲେ ତୁଆରେଗ ସମାଜରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳେ। ଏହି ସମାଜରେ ପୁରୁଷମାନେ ନିଜ ମୁହଁକୁ କପଡ଼ାରେ ଘୋଡ଼ାଇ ରଖିଥାଆନ୍ତି ଏବଂ ମହିଳାମାନେ ଖୋଲା ମୁହଁରେ ରୁହନ୍ତି। ଏଠାରେ ପୁରୁଷମାନେ ନିଜ ମୁହଁ ଏବଂ ମୁଣ୍ଡକୁ ଏକ ସ୍ୱତନ୍ତ୍ର ନୀଳ ରଙ୍ଗର କପଡ଼ାରେ ଘୋଡ଼ାଇ ରଖନ୍ତି, ଯାହାକୁ ସେମାନଙ୍କ ଭାଷାରେ 'ଟାଗେଲମଷ୍ଟ' କୁହାଯାଏ। ଏହି କପଡ଼ା କେବଳ ସେମାନଙ୍କର ସାଂସ୍କୃତିକ ପରିଚୟ ନୁହେଁ, ବରଂ ମରୁଭୂମିର ପ୍ରଖର ସୂର୍ଯ୍ୟକିରଣ, ଧୂଳି ଏବଂ ବାଲିରୁ ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଇଥାଏ। ଏଠାରେ ଯୁବକଙ୍କୁ ୨୫ ବର୍ଷ ବୟସ ହୋଇଯିବା ପରେ ହିଁ ମୁହଁ ଢାଙ୍କିବାକୁ ପଡ଼ିଥାଏ। ଏହାପରେ ହିଁ ସେମାନେ ଯେକୌଣସି ସର୍ବସାଧାରଣ ସ୍ଥାନରେ ନିଜ ମୁହଁ ଲୁଚାଇ ରଖିପାରନ୍ତି। ଏହି କାରଣ ଯୋଗୁଁ ସେମାନଙ୍କୁ ସାହାରାର ନୀଳ ପୁରୁଷ ବୋଲି କୁହାଯାଏ। କାରଣ ସମୟ ସହିତ ଏହି ପୋଷାକର ନୀଳ ରଙ୍ଗ ସେମାନଙ୍କ ମୁହଁରେ ଲାଗିଯାଏ। ଏହିପରି ଭାବେ ସେମାନଙ୍କ ପରିଚୟ ଆହୁରି ସ୍ୱତନ୍ତ୍ର ହୋଇଯାଏ। ଏହାବାଦ୍ ଏଠାରେ ପୁରୁଷ ବାହାଘର ପରେ ନିଜ ଘରେ ନୁହେଁ, ବରଂ ପତ୍ନୀଙ୍କ ଘରେ ରହନ୍ତି। ଏହି ସମାଜ ପୂରା ମାତୃକୈନ୍ଦ୍ରିକ ବ୍ୟବସ୍ଥା ଉପରେ ଆଧାରିତ। ପଶୁ ସମ୍ପଦ ଏବଂ ଘରୋଇ ଜିନିଷ ବି ମହିଳାଙ୍କ ପାଖରେ ରହେ। ଯଦି କୌଣସି କାରଣବଶତଃ ଛାଡ଼ପତ୍ର ହୋଇଯାଏ, ତେବେ ପୁରୁଷଙ୍କୁ ଘର ଛାଡ଼ି ଯିବାକୁ ପଡ଼ିଥାଏ। ହେଲେ ପିଲା ନିଜ ମା'ଙ୍କ ପାଖରେ ରହନ୍ତି। ଏହି ସମାଜରେ ନିଜ ଇଚ୍ଛାରେ ବିବାହ କରିବାର ଅଧିକାର ମହିଳାଙ୍କର ଅଛି ଏବଂ ଦରକାର ପଡ଼ିଲେ ଛାଡ଼ପତ୍ର ନେଇପାରିବେ। ଏଠାରେ ମହିଳାମାନେ କେବଳ ପରିବାର ସମ୍ଭାଳି ନ ଥାନ୍ତି, ସାମାଜିକ ଏବଂ ଆର୍ଥିକ କାମରେ ବି ବେଶ୍ ସକ୍ରିୟ ରୁହନ୍ତି। ମହିଳାମାନେ ପାରମ୍ପରିକ ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ ଖୋଲି ସାମିଲ ହୁଅନ୍ତି। ଏହି ଜନଜାତି ମୁଖ୍ୟତଃ ମାଲି, ନାଇଜର, ଆଲଜେରିଆ, ଲିବିଆ ଏବଂ ବୁର୍କିନାଫାସୋ ଭଳି ଦେଶର ମରୁଭୂମି ଅଞ୍ଚଳରେ ବାସ କରନ୍ତି। ଆଜିର ସମୟରେ ଶିକ୍ଷା ଏବଂ ସହରୀ ଜୀବନର ପ୍ରଭାବ ଯୋଗୁଁ କିଛି ଯୁବକ ଏହି ପରମ୍ପରାଠାରୁ ଦୂରେଇ ଯାଉଛନ୍ତି, କିନ୍ତୁ ଗାଁଗୁଡ଼ିକରେ ଏହି ସଂସ୍କୃତି ଆଜି ବି ସେମିତି ରହିଛି।

## ଅଗଷ୍ଟ ୧୫ରେ ମହାଲଢ଼େଇ
## 'ଆୱାରାପନ୍ ୨' ବନାମ 'ବଟୱାରା ୧୯୪୭'

ବକ୍ସ ଅଫିସ୍‌ରେ ଫିଲ୍ମଗୁଡ଼ିକ ମଧ୍ୟରେ ଟକ୍କର ହେବା ଏକ ସାଧାରଣ କଥା ହୋଇଗଲାଣି। ଏବେ ଏକାସାଙ୍ଗେ ତିନି ଚାରୋଟି ଫିଲ୍ମ ରିଲିଜ୍ ହେଉଛି। ଅନେକ ସମୟରେ ଏଥିପାଇଁ ପ୍ରଯୋଜକମାନଙ୍କୁ ବଡ଼ ଧରଣର କ୍ଷତି ସହିବାକୁ ପଡୁଥିବା ବେଳେ କେତେକ ସମୟରେ ଲାଭ ମଧ୍ୟ ହୋଇଥାଏ। ଏଭଳି ପରିସ୍ଥିତିରେ, ସ୍ୱାଧୀନତା ଦିବସ ଅବସରରେ ବକ୍ସ ଅଫିସ୍‌ରେ ଏକ ବଡ଼ ଧମାକା ହେବାକୁ ଯାଉଛି, ଯେଉଁଥିରେ ଦୁଇଟି ବଡ଼ ଫିଲ୍ମ ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିବ। ଏଥିରେ ସନ୍ନି ଦେଓଲ ଏବଂ ଇମ୍ରାନ୍ ହାସମୀଙ୍କ ମଧ୍ୟରେ ଏକ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଇମ୍ରାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ୍ ୨' ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମଟି ୨୦୦୭ରେ ରିଲିଜ୍ ହୋଇଥିବା 'ଆୱାରାପନ୍' ଫିଲ୍ମର ସିକ୍ୱେଲ୍। ନିକଟରେ ଏହାର ଦମ୍‌ଦାର୍ ଟିଜର୍ ରିଲିଜ୍ ହେବା ପରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ି ଯାଇଛି। ୧୪ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ନଜର ଆସିବେ। ଏହା ସହିତ ଜେନେଲିଆ ଦେଶମୁଖ ଏବଂ ଶବାନା ଆଜମୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଅପରପକ୍ଷରେ 'ଗଦର ୨', 'ବର୍ଡର ୨' ଏବଂ 'ଜାଟ୍' ପରେ ଏବେ ସନ୍ନି 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ୧୩ ଅଗଷ୍ଟ, ୨୦୨୬ରେ ଏହା ସିନେମାହଲ୍‌ରେ ରିଲିଜ୍ ହେବ। ଆସନ୍ତା ୧୫ ଅଗଷ୍ଟ ସପ୍ତାହନ୍ତରେ 'ବଟୱାରା ୧୯୪୭' ଏବଂ 'ଆୱାରାପନ୍ ୨' ବକ୍ସ ଅଫିସ୍‌ରେ ସାମ୍ନାସାମ୍ନି ହେବେ। ଇମ୍ରାନ୍‌ଙ୍କ ଫିଲ୍ମ ପାଇଁ ଏକ ପ୍ଲସ୍ ପଏଣ୍ଟ ହେଲା, ଏହାର ମୂଳ ଫିଲ୍ମ ବେଶ୍ ଲୋକପ୍ରିୟ ଥିଲା। ସବୁଠୁ ବଡ଼ କଥା ହେଉଛି ଏହା ଏକ ମ୍ୟୁଜିକାଲ୍ ରୋମାଣ୍ଟିକ ଡ୍ରାମା ଫିଲ୍ମ। ଏଭଳି ଫିଲ୍ମକୁ ସାଧାରଣତଃ ଦର୍ଶକେ ଅଧିକ ପସନ୍ଦ କରନ୍ତି। 'ଆୱାରାପନ୍ ୨'କୁ ନେଇ ଅନୁମାନ କରାଯାଉଛି ଯେ ଏହା 'ସୈୟାରା'ର (୨୨ କୋଟି ପ୍ରଥମ ଦିନର ଆୟ) ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇପାରେ। ଅନ୍ୟପଟେ, ସନ୍ନିଙ୍କ ଫିଲ୍ମ 'ବଟୱାରା ୧୯୪୭' ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଫିଲ୍ମରେ ଦେଶ ବିଭାଜନ ସମୟର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ ଲଗାତାର ସନ୍ନିଙ୍କର ଫିଲ୍ମଗୁଡ଼ିକ ହିଟ୍ ହୋଇଥିବାରୁ ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିବ ବୋଲି ଆଶା କରାଯାଉଛି। ତେବେ ଇମ୍ରାନ୍ କି ସନ୍ନି କିଏ ଦର୍ଶକଙ୍କ ହୃଦୟ ଜିଣି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।





## ପ୍ରଥମ ମହିଳା ବାଉନ୍ସର



ବାଉନ୍ସର କହିଲେ, ଲମ୍ବା, ଚଉଡ଼ା ଏବଂ କଳାପୋଷାକ ପିନ୍ଧା ପୁରୁଷଙ୍କ ଦୃଶ୍ୟ ସାମ୍ନାକୁ ଆସିଥାଏ। ଯେଉଁମାନେ ସିନେ ତାରକା, ରାଜନେତା ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁରକ୍ଷାରେ ମୁତୟନ ହୋଇଥାନ୍ତି। ଏହାକୁ ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। ହେଲେ ଏବେ ଏ ଦିଗରେ ମହିଳାଙ୍କ ପ୍ରବେଶ ହୋଇଛି। ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ମେହେରୁନ୍ନିସା ଶୌକତ୍ ଅଲ୍ଲୀ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସମାଜର ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ମର୍ଦ୍ଦାନୀ ବାଉନ୍ସର ଭାବେ ସେ ଦୁଇଦଶନ୍ଧି ଧରି ପୁରୁଷ ପ୍ରାଧାନ୍ୟ ସମାଜରେ ସୁରକ୍ଷା କାର୍ଯ୍ୟ କରିଆସୁଛନ୍ତି।

ଉତ୍ତରପ୍ରଦେଶ ସହାରନପୁରର ଏକ ଛୋଟ ସହରରେ ମେହେରୁନ୍ନିସା ଜନ୍ମ ହୋଇଥିଲେ। ପିଲାବେଳୁ ପୁଲିସ ଏବଂ ସେନାରେ କାର୍ଯ୍ୟ କରିବା ପାଇଁ ତାଙ୍କର ଖୁବ୍ ଆଗ୍ରହ ଥିଲା। ହେଲେ ପରିବାର ବିରୋଧ ଯୋଗୁ ସେ ଏହା କରିପାରି ନଥିଲେ। ତାଙ୍କ ପରିବାରରେ ଝିଅ ବାହାରକୁ ଯିବା, ପାଠପଢ଼ିବାକୁ ଅପରାଧ ମନାଯାଏ। ଏହା ସତ୍ତ୍ୱେ ସେ ଘରେ ଲୁଚିଛପି, ପାଠପଢ଼ିଲେ। ଏହା ତାଙ୍କ ପିତା ଜାଣିବା ପରେ ବହି ଜାଳି ଦେଇଥିଲେ। ଫଳରେ ସେ ଭାଙ୍ଗି ପଡ଼ିଥିଲେ। ପରେ ମାଆଙ୍କ ସମର୍ଥନ କ୍ରମେ ମେହରୁନ୍ନିସା ପାଠପଢ଼ା ଜାରି ରଖିଥିଲେ। ସେୟାର ମାର୍କେଟରେ କ୍ଷତି ହେବା ପରେ ତାଙ୍କ ପିତାଙ୍କର ହୃଦ୍‌ଘାତ ହୋଇଥିଲା। ପିତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲ୍ ଯିବାବେଳେ ସେଠାରେ ସେ ଛିଡ଼ା ହୋଇଥିବା ହଟାକଟା ବାଉନ୍ସରଙ୍କୁ ଦେଖିଥିଲେ। ଏହା ଦେଖି ମହିଳାମାନେ ମଧ୍ୟ ବାଉନ୍ସର ହୋଇପାରିବେ ବୋଲି ସେ ଅନୁଭବ କରିଥିଲେ। ଏହାପରେ ସେ ୨୦୦୩ ମସିହାରେ ସେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

ପାଞ୍ଚ ଫୁଟ୍ ପାଞ୍ଚ ଇଞ୍ଚ, ଉଚ୍ଚତା ଦେଖି ଲୋକେ ତାଙ୍କୁ ପ୍ରଥମେ ସିକ୍ୟୁରିଟି ଗାର୍ଡ ଭାବୁଥିଲେ। ଏଥିପାଇଁ ସେ କଠିନ ପରିଶ୍ରମ ଏବଂ ତାଲିମ୍ ନେଇ ନିଜକୁ ଦକ୍ଷ କରିଥିଲେ। ପରବର୍ତ୍ତୀ ସମୟରେ ବାଉନ୍ସର ଭାବେ ପରିଚିତ ହେଲେ। ପ୍ରିୟଙ୍କା ଚୋପ୍ରା, ସୋନୁ ନିଗମ୍, ଶାହରୁଖ ଏବଂ ସଲ୍‌ମାନ୍ ଖାନଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ବାଉନ୍ସର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ଅନ୍ୟ ମହିଳାଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଲୋକେ ତାଙ୍କୁ ଦେଖିଲେ ଆଗ୍ରହର ସହ ସେଲ୍‌ଫି ନେବା ପାଇଁ ଆଗେଇ ଆସନ୍ତି ବୋଲି ସେ କୁହନ୍ତି। ଦିଲ୍ଲୀରେ ସେ ନିଜର ଏକ ସୁରକ୍ଷା ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ରୋଜଗାରକ୍ଷମ କରିଛନ୍ତି। ସେହିପରି ସେ ଦିଲ୍ଲୀର ପ୍ରତିଷ୍ଠିତ ନାଇଟ୍ କ୍ଲବ୍, ପବ୍ ଆଦିରେ ଲୋକଙ୍କୁ ସୁରକ୍ଷା ଦେବାରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ: ତାୱା ସିଙ୍ଗଡ଼ା



**ଆବଶ୍ୟକ ସାମଗ୍ରୀ**

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଙ୍ଗ୍ ସୋଡ଼ା – ଏକ ଚାମଚ, ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଟି, ଗ୍ରୀନ୍‌ମଟର – ଏକ କପ୍, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର୍ – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଅଧା କପ୍ ଦହି, ଅଧା ଚାମଚ ଚିନି, ଲୁଣ, ବେକିଂସୋଡ଼ା, ମଇଦା ସହ ଅଳ୍ପ ପାଣି ଦେଇ ଅଟା ଭଳି ଚକଟି ଘୋଡ଼ାଇ ରଖନ୍ତୁ। ଏହାପରେ ଏକ ପାତ୍ରରେ ସିଝାଆଳୁ ଛଡ଼ାଇ ଚକଟନ୍ତୁ। ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ। ସେଥିରେ ଅଳ୍ପ ତେଲ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟାଅଦା, ଗ୍ରୀନ୍‌ମଟର ଦେଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ଆମଚୁର ପାଉଡର୍ ଦେଇ ଭାଜନ୍ତୁ। ପରେ ଏହାକୁ କାଢ଼ି ଚକଟି ରଖିଥିବା ଆଳୁରେ ପକାଇ ଗୋଳାନ୍ତୁ। ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ। ସେଥିରେ ଆଳୁ ଷ୍ଟଫିଂ ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ। କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାକୁ ସେକନ୍ତୁ। ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା'।

## ଡେଲିଭରି ପରେ ପିନ୍ଧନ୍ତୁ ଏପରି ପୋଷାକ



**ସାଧାରଣତଃ ମାଆ ହେବା ପରେ ଜୀବନଶୈଳୀରେ ନାନା ପରିବର୍ତ୍ତନ ହୋଇଥାଏ। ମହିଳାମାନେ ସୁନ୍ଦରଠୁ ଅଧିକ ସୁବିଧାଜନକ ଏବଂ ଆରାମଦାୟକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ନୂଆ କରି ମାଆ ହୋଇଥିଲେ କିପରି ପୋଷାକ ପିନ୍ଧିବେ ଜାଣି ରଖନ୍ତୁ।**

**କୋ–ଅର୍ଡ ସେଟ୍**

କୋ-ଅର୍ଡ ସେଟ୍‌କୁ ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥିବାବେଳେ, ଏଥିରୁ ଏକ କ୍ଲାସି ଲୁକ୍ ମିଳିଥାଏ। ଏହାକୁ ଉଭୟ ଘର ଏବଂ ବାହାର ପିନ୍ଧା କରିପାରିବେ।

**ମ୍ୟାକ୍ସି ଏବଂ ରାପ୍ ଡ୍ରେସ୍**

ସିମ୍ପଲ ଲୁକ୍ ଚାହୁଁଥିଲେ, ମ୍ୟାକ୍ସି ଏବଂ ରାପ୍ ଡ୍ରେସ ପିନ୍ଧିପାରିବେ। ଏହା ପୋଷ୍ଟ ପ୍ରେଗ୍‌ନେସି ମହିଳାଙ୍କୁ ଭଲ ମାନିଥାଏ। ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ପେଷ୍ଟାଲ୍ ରଙ୍ଗ ପୋଷାକରୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ନରମ ଫାବ୍ରିକ୍ ଚୟନ କରନ୍ତୁ**

ସର୍ବଦା ସାଧା, ସିଧା ଏବଂ ଆରାମଦାୟକ କପଡ଼ା ଚୟନ କରନ୍ତୁ। କଟନ ଲେଲିନ୍ ଏବଂ ଷ୍ଟ୍ରେଚ୍‌ବୁଲ୍ କପଡ଼ା ନୂଆ ମାଆଙ୍କ ପାଇଁ ଭଲ ହୋଇଥାଏ। ତେଣୁ ଚାହିଁଲେ ଫ୍ଲୋରାଲ କଟନ ଫ୍ରକ୍ ମଧ୍ୟ ପିନ୍ଧିପାରିବେ।

## ଆଖି ଅନୁଯାୟୀ କଜଳ ଲଗାନ୍ତୁ

କଜଳ ଆଖିକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଅଧିକାଂଶ ମହିଳା କଜଳ ଲଗାଇବାକୁ ପସନ୍ଦ କରନ୍ତି। ହେଲେ ଅନେକେ ମହିଳା କଜଳକୁ ମୋଟା, ପତଳା କିଭଳି ଲଗାଇବେ ତାକୁ ନେଇ ଦ୍ୱନ୍ଦରେ ଥାଆନ୍ତି। ତେବେ ଆଖି ଆକାର ଅନୁଯାୟୀ ଲଗାନ୍ତୁ କଜଳ।

**ଆଖି ଛୋଟ ଥିଲେ**

ଛୋଟ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଆଖିର ତଳ ପାଖରେ ମୋଟା ପରିବର୍ତ୍ତେ ପତଳା ଆକାରରେ କଳା ଲଗାନ୍ତୁ। ଛୋଟ ଆଖି ପାଇଁ ଏହା ଖୁବ୍ ଭଲ ହୋଇଥାଏ। ସେହିପରି ଆଖି କୋଣରେ ମଧ୍ୟ ପତଳା କଳା ଲଗାଇବା ଆବଶ୍ୟକ।

**ଆଖିର ଆକାର ବଡ଼ ଥିଲେ**

ସାଧାରଣତଃ ଆଖି ଆକାର ବଡ଼ ଥିଲେ, ଆଖିରେ ବୋଲ୍ଡ ଏବଂ ଗାଢ଼ରଙ୍ଗର କଳା ଲଗେଇ ଆଖିକୁ ସୁନ୍ଦର କରିପାରିବେ। କାରଣ ବଡ଼ ଆଖିରେ ପତଳା କଳା ଲଗାଇଲେ ଏହା ସେତେ ସୁନ୍ଦର ଦେଖାଯାଏନି। ତେଣୁ ବଡ଼ ଆଖି ଥିବା ମହିଳାମାନେ ମୋଟା କଳା ଲଗାଇଲେ ଏହା ଆଖି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ।

## ମୋତି ନିର୍ମିତ ହୁପ୍ ଇୟରିଂ

**ମୁଖମଣ୍ଡଳର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ କାନଫୁଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ବଜାରରେ ଭଳିକିଭଳି ଇମିଟେସନ୍‌ର କାନଫୁଲ ମିଳୁଛି। ହେଲେ ହାତ ତିଆରି କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିଲେ ମୋତି ବ୍ୟବହାର କରି ଘରେ ଆକର୍ଷଣୀୟ କାନଫୁଲ ତିଆରି ପାରିବେ।**



**ଗୋଲାକାର ପର୍ଲ ଇୟରିଙ୍ଗ୍**

ଗୋଲାକାର ରିଙ୍ଗ୍ କାନଫୁଲ ପିନ୍ଧିବାକୁ ଚାହୁଁଥିଲେ ସୁନେଲି ତାରରେ ମୋତିମାଳି ଗୁନ୍ଥି ଏହି କାନଫୁଲ ତିଆରି ପାରିବେ। ଏହା ବିଶେଷ କରି ଧଳା ରଙ୍ଗର ପୋଷାକରେ ଭଲ ମାନିଥାଏ।

**ସିଙ୍ଗଲ୍ ପର୍ଲ**

ଲୁକ୍‌କୁ ପରଫେକ୍ଟ ଏବଂ ଷ୍ଟାଇଲିସ୍ କରିବାକୁ ଚାହୁଁଥିଲେ, ସିଙ୍ଗଲ୍ ପର୍ଲ ଡିଜାଇନ୍ କାନଫୁଲ ପିନ୍ଧିପାରିବେ। ଏ ପ୍ରକାର ଇୟରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରିୟ ହୋଇଥାଏ।

**ହୁପ୍ ଇୟରିଙ୍ଗ୍**

ପାର୍ଟି, ଫଙ୍କସନ୍‌ରେ ନିଜକୁ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଘରେ ଗୋଲଡେନ୍ ୱେୟାର୍ ପର୍ଲ ହୁପ୍ ଡିଜାଇନ କାନଫୁଲ ତିଆରିପାରିବେ। ଏହା ସୁନ୍ଦର ଦିଶିଥାଏ। ମହିଳାଙ୍କ ମଧ୍ୟରେ ଏହି କାନଫୁଲ ଟ୍ରେଣ୍ଡରେ ରହିଛି।




# ନରୱେକୁ ଜିତାଇଲେ ହାଲାଣ୍ଡ

ଡଲାସ, ୧।୭ (ଏଜେନ୍ସି): ଷ୍ଟ୍ରାଇକର ଖେଳାଳି ଏର୍ଲିଙ୍ଗ ହାଲାଣ୍ଡଙ୍କ ଗୋଲ୍ ବଳରେ ଏଠାରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୩୨ ମୁକାବିଲାରେ ନରୱେ ୨-୧ ଗୋଲରେ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ମ୍ୟାଚର ୩୯ତମ ମିନିଟରେ ଆଣ୍ଟୋନିଓ ନୁସାଙ୍କ ଗୋଲ୍ ବଳରେ ନରୱେ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ୭୪ତମ ମିନିଟରେ ଆମାଦ ଡିଆଲୋଙ୍କ ଗୋଲ୍ ସହାୟତାରେ ଆଇଭରୀ କୋଷ୍ଟ ମ୍ୟାଚକୁ ୧-୧'ର ବରାବରସ୍ତରକୁ ଆଣିଥିଲା। ତେବେ ଆଇଭରୀ କୋଷ୍ଟର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୮୬ତମ ମିନିଟରେ ଷ୍ଟ୍ରାଇକର ଏର୍ଲିଙ୍ଗ ହାଲାଣ୍ଡ ନରୱେ ପାଇଁ ଦ୍ୱିତୀୟ ତଥା ବିଜୟସୂଚକ ଗୋଲଟି ଦେଇଥିଲେ। ଫଳରେ ଫିଫା ବିଶ୍ୱକପ ଇତିହାସରେ ପ୍ରଥମଥର ନକ୍‌ଆଉଟ୍ ଖେଳିଥିବା ଆଇଭରୀ କୋଷ୍ଟ ରାଉଣ୍ଡ-୩୨ରେ ଅଭିଯାନ ଶେଷ କରିଛି। ନରୱେ ପ୍ରି-କ୍ୱାର୍ଟରେ ବ୍ରାଜିଲକୁ ରବିବାର ରାତିରେ ଭେଟିବ।

# ବିଜୟ ଉତ୍ସବ ପାଳନବେଳେ ମେକ୍ସିକୋ ସିଟିରେ ୩ଜଣଙ୍କ ମୃତ୍ୟୁ

ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଇକ୍ୱେଡରକୁ ୨-୦ ଗୋଲରେ ହରାଇ ମେକ୍ସିକୋ ଏହି ସଫଳତା ପାଇଛି। ସେହିଭଳି ଦୀର୍ଘ ୪୦ ବର୍ଷ ପରେ ମେକ୍ସିକୋ ଫିଫା ବିଶ୍ୱକପର ନକଆଉଟରେ ବିଜୟସ୍ୱାଦ ଚାଖିଛି। ଏହି ପ୍ରତୀକ୍ଷିତ ବିଜୟ ପରେ ମେକ୍ସିକୋ ସିଟିରେ ଲକ୍ଷ ଲକ୍ଷ ଘରୋଇ ପ୍ରଶଂସକ ଏକାଠି ହୋଇ ବିଶାଳ ଉତ୍ସବ ପାଳନ କରିଥିଲେ। ମୁଖ୍ୟତଃ ଏଞ୍ଜେଲ ଅଫ୍ ଇଣ୍ଡିପେଣ୍ଡେନ୍ସ ସ୍ମାରକୀ ଚାରିପାଖରେ ୧୦ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇ ଉତ୍ସବ ମନାଇଥିଲେ। ଫଳରେ ଶ୍ୱାସରୁଦ୍ଧ ହୋଇ ୩ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପ୍ରାଣ ହରାଇଥିବା ପ୍ରଶଂସକଙ୍କ ମଧ୍ୟରେ ଜଣେ ୧୯ ବର୍ଷୀୟା ଓ ୪୮ ବର୍ଷୀୟା ମହିଳା ରହିଛନ୍ତି। ସେହିଭଳି ଜଣେ ୪୪ ବର୍ଷୀୟ ପୁରୁଷ ପ୍ରଶଂସକ ମଧ୍ୟ ପ୍ରାଣ ହରାଇଛନ୍ତି।

# ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇଲା କେରଳ ସଂଘ

ତିରୁଅନନ୍ତପୁରମ, ୧।୭ (ଏଜେନ୍ସି): କେରଳ କ୍ରିକେଟ ଆସୋସିଏସନ (କେସିଏ) ବୁଧବାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଏସ. ଶ୍ରୀସନ୍ଥଙ୍କ



ଉପରେ ଲଗାଇଥିବା ୩ ବର୍ଷର ବାସନ୍ଦ ଦଣ୍ଡାଦେଶକୁ ହଟାଇ ଦେଇଛି। କେସିଏ ବିରୁଦ୍ଧରେ ମାନହାନିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ସଂଘ ଗତବର୍ଷ ୪୩ ବର୍ଷୀୟ ଶ୍ରୀସନ୍ଥଙ୍କ ଉପରେ ତିନି ବର୍ଷର ବାସନ୍ଦ ଲଗାଇଥିଲା। ସଂଘ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କେସିଏ ଏହି ବାସନ୍ଦ ହଟାଇବା ପାଇଁ ନିଷ୍ପତ୍ତି ନେଇଛି। ଶ୍ରୀସନ୍ଥ କେସିଏ ବିରୁଦ୍ଧରେ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲେ। ଏହି ଆଧାରରେ କେସିଏ ତାଙ୍କ ଉପରୁ ବାସନ୍ଦ ଉଠାଇ ଦେଇଛି। ଉଲ୍ଲେଖଯୋଗ୍ୟ, ଗତ କେରଳ କ୍ରିକେଟ ଲିଗ୍ (କେସିଏଲ) ମ୍ୟାଚ୍ ପୂର୍ବରୁ ଶ୍ରୀସନ୍ଥଙ୍କ ଉପରେ ଏହି ବାସନ୍ଦ ଲାଗୁ କରାଯାଇଥିଲା।

# ଏମ୍‌ବାପ୍ପେ ମ୍ୟାଜିକ୍; ପ୍ରି-କ୍ୱାର୍ଟରରେ ଫ୍ରାନ୍ସ

ନ୍ୟୁୟର୍କ, ୧।୭ (ଏଜେନ୍ସି):

ଷ୍ଟାର୍ ଷ୍ଟ୍ରାଇକର କିଲିଆନ ଏମ୍‌ବାପ୍ପେଙ୍କ ଡବଲ୍ ଗୋଲ୍ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଏକ ମ୍ୟାଚରେ ଶକ୍ତିଶାଳୀ ଫ୍ରାନ୍ସ ୩-୦ ଗୋଲ୍‌ରେ ସ୍ୱିଡେନକୁ ପରାସ୍ତ କରିଛି। ଦୁଇଥରର ବିଶ୍ୱବିଜେତା ଫ୍ରାନ୍ସ ଏହି ବିଜୟ ସହ ବିଶ୍ୱକପ୍‌ର ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରି-କ୍ୱାର୍ଟରରେ ଫ୍ରାନ୍ସର ମୁକାବିଲା ଶନିବାର ରାତିରେ ପାରାଗୁଏ ସହ ହେବ। ଅପରପକ୍ଷରେ ପରାଜୟ ସହ ସ୍ୱିଡେନର ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି।

ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ଏକ ନମ୍ବର ଦଳ ଫ୍ରାନ୍ସକୁ ଆରମ୍ଭରୁ ସ୍ୱିଡେନ କଡ଼ା ଟକ୍କର ଦେଇଥିଲା। ବିଶ୍ୱ ମାନ୍ୟତାର ୩୭ତମ ସ୍ଥାନରେ ରହିଥିବା ସ୍ୱିଡେନର ଶକ୍ତିଶାଳୀ ରକ୍ଷଣାଭାଗକୁ ଫ୍ରାନ୍ସ ଷ୍ଟ୍ରାଇକରମାନେ ଭେଦ କରିବାରେ ବିଫଳ ହୋଇଥିଲେ। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୫ତମ)ରେ ଫ୍ରାନ୍ସ ଖାତା ଖୋଲିବାରେ ସଫଳ ହୋଇଥିଲେ। ଓଉସମାନ ଡେମ୍ବେଲଙ୍କ ପାସକୁ ଉଦୀୟମାନ ଷ୍ଟ୍ରାଇକର ଏମ୍‌ବାପ୍ପେ କୌଣସି ତ୍ରୁଟି ନ କରି ବଲ୍‌କୁ ସ୍ୱିଡେନ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଫ୍ରାନ୍ସ ୧-୦ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଫ୍ରାନ୍ସ ଖେଳାଳି ଅଧିକ ଆକ୍ରମଣାତ୍ମକ ମନୋଭାବ ନେଇ ପଡ଼ିଆକୁ ଆସିଥିଲେ। ୫୩ତମ ମିନିଟ୍‌ରେ ବ୍ରାଡଲୀ ବାର୍କୋଲାଙ୍କ ଗୋଲ୍ ଫ୍ରାନ୍ସର ଅଗ୍ରଣୀକୁ ୨-୦କୁ ବୃଦ୍ଧି କରିଥିଲା।




## କ୍ଲୋଜଙ୍କୁ ଟପିଲେ ଏମ୍‌ବାପ୍ପେ

ଫ୍ରାନ୍ସର ଷ୍ଟାର ଖେଳାଳି କିଲିଆନ ଏମ୍‌ବାପ୍ପେ ସ୍ୱିଡେନ ବିପକ୍ଷରେ ଡବଲ୍ ଗୋଲ୍ ଦେଇ ଦଳକୁ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପହଞ୍ଚାଇଛନ୍ତି। ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ଏମ୍‌ବାପ୍ପେ ଦ୍ୱିତୀୟ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି। ୨୭ ବର୍ଷୀୟ ଏମ୍‌ବାପ୍ପେ ବର୍ତ୍ତମାନ ବିଶ୍ୱକପରେ ମୋଟ୍ ୧୮ ମ୍ୟାଚ୍ ଖେଳି ୧୮ଟି ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ୧୯ ଗୋଲ୍ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତୃତୀୟ ସ୍ଥାନରେ ରହିଥିବା ଜର୍ମାନୀର ପୂର୍ବତନ ଖେଳାଳି ମିରୋସ୍ଲାଭ କ୍ଲୋଜ ୧୬ଟି ଗୋଲ୍ ଦେଇଛନ୍ତି। ଫଳରେ ବିଶ୍ୱକପ୍‌ର ଟପ୍ ସ୍କୋରର ହେବା ଲାଗି ଚଳିତ ଟୁର୍ଣ୍ଣାମେଣ୍ଟରେ ମେସି ଓ ଏମ୍‌ବାପ୍ପେଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ସେହିଭଳି ଚଳିତ ବିଶ୍ୱକପ୍‌ରେ ମେସି ଓ ଏମ୍‌ବାପ୍ପେ ଉଭୟ ୬ଟି ଲେଖାଏ ଗୋଲ୍ ଦେଇ ଗୋଲ୍ଡେନ ବୁଟ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି।


ଏହାପରେ ଦ୍ୱିତୀୟାର୍ଦ୍ଧର ଟାଇମ ଆଉଟ୍ ପରେ ଏମ୍‌ବାପ୍ପେଙ୍କ କମାଲ ପୁଣିଥରେ ଦେଖିବାକୁ ମିଳିଥିଲା। ୭୪ତମ ମିନିଟରେ ଏମ୍‌ବାପ୍ପେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପାଇଁ ତୃତୀୟ ଗୋଲ୍ ଦେଇଥିଲେ। ୩-୦ ଗୋଲ୍‌ରେ ପଛୁଆ ରହିବା ପରେ ସ୍ୱିଡେନ ଖେଳାଳିମାନେ ମ୍ୟାଚକୁ ଫେରିବା ଲାଗି ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବିଜୟ ସହ ଫ୍ରାନ୍ସ ଏକାଧିକ ରେକର୍ଡ କରିଛି। ବିଶ୍ୱକପ୍ ଇତିହାସର ପ୍ରଥମ ଦଳ ଭାବେ ଫ୍ରାନ୍ସ କ୍ରମାଗତ ୫ଟି ମ୍ୟାଚରେ ୩ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଗୋଲ ଦେବାରେ ସମର୍ଥ ହୋଇଛି। ସେହିଭଳି ଫ୍ରାନ୍ସ କୋଚ୍ ଡିଡିଅର ଡେଶ୍ଚାମ୍ପ ଫିଫା ବିଶ୍ୱକପ୍ ନକ୍‌ଆଉଟ୍‌ରେ ତାଙ୍କର ୯ମ ବିଜୟ ହାସଲ କରିଛନ୍ତି। ଯାହାକି ଫିଫା ବିଶ୍ୱକପ୍ ଇତିହାସରେ କୌଣସି କୋଚ୍ ପାଇଁ ସର୍ବାଧିକ ନକ୍‌ଆଉଟ୍ ବିଜୟର ରେକର୍ଡ ହୋଇଛି।

# ଇକ୍ୱେଡରର ବିଦା; ରାଉଣ୍ଡ-୧୬ରେ ମେକ୍ସିକୋ
# ୪୦ ବର୍ଷ ପରେ ମେକ୍ସିକୋର ପ୍ରତୀକ୍ଷିତ ବିଜୟ



ମେକ୍ସିକୋ ସିଟି, ୧।୭ (ଏଜେନ୍ସି): ସହ-ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ର ୭ମ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସକାଳେ ମେକ୍ସିକୋ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଏକପାଖିଆ ମ୍ୟାଚରେ ଘରୋଇ ମେକ୍ସିକୋ ୨-୦ ଗୋଲ୍‌ରେ ଇକ୍ୱେଡରକୁ ହରାଇଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ମେକ୍ସିକୋ ଦୁଇଟିଯାକ ଗୋଲ୍ ଦେଇଥିଲା। ୨୨ତମ ମିନିଟରେ ଜୁଲିଆନ କ୍ୱିନୋନ୍ସଙ୍କ ଗୋଲ୍ ସହାୟତାରେ ମେକ୍ସିକୋ ଖାତା ଖୋଲିଥିଲା। ଏହାର ୯ ମିନିଟ ପରେ ମେକ୍ସିକୋ ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ୩୧ତମ ମିନିଟରେ ରାଉଲ ଜିମେଞ୍ଜ ମେକ୍ସିକୋ ପାଇଁ ଏହି ଦ୍ୱିତୀୟ ଗୋଲଟି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ମେକ୍ସିକୋ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଇକ୍ୱେଡର ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା। କିନ୍ତୁ ମେକ୍ସିକୋ ଡିଫେନ୍ସ କୌଣସି ସୁଯୋଗ ଦେଇ ନ ଥିଲେ। ଶେଷରେ ମେକ୍ସିକୋ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍, ପାସ୍ ଆକ୍ୟୁରେସି, ପୋଜେସନ ଆଦିରେ ମେକ୍ସିକୋଠାରୁ ଇକ୍ୱେଡର ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟ ସାଥ୍ ଦେଇ ନ ଥିଲା।

ଅପରପକ୍ଷରେ ଘରୋଇ ମେକ୍ସିକୋ ଦୀର୍ଘ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବିଶ୍ୱକପ୍‌ରେ ନକ୍‌ଆଉଟ୍ ବିଜୟ ସ୍ୱାଦ ଚାଖିଛି। ଶେଷଥର ଲାଗି ମେକ୍ସିକୋ ୧୯୮୬ ସଂସ୍କରଣରେ ଏକ ନକ୍‌ଆଉଟ୍ ମ୍ୟାଚ୍ ଜିତିଥିଲା। ଏହାପରେ ୧୯୯୪ରୁ ୨୦୧୮ ପର୍ଯ୍ୟନ୍ତ ମେକ୍ସିକୋ ରାଉଣ୍ଡ-୧୬ରେ ହିଁ ଅଟକିଯାଉଥିଲା। ସେହିଭଳି ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଘରୋଇ ପରିବେଶରେ ଖେଳୁଥିବାରୁ ମେକ୍ସିକୋ ଆଗକୁ ଆହୁରି ବିପର୍ଯ୍ୟୟ ଘଟାଇବାକୁ ଲକ୍ଷ୍ୟ ରଖିଛି।



| ଫିଫା ବିଶ୍ୱକପ୍ |
|---|
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ଗୁରୁବାର ରାତି |
| ସ୍ପେନ-ଅଷ୍ଟ୍ରିଆ |
| ଲସ୍ ଆଞ୍ଜେଲ୍ସ, ରାତି ୧୨ଟା ୩୦ |
| ଶୁକ୍ରବାର ସକାଳ |
| ପର୍ତ୍ତୁଗାଲ-କ୍ରୋଏସିଆ |
| ଟରୋଣ୍ଟୋ, ଭୋର ୪ଟା ୩୦ |
| ସୁଇଜରଲାଣ୍ଡ-ଆଲଜେରିଆ |
| ଭାଙ୍କୋଭର, ସକାଳ ୮ଟା ୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ଜାତୀୟ ପେଞ୍ଚାକ ସିଲାଟରେ ଓଡ଼ିଶାକୁ ୨୭ ପଦକ

ଭୁବନେଶ୍ୱର, ୧।୭ (ସମିସ): ମହାରାଷ୍ଟ୍ରର ନାସିକଠାରେ ଶେଷ ହୋଇଥିବା ଜାତୀୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚକସିଲାଟ ଚାମ୍ପିଅନସିପରେ ଓଡ଼ିଶା ମୋଟ୍ ୨୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୧୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଛି। ପ୍ରତିଯୋଗିତାରେ ଓଡ଼ିଶା ଚତୁର୍ଥ ରନର୍ସଅପ୍ ହୋଇଛି। ନନ୍ଦିତା ଠାକୁର, ଅନ୍ୱେଷା ପାତ୍ର, ପଲ୍ଲବ ମହାନା, ସମୀକ୍ଷା ପି. ମହାନ୍ତ, ଅନୁଷ୍କା ପ୍ରିୟା ନାୟକ, ସ୍ନେହା ସାମନ୍ତରାୟ, ଶେଖର ଥାପା, ସମ୍ପୂର୍ଣ୍ଣା ମିଶ୍ର, ପ୍ରିଶା କର, ଅଭିମନ୍ୟୁ ବସ୍ତି, ଅନନ୍ୟା କୋହଲି ଓ ସ୍ନେହାଞ୍ଜଳି ସାହୁ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଓଡ଼ିଶାରୁ ମୋଟ୍ ୬୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଓଡିଶା ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ସଂଘର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାହୁଲ ସା, ପ୍ରକାଶ ବେହେରା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।

## ଜାତୀୟ ଜୁନିଅର ହକି କ୍ୟାମ୍ପ
# ଓଡ଼ିଶା ନାଭାଲ ଟାଟା ଏଚ୍‌ପିସିର ୧୪ ଖେଳାଳିଙ୍କୁ ସୁଯୋଗ

ଭୁବନେଶ୍ୱର, ୧।୭ (ସମିସ): ଜାତୀୟ ଜୁନିଅର କ୍ୟାମ୍ପ ପାଇଁ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର(ଏଚ୍‌ପିସି)ର ୧୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଯେଉଁଥିରେ ୯ଜଣ ବାଳକ ଏବଂ ୫ଜଣ ବାଳିକା ରହିଛନ୍ତି। ଅନମୋଲ ଏକ୍କା, ଆଡ୍ରୋହିତ ଏକ୍କା, ରୋହିତ କୁଲ୍ଲୁ, ମୁକେଶ ଟପ୍ପୋ, ବିବେକ ଲାକ୍ରା, ସଞ୍ଜିତ ତିର୍କୀ, ନୀତେଶ ମିଞ୍ଜ, ଅଧିକାରୀମାୟୁମ ସୁରେଶ ଶର୍ମା ଓ ଆର୍ଯ୍ୟନ ଖେସ୍ ବାଳକ ଜୁନିଅର କ୍ୟାମ୍ପରେ ସ୍ଥାନ ପାଇଛନ୍ତି। ସେହିପରି ନିହାରିକା ଟପ୍ପୋ, ଦ୍ରୌପଦୀ ନାଏକ, ସୋନାଲି ଏକ୍କା, ସୁପ୍ରିୟା କୁଜୁର ଓ ଏଞ୍ଜେଲ ହର୍ଷରାଣୀ ମିଞ୍ଜଙ୍କୁ ବାଳିକା କ୍ୟାମ୍ପ ଲାଗି ମନୋନୀତ କରାଯାଇଛି। ସେହିପରି ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଗସ୍ତ ପାଇଁ ଏଚ୍‌ପିସିର ଦୁଇ ପ୍ରତିଭାବାନ ମହିଳା ଖେଳାଳି ଏଞ୍ଜିଲ ହର୍ଷରାଣୀ ମିଞ୍ଜ ଏବଂ ସୁପ୍ରିୟା କୁଜୁରଙ୍କୁ ମନୋନିତ କରାଯାଇଛି। ଏହି ସଫଳତା ସମ୍ପର୍କରେ ହକି ଏସିଇ ଫାଉଣ୍ଡେସନର ସିଇଓ ତଥା ଟାଟା ଷ୍ଟିଲ୍ ଫାଉଣ୍ଡେସନର ସ୍କିଲ୍ ଡେଭଲପମେଣ୍ଟ, ଡିସାବିଲିଟି ଓ ସ୍ପୋର୍ଟ୍ସ ହେଡ୍ କ୍ୟାପଟେନ ଅମିତାଭ କହିଛନ୍ତି, "ଏହା ଓଡ଼ିଶା ନଭାଲ ଟାଟା ହକି ହାଇ ପଫରମାନ୍ସ ସେଣ୍ଟର ପାଇଁ ଗର୍ବର ମୁହୂର୍ତ୍ତ। ଆମ ଖେଳାଳିମାନଙ୍କ ନିଷ୍ଠା ଏବଂ କୋଚ୍ ତଥା ସପୋର୍ଟ ଷ୍ଟାଫ୍‌ଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ। ଏହି ସଫଳତା ଏଚ୍‌ପିସିର ଅନ୍ୟ ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ।'

## ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍
# ଅଭିଷେକଙ୍କୁ ହଟାଇ ପ୍ରଥମଥର ଶୀର୍ଷରେ ଇଶାନ

ଦୁବାଇ, ୧।୭ (ଏଜେନ୍ସି): ୱିକେଟ୍‌କିପର ଇଶାନ କିଶାନ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର ହୋଇଛନ୍ତି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ସଦ୍ୟ ପ୍ରକାଶିତ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ଇଶାନ ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସେ ସାଥୀ ଭାରତୀୟ ଖେଳାଳି ଅଭିଷେକ ଶର୍ମାଙ୍କୁ ହଟାଇ କ୍ୟାରିୟରରେ ପ୍ରଥମଥର ଲାଗି ବ୍ୟାଟିଂ ତାଲିକାର ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ଇଶାନଙ୍କ ରେଟିଂ ପଏଣ୍ଟ ୮୭୬ ରହିଛି। ଦୀର୍ଘ ୧୧ ମାସ ଧରି ଏକ ନମ୍ବର ସ୍ଥାନରେ ରହିଥିବା ଅଭିଷେକ ୮୬୯ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ସଦ୍ୟ ସମାପ୍ତ ଆୟର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜର ପ୍ରଦର୍ଶନକୁ ଆଧାରିତ କରି ଏହି ର୍‍ୟାଙ୍କିଙ୍ଗ ଅପଡେଟ୍ ହୋଇଛି। ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିବା ଅନ୍ୟ ଦୁଇ ଭାରତୀୟ ବ୍ୟାଟର ହେଲେ ତିଲକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ। ତିଲକ ପୂର୍ବଭଳି ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଗୋଟିଏ ପାହାଚ ତଳକୁ ଖସି ୮ମ ସ୍ଥାନ ଲାଭ କରିଛନ୍ତି। ପାକିସ୍ତାନର ଶାହିବଜାଦ ଫରହାନ, ଇଂଲଣ୍ଡର ଫିଲ୍ ସଲ୍ଟ ଓ ଶ୍ରୀଲଙ୍କାର ପାଥୁମ ନିଶାଙ୍କ ଯଥାକ୍ରମେ ୩ୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି।

ଅପରପକ୍ଷରେ ବୋଲିଂ ତାଲିକାରେ ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ବରୁଣ ଓ ବୁମରା ଯଥାକ୍ରମେ ୩ୟ ଓ ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ଆଫଗାନିସ୍ତାନର ରଶିଦ ଖାନ ଓ ପାକିସ୍ତାନର ଆବରାର ଅହମ୍ମଦ ଯଥାକ୍ରମେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

# ୱିମ୍ବଲଡନ: ପ୍ରତ୍ୟାବର୍ତ୍ତନର ୪ ବର୍ଷ ପରେ ହାରିଲେ ସେରେନା



ଲଣ୍ଡନ, ୧।୭ (ଏଜେନ୍ସି): ଅବସରର ଦୀର୍ଘ ୪ ବର୍ଷ ପରେ ପୁଣିଥରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୱିମ୍ବଲଡନର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରତ୍ୟାବର୍ତ୍ତନ ପରେ ନିଜର ପ୍ରଥମ ସିଙ୍ଗଲ୍ସ ମ୍ୟାଚ୍ ଏଠାରେ ଖେଳିଥିବା ୪୪ ବର୍ଷୀୟା ସେରେନା ୩-୬, ୭-୬, ୩-୬ ସେଟରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କ ନିକଟରୁ ହାରିଯାଇଛନ୍ତି। ୱିମ୍ବଲଡନରେ ସିଙ୍ଗଲ୍ସ ଓ ଡବଲ୍ସରେ ମୋଟ ୧୩ଟି ଟାଇଟଲ ଜିତିଥିବା ସେରେନା ଏବେ ମହିଳା ଡବଲ୍ସରେ ଭଉଣୀ ଭେନସଙ୍କ ସହ ମିଶି ଖେଳିବେ। ଉଲ୍ଲେଖଯୋଗ୍ୟ ୨୩ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୨୦୨୨ରେ ପ୍ରଫେସନାଲ ଟେନିସରୁ ଅବସର ନେଇଥିଲେ। ତେବେ ୪ ବର୍ଷ ପରେ ଗତ ମାସରେ ସେ ପୁଣିଥରେ କୋର୍ଟକୁ ଫେରି କେବଳ ମହିଳା ଡବଲ୍ସ ଖେଳିଥିଲେ। ଏବେ ସେ ୱିମ୍ବଲଡନରେ ପ୍ରଥମ ସିଙ୍ଗଲ୍ସ ଖେଳିଛନ୍ତି। ସେରେନାଙ୍କର 'ଅଲିମ୍ପିଆ' ଓ 'ଆଦ୍ରିରା' ନାମକ ଦୁଇଟି କନ୍ୟା ରହିଛନ୍ତି।

# ଜେଏମ୍ ଏକାଡେମୀରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୧।୭ (ସମିସ): ସ୍ଥାନୀୟ ଜେଏମ୍ କ୍ରୀଡ଼ା ଏକାଡେମୀଠାରେ ବୁଧବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଛି। କ୍ରୀଡ଼ାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ରାଜ୍ୟର କିଛି ଆଗଧାଡ଼ିର ସାମ୍ବାଦିକ ଓ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ କ୍ରୀଡ଼ା ସମ୍ବାଦିକ ସନ୍ତୋଷ ମହାନ୍ତି, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଭଜିତ ଜେନା, ବିଜୟ ଖୁଣ୍ଟିଆ, ତପନ ମହାରଣା, ମନୋଜ ସ୍ୱାଇଁ ଏବଂ ବିଶିଷ୍ଟ ସମାଜସେବୀ ବିକାଶ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସନାତନ ପାଣି, ସମ୍ମାନିତ ଅତିଥି ପାରା କ୍ରୀଡ଼ାବିତ୍ ରଖାଲ ସେଠୀ ଏବଂ 'ଦୂରଦର୍ଶୀ' ପତ୍ରିକାର ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ରହିଥିଲେ। ଜେଏମ୍ କ୍ରୀଡ଼ା ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଏବଂ ପ୍ରଯୋଜକ ଅତିଶ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ଉଦଘାଟିତ

ଭୁବନେଶ୍ୱର, ୧।୭ (ସମିସ):

ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବୁଲ୍ସଆଇ ଅର୍ଗାନାଇଜେସନର



ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ ଦିନ ଧରି ଖେଳାଯିବ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ମେଘାଳୟ ୧୦-୦ ଗୋଲରେ ଆସାମକୁ ଓ ନାଗାଲାଣ୍ଡ ୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ସେହିଭଳି ଆୟୋଜକ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଅପରପକ୍ଷରେ ପଦ୍ମିନୀ ଟୁଡୁଙ୍କ ଡବଲ ଗୋଲ୍ ବଳରେ ଓଡ଼ିଶା ମହିଳା ଦଳ ୩-୦ ଗୋଲ୍‌ରେ ମେଘାଳୟକୁ ହରାଇଛି। ସରସ୍ୱତୀ ମୁର୍ମୁ ଓଡ଼ିଶା ପାଇଁ ଅନ୍ୟତମ ଗୋଲଟି ଦେଇଥିଲେ। ଓଡ଼ିଶାରେ ପ୍ରଥମଥର ଆୟୋଜିତ ଏହି ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ସୁଧାକର ନାୟକ ଅତିଥିଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଏସଡି ଧୀରଜ ପଟ୍ଟନାୟକ, କ୍ଷଣପ୍ରଭା ମହାନ୍ତି, ସନ୍ତୋଷିନୀ ଜୈନ ଓ ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଉପସ୍ଥିତ ରହିଥିଲେ।

# ଫାଓ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧।୭ (ସମିସ): କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଏମଜିଏମ୍ ଫାଓ ଲିଗ୍‌ର ୨୦୨୬ତମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ୨୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ସନରାଇଜ କ୍ଲବ ୩-୦ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ସିଏମସି କମିଶନର କୀରନଦୀପ୍ କୌର ସାହୋତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, ବୀରେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ବିଶ୍ୱ ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS